ଧରିତ୍ରୀ
DHARITRI
ବୁଧବାର, ଅକ୍ଟୋବର ୨୭/୨୦୨୧ | Wednesday, October 27/2021 | ପୃଷ୍ଠା-୧



## ନୋର୍ଜ ପ୍ଲେୟର ଅଫ୍ ଦି ମ୍ୟାଚ

ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଅନରିଚ ନୋର୍ଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୦୬

୦୫

## କାର୍‌ଗିଲ୍ ଯୁଦ୍ଧବେଳେ ରବିନାଙ୍କୁ ମାଗିଥିଲା ପାକ୍

କାର୍‌ଗିଲ୍ ଯୁଦ୍ଧବେଳେ ଭାରତୀୟ ଶହୀଦ ଯବାନଙ୍କ ମୃତଦେହ ପଠାଇବା ବଦଳରେ ଅଭିନେତ୍ରୀ ରବିନା ଟଣ୍ଡନଙ୍କୁ ମାଗିଥିଲା ପାକିସ୍ତାନ।





କାଲିଫର୍ନିଆର ମାମୋଥ୍ ଲେକ୍ସରେ ତୁଷାରପାତ ଯୋଗୁ ସୃଷ୍ଟି ହୋଇଥିବା ବିଶାଳ ବରଫ ଆସ୍ତରଣ।

# ରାଧେ, ଗୋବିନ୍ଦରେ ତଦନ୍ତ ସୀମିତ

**ବଲାଙ୍ଗୀର ଅଫିସ,୨୬।୧୦**

ମମିତା ମେହେର ଅପହରଣ ଓ ହତ୍ୟା ଘଟଣା ରାଜ୍ୟ ରାଜନୀତିକୁ ଦୋହଲାଇ ଦେଇଛି। ପୋଲିସ ଏହି ଘଟଣାକୁ ସୁଚିନ୍ତିତ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି କହୁଛି। ଘଟଣା ପଛରେ ମାତ୍ର ଦୁଇଜଣ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ରାଧେଶ୍ୟାମ ଚଣ୍ଡୀ ସମ୍ପୃକ୍ତ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଅପହରଣ ଏବଂ ହତ୍ୟା ଘଟଣାକୁ ଇତିମଧ୍ୟରେ ୧୯ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଘଟଣା ପଛର କାରଣ ସମ୍ପର୍କରେ ଅଧିକ ଖୋଳତାଡ଼ ନ କରି କେବଳ ପରକୀୟା ପ୍ରୀତି ପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା କହି ଚୁପ୍ ହୋଇ ବସିଯାଇଛି। ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତାଙ୍କୁ ଯେଭଳି ଭାବେ ଅଭିଯୁକ୍ତ ଗୋବିନ୍ଦ ସାହୁ ଅପହରଣ କରି ହତ୍ୟା କରିବା ପରେ ସମ୍ପୂର୍ଣ୍ଣ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଛନ୍ତି ସେଥିରୁ ମାମଲାର ଗମ୍ଭୀରତା ଦେଖାଯାଉଛି। ମାତ୍ର ପୋଲିସ ପୀଡ଼ିତା ପରିବାରଙ୍କ ଅଭିଯୋଗ ଅନୁଯାୟୀ ସିଆରପିସି ଅନୁଯାୟୀ କେବଳ ଅପହରଣ ଏବଂ ହତ୍ୟା ଦିଗକୁ ହିଁ ତଦନ୍ତ ପରିସରଭୁକ୍ତ କରାଯାଇଛି ବୋଲି କହିଛି। ଅନ୍ୟପକ୍ଷେ ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ଏବଂ ଷଡ଼ଯନ୍ତ୍ର ପଛର ଅଭିଯୁକ୍ତଙ୍କ ସମ୍ପୃକ୍ତି ଦିଗକୁ ପୋଲିସ ଆଦୌ ତଦନ୍ତ କରୁ ନ ଥିବାରୁ ସାଧାରଣରେ ପୋଲିସ ତଦନ୍ତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉତ୍ତରାଞ୍ଚଳ ଡିଆଇଜି ଡା. ଦୀପକ କୁମାର ସୋମବାର ଖବରଦାତା ସମ୍ମିଳନୀରେ ଦେଇଥିବା ତଥ୍ୟ ଉପରେ ସନ୍ଦେହ ସୃଷ୍ଟି ହେଉଛି। ଗତ ୧୭ତାରିଖ ରାତିରେ ଅଭିଯୁକ୍ତ ଗୋବିନ୍ଦ ପୋଲିସ ବାରାକ୍‌ରୁ କିଭଳି ଭାବେ ଫେରାର ହେଲେ ସେନେଇ କିଛି ବି ସନ୍ତୋଷଜନକ ☞ପୃଷ୍ଠା-୨

## ମମିତା ମେହେର ହତ୍ୟାକାଣ୍ଡ



### ଟିଟିଲାଗଡ଼ ବାରାକ୍‌ରୁ ଫେରାର ଘଟଣାରେ ମୁହଁ ଖୋଲୁନି ପୋଲିସ

## ହତ୍ୟା ପରେ ଏଫ୍‌ଆଇଆର୍ ଲେଖିଥିଲେ

**ବଲାଙ୍ଗୀର ଅଫିସ,୨୬।୧୦**



ଗୋବିନ୍ଦ ସାହୁ

ଗତ ଅକ୍ଟୋବର ୮ତାରିଖରେ ମମିତା ମେହେର ମହାଲିଙ୍ଗ ସ୍କୁଲ ଯାଉଛି, ମିଟିଂ ଅଛି କହି ଘରୁ ବାହାରିଥିଲେ। ଚାନ୍ଦୋତରାରୁ ଅଭିଯୁକ୍ତ ଗୋବିନ୍ଦ ସାହୁ ତାଙ୍କ କାର୍‌ରେ ମମିତାଙ୍କୁ ନେଇ ଯାଇଥିଲେ। ଭବାନୀପାଟଣାରେ ମାର୍କେଟିଂ କରି ଫେରିବା ବାଟରେ କୁରସୁଡ଼-ବୋର୍ଡା ନିକଟରେ କାରରେ ତଣ୍ଟି ଚିପି ହତ୍ୟା କରିଥିବା ଏବଂ ପରେ ମୃତଦେହକୁ ମହାଲିଙ୍ଗ ଷ୍ଟାଡିୟମରେ ଖୋଳାଯାଇଥିବା ଗାତରେ ପୋତି ପୋତି ଦେଇଥିବା ତଦନ୍ତ ବେଳେ ଗୋବିନ୍ଦ ସ୍ୱୀକାର କରିଥିବା ପୋଲିସ କହୁଛି। ଏତେସବୁ କାଣ୍ଡ ଘଟାଇଲା ପରେ ମଧ୍ୟ ଗୋବିନ୍ଦ ପୋଲିସକୁ ଅନେକ ମିଛ କହୁଥିବା ଏବଂ ଭୁଆଁ ବୁଲାଉଥିବା ଜଣାପଡିଛି। ୮ ତାରିଖ ସକାଳ ୫ଟାରୁ ମମିତା ଘରୁ ମହାଲିଙ୍ଗ ଯିବାପାଇଁ ବାହାରିବା ପରେ ସେହିଦିନ ପୂର୍ବାହ୍ନ ପ୍ରାୟ ୯ଟାରେ ☞ପୃଷ୍ଠା-୨

## ମମିତାଙ୍କ ବାହାଘର ପାଇଁ ପ୍ରସ୍ତୁତି ଚାଲିଥିଲା

ମମିତା ମେହେର (୨୭) ୨୦୧୦ ମସିହାରେ ଝରଣୀ ପଞ୍ଚାୟତ ପବ୍ଲିକ୍ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିଥିଲେ। ସେହିବର୍ଷ ନୂଆକରି ଆରମ୍ଭ ହୋଇଥିବା କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗ ଗ୍ରାମ ଆଞ୍ଚଳିକ ମହାବିଦ୍ୟାଳୟରେ ଯୁକ୍ତଦୁଇରେ ନାମ ଲେଖାଇଥିଲେ। ସେଠାରେ ଦୁଇବର୍ଷ ପାଠ ପଢ଼ିବା ପରେ ଯୁକ୍ତଦୁଇ ପାସ୍ କରିଥିଲେ। ଏହାପରେ ପାଟଣାଗଡ ଜବାହରଲାଲ କଲେଜରୁ ଯୁକ୍ତତିନି ଶେଷ କରିଥିଲେ। ପରେ ରାୟପୁର ରବିଶଙ୍କର ବିଶ୍ୱବିଦ୍ୟାଳୟରୁ ବିଇଡି କରିଥିଲେ। ୨୦୧୮ରେ ସେ ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ ଯୋଗଦେଇଥିଲେ। ସେଠାରେ ଛୋଟ ପିଲାଙ୍କୁ ପାଠ ପଢ଼ାଇ ବେଶ୍ ଲୋକପ୍ରିୟ ହୋଇଥିଲେ। ଏହାପରେ ତାଙ୍କୁ ସ୍କୁଲ ଅଧ୍ୟକ୍ଷା ଦାୟିତ୍ୱ ଦିଆଯାଇଥିଲା। କରୋନା ମହାମାରୀ ଲକ୍‌ଡାଉନ୍ ପରେ ସେ ମହାଲିଙ୍ଗରୁ ଘରକୁ ଫେରି ଆସିଥିଲେ। ଚଳିତବର୍ଷ ମମିତାଙ୍କୁ ବିବାହ କରିବାକୁ ପରିବାର ଲୋକେ ପ୍ରସ୍ତୁତ ହେଉଥିଲେ। ଅନେକ ଭଲ ପ୍ରସ୍ତାବ ବି ଆସିଥିଲା। ପରିବାର ଲୋକେ ଅନେକ ସ୍ୱପ୍ନ ଦେଖିଥିଲେ। ସବୁ ଅଧୁରା ରହିଗଲା। ମମିତାଙ୍କ ହତ୍ୟା ପରେ ମେହେର ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି।

# ମାର୍ଚ୍ଚ ସୁଦ୍ଧା ୧୩ ବିମାନ ବନ୍ଦର ଘରୋଇକରଣ

**ନୂଆଦିଲ୍ଲୀ,୨୬।୧୦**

### ତାଲିକାରେ ଭୁବନେଶ୍ୱର ବିମାନବନ୍ଦର




ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶର ୧୩ ବିମାନ ବନ୍ଦର ଘରୋଇକରଣ ପ୍ରକ୍ରିୟା ସାରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ବିମାନ ବନ୍ଦରଗୁଡ଼ିକ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ଦ୍ୱାରା ପରିଚାଳିତ ହେଉଛି। ଏଏଆଇ ଅଧ୍ୟକ୍ଷ ସଞ୍ଜୀବ କୁମାର ସୋମବାର କହିଛନ୍ତି, ୧୩ ବିମାନ ବନ୍ଦରର ତାଲିକା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ପ୍ରଦାନ କରାଯାଇଛି। ପବ୍ଲିକ ପ୍ରାଇଭେଟ ପାର୍ଟନେରଶିପ (ପିପିପି) ମୋଡ୍‌ରେ ଏଗୁଡିକୁ ପରିଚାଳନା କରିବାକୁ ପ୍ରସ୍ତାବ ରଖାଯାଇଛି। ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏ ସଂକ୍ରାନ୍ତ ବିଭିନ୍ନ ପ୍ରକ୍ରିୟା ଶେଷ କରିବା ନେଇ ଯୋଜନା ରଖାଯାଇଥିବା କୁମାର ସ୍ପଷ୍ଟ କରିଛନ୍ତି।

ପାସେଞ୍ଜର ପିଛା ରାଜସ୍ୱ ମଡେଲରେ ଏହି ବିମାନବନ୍ଦରଗୁଡିକୁ ନିଲାମ କରାଯିବ। ପୂର୍ବରୁ ଗ୍ରେଟର ନୋଏଡାର ଜେୱାର ଏୟାରପୋର୍ଟ ଏହିଭଳି ଭାବେ ନିଲାମ କରାଯାଇଛି। କୋଭିଡ୍ ସତ୍ତ୍ୱେ ମଧ୍ୟ ନିଲାମ ପ୍ରକ୍ରିୟା ସଫଳ ହୋଇଛି। ବର୍ତ୍ତମାନ କୋଭିଡ୍ ସ୍ଥିତିରେ ସୁଧାର ଆସିଥିବା ବେଳେ ପ୍ରସ୍ତାବିତ ବିମାନବନ୍ଦରଗୁଡିକୁ ମଧ୍ୟ ସଫଳ ଭାବେ ନିଲାମ କରିବାକୁ ଯୋଜନା ରଖାଯାଇଛି। ୫୦ ବର୍ଷ ଅବଧି ଲାଗି ଏହି ବିମାନବନ୍ଦରଗୁଡିକୁ ଘରୋଇ ହାତକୁ ସରକାର ଟେକିଦେବେ। ୭ କ୍ଷୁଦ୍ର ବିମାନ ବନ୍ଦର ସହ ୬ ପ୍ରମୁଖ ବିମାନ ବନ୍ଦରକୁ ଏହି ତାଲିକାରେ ସାମିଲ କରାଯାଇଛି। ବିମାନ ବନ୍ଦରଗୁଡ଼ିକ ମଧ୍ୟରେ ବାରାଣସୀ, କୁଶିନଗର, ଗୟା, ଅମ୍ରିତସର, କଙ୍ଗ୍ରା, ଭୁବନେଶ୍ୱର, ତିରୁପତି, ରାୟପୁର, ଔରଙ୍ଗାବାଦ,ଇନ୍ଦୋର, ଜବଲପୁର, ତ୍ରିଚି ଏବଂ ହୁବ୍ଲି ରହିଛି।

ନ୍ୟାଶନାଲ ମନିଟାଇଜେଶନ ପାଇପଲାଇନ (ଏନ୍‌ଏମ୍‌ପି) ଅଧୀନରେ ସରକାର ଆସନ୍ତା ୪ ବର୍ଷରେ ୨୫ ବିମାନ ବନ୍ଦରକୁ ଘରୋଇକରଣ ଯୋଜନା ରଖିଛନ୍ତି। ଏହା ମଧ୍ୟରେ ବର୍ତ୍ତମାନର ପ୍ରସ୍ତାବିତ ୧୩ ବିମାନ ☞ପୃଷ୍ଠା-୨



କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍‌ରୁ ଉଦ୍ଧାର ହୋଇଥିବା ହାତୀ ଶାବକ ମଙ୍ଗଳବାର ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନସ୍ଥିତ ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରରେ ପହଞ୍ଚିଛି। ସେଠାରେ ଛୁଆ ହାତୀର ଯତ୍ନ ନିଆଯାଉଛି। (ରିପୋର୍ଟ: ପୃଷ୍ଠା-୩)

# ଆର୍ଯ୍ୟନଙ୍କୁ ଜେଲ ନୁହେଁ, ରିହାବ୍ ଲୋଡ଼ା

## ଡ୍ରଗ୍ସ ପାର୍ଟି ମାମଲା: ହାଇକୋର୍ଟରେ ଝୁଲିଲା ଜାମିନ ଶୁଣାଣି

**ମୁମ୍ବାଇ,୨୬।୧୦**

କ୍ରୁଜ୍ ଶିପ୍ ଡ୍ରଗ୍ସ କେସ୍‌ରେ ଗିରଫ ଆର୍ଯ୍ୟନ ଖାନ୍, ଅରବାଜ ମର୍ଚ୍ଚାଣ୍ଟ ଓ ମୁନ୍‌ମୁନ୍ ଧମେଚାଙ୍କ ପକ୍ଷରୁ କରାଯାଇଥିବା ଜାମିନ ଆବେଦନର ଶୁଣାଣି ମଙ୍ଗଳବାର ବମ୍ବେ ହାଇକୋର୍ଟରେ ଶେଷ ହୋଇପାରି ନାହିଁ। ବୁଧବାର ଅପରାହ୍ନ ୨ଟା ୩୦ରେ ହାଇକୋର୍ଟ ଏହାର ବିଚାର କରିବେ ବୋଲି ଧାର୍ଯ୍ୟ କରିଛନ୍ତି। ତିନିଜଣଙ୍କ ଜାମିନ ଆବେଦନକୁ ସ୍ୱତନ୍ତ୍ର ଏନ୍‌ଡିପିଏସ୍ କୋର୍ଟ ବିଚାରପତି ଭି.ଭି. ପାଟିଲ ଖାରଜ କରିଦେବା ପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଏହି ତିନିଜଣଙ୍କ ବିରୋଧରେ ଡ୍ରଗ୍ସ କିଣିବା, ବ୍ୟବହାର କରିବା, ଅପରାଧ ଘଟାଇବା ପାଇଁ ଉଦ୍ୟମ, ଷଡ଼ଯନ୍ତ୍ର ରଚିବା ଭଳି ସାଂଘାତିକ ଅଭିଯୋଗ ଆଣି ଏନ୍‌ଡିପିଏସ୍ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି। ଜଷ୍ଟିସ୍ ଏନ୍.ଡବ୍ଲ୍ୟୁ ସାମ୍ବ୍ରେଙ୍କ ଖଣ୍ଡପୀଠରେ ଆର୍ଯ୍ୟନଙ୍କ ପକ୍ଷରୁ ପୂର୍ବତନ ଆଟର୍ନି ଜେନେରାଲ ମୁକୁଲ ରୋହତଗୀ ଯୁକ୍ତି ବାଢ଼ିଥିବାବେଳେ ଅରବାଜଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅମିତ୍ ଦେଶାଇ ପକ୍ଷ ରଖିଥିଲେ। ଆର୍ଯ୍ୟନଙ୍କୁ ଜେଲ ନୁହେଁ, ରିହାବିଲିଟେଶନ ଲୋଡ଼ା ବୋଲି ରୋହତଗୀ କହିଥିଲେ। ଅନ୍ୟପକ୍ଷେ ଏନ୍‌ସିବି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଅନିଲ ସିଂ ପ୍ରତିନିଧିତ୍ୱ କରିଥିଲେ।

ଅକ୍ଟୋବର ୨ ତାରିଖ ରାତିରେ ମୁମ୍ବାଇରୁ ଗୋଆ ଯାଉଥିବା କାର୍ଡେଲିଆ କ୍ରୁଜ୍‌ରେ ଏନ୍‌ସିବି ଅତର୍କିତ ଚଢ଼ାଉ କରି ବଲିଉଡ୍ ଷ୍ଟାର ଶାହରୁଖ୍ ଖାନଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିଲା। ପରେ ଅନ୍ୟ ୧୨ ଜଣଙ୍କୁ ଏହି ମାମଲାରେ ଧରିଥିଲା। ମୁମ୍ବାଇର ସ୍ୱତନ୍ତ୍ର ଏନ୍‌ଡିପିଏସ୍ କୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ୩ ଅଭିଯୁକ୍ତ ବମ୍ବେ ହାଇକୋର୍ଟଙ୍କୁ ବେଲ୍ ମାଗିଛନ୍ତି। ହାଇକୋର୍ଟରେ ମଙ୍ଗଳବାର ଏହି ହାଇପ୍ରୋଫାଇଲ ମାମଲାର ଶୁଣାଣି ବେଳେ ଏନ୍‌ସିବି ଏହାକୁ ବିରୋଧ କରିଥିଲା। କିଙ୍ଗ୍ ଖାନ୍‌ଙ୍କ ୨୩ ବର୍ଷୀୟ ପୁଅ କେବଳ ଡ୍ରଗ୍ସ ବ୍ୟବହାର କରୁ ନ ଥିଲେ, ବରଂ ସେ ବେଆଇନ ଡ୍ରଗ୍ସ ଚାଲାଣରେ ମଧ୍ୟ ସମ୍ପୃକ୍ତ ଥିଲେ ବୋଲି ଏନ୍‌ସିବି ଓକିଲ ଅନିଲ ସିଂ ଯୁକ୍ତି ବାଢ଼ିବା ସହ ଆର୍ଯ୍ୟନଙ୍କୁ ଜାମିନ ଦିଆ ନ ଯାଉ ବୋଲିଅନୁରୋଧ କରିଥିଲେ। ଡ୍ରଗ୍ସନିରୋଧୀ କେନ୍ଦ୍ରୀୟ ଏଜେନ୍ସି ସତ୍ୟପାଠ ଦାଖଲ କରି ଆହୁରି ଦାବି କରିଛି ଯେ, ଆର୍ଯ୍ୟନଙ୍କ ସହିତ ଶାହରୁଖ୍‌ଙ୍କ ମ୍ୟାନେଜର ପୂଜା ଦଦଲାନି ମିଶି ମାମଲାର ତଦନ୍ତକୁ ବାଟବଣା କରିବା ସକାଶେ ମନ୍ଦ ☞ପୃଷ୍ଠା-୨




## ୩୭୮ ଓଏଏସ୍ ଅଫିସର ନିଯୁକ୍ତି ବୈଧ: ହାଇକୋର୍ଟ

### ସ୍ୟାଟ୍ ନିର୍ଦ୍ଦେଶ ଖାରଜ

**କଟକ ଅଫିସ,୨୬।୧୦**

୨୦୧୦ରେ ଓଡ଼ିଶା ପ୍ରାଶସନିକ ସେବା (ଓଏଏସ୍) ଅଫିସର ଭାବେ ନିଯୁକ୍ତି ପାଇଥିଲେ ୩୭୮ ଜଣ। ସେମାନଙ୍କ ନିଯୁକ୍ତିକୁ ମଙ୍ଗଳବାର ହାଇକୋର୍ଟ ବୈଧ ବୋଲି ଘୋଷଣା କରିବା ସହିତ ଷ୍ଟେଟ ଆଡ୍‌ମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ (ସ୍ୟାଟ୍)ଙ୍କ ନିର୍ଦ୍ଦେଶକୁ ଖାରଜ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୦୬ରେ ୩୭୮ ଓଏଏସ୍ ପଦବୀ ପାଇଁ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୧୦ରେ ଯୋଗ୍ୟ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ମିଲିଟାରୀ ହାତରେ ସୁଦାନ

## ବିନା ଦର୍ଶକରେ ଜୁନିୟର ହକି ବିଶ୍ୱକପ୍

**ଭୁବନେଶ୍ୱର, ୨୬।୧୦ (ପି.ଟି.)**




ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ବିନା ଦର୍ଶକରେ ହେବ। ହକି ଇଣ୍ଡିଆ ତରଫରୁ ମଙ୍ଗଳବାର ସ୍ପଷ୍ଟ କରାଯାଇଛି। ଯଦି ବହୁ ସଂଖ୍ୟକ ଦର୍ଶକ ଟୁର୍ନାମେଣ୍ଟ ଦେଖିବାକୁ ଆସନ୍ତି ତେବେ କୋଭିଡ୍ ପ୍ରୋଟୋକଲକୁ କାର୍ଯ୍ୟକାରୀ କରିବା କଷ୍ଟକର ହେବ ବୋଲି ଆୟୋଜକ ଗଣ ମନେ କରୁଛନ୍ତି। ଏହି ମେଗା ଇଭେଣ୍ଟ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ଖେଳାଯିବା କାର୍ଯ୍ୟକ୍ରମ ରହିଛି। କୋଭିଡ୍ ପରିସ୍ଥିତି ଯୋଗୁ ଖେଳପ୍ରେମୀ ଓ ଖେଳାଳିମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। କଳିଙ୍ଗ ଷ୍ଟାଡିୟମ ଭିତରକୁ କେବଳ ସ୍ୱୀକୃତିପ୍ରାପ୍ତ କର୍ମଚାରୀ ଓ ଅଂଶଗ୍ରହଣକାରୀଙ୍କୁ ଅନୁମତି ମିଳିବ। ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ ଆୟୋଜକ ଭାରତ, ଆର୍ଜେଣ୍ଟିନା, ବେଲଜିୟମ, କାନାଡା, ଚିଲି, ଇଜିପ୍ଟ, ଫ୍ରାନ୍ସ, ଜର୍ମାନୀ, କୋରିଆ, ମାଲେସିଆ, ପାକିସ୍ତାନ, ପୋଲାଣ୍ଡ, ଦକ୍ଷିଣ ଆଫ୍ରିକା, ସ୍ପେନ୍, ନେଦରଲାଣ୍ଡ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା। ୫ ଦିନ ପୁଲ୍ ଷ୍ଟେଜ୍ ମ୍ୟାଚ ଖେଳାଯିବା ପରେ ନଭେମ୍ବର ୩୦ରୁ କ୍ଲାସିଫିକେଶନ ଗେମ୍ ଅନୁଷ୍ଠିତ ହେବ। ଡିସେମ୍ବର ୧ରେ କ୍ୱାର୍ଟରଫାଇନାଲ ଖେଳାଯିବାକୁ ଥିବାବେଳେ ସେମିଫାଇନାଲ ଡିସେମ୍ବର ୩ରେ ଏବଂ ଫାଇନାଲ ଡିସେମ୍ବର ୫ରେ ହେବ। ୧୪ଟି ଦଳକୁ କ୍ୱାରାଣ୍ଟାଇନ୍ ଛାଡ଼ କରାଯାଇଛି। କିନ୍ତୁ ଟୁର୍ନାମେଣ୍ଟ ବେଳେ ରହଣି କାଳରେ ସେମାନଙ୍କୁ ନଜରରେ ରଖାଯିବ। କୌଣସି ଲକ୍ଷଣ ପ୍ରକାଶ ପାଇଲେ ସେମାନଙ୍କୁ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

" ବିଭିନ୍ନ ରାଜ୍ୟରେ କଂଗ୍ରେସ ନେତାମାନଙ୍କ ବ୍ୟକ୍ତିଗତ ମହତ୍ୱାକାଂକ୍ଷା ଯୋଗୁ ଦଳ କ୍ଷତିଗ୍ରସ୍ତ ହେଉଛି। ଉଭୟ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ସଫଳତା ପାଇଁ ଶୃଙ୍ଖଳା ଜରୁରୀ।

– ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା


## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:................................

ଜନ୍ମ ତାରିଖ: ..............................



ଦିବ୍ୟାଂଶୁ
ପରିବାରବର୍ଗ



ଦିଲ୍ଲୀପ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ବିନା ଦର୍ଶକରେ...

ପ୍ରଥମ ପୃଷ୍ଠାରୁ...

ସ୍ୱାସ୍ଥ୍ୟ ସୁରକ୍ଷା ନିୟମ ମାନି ଚଳିବାକୁ ହେବ। ଚିକିତ୍ସା ପାଇଁ ଆବଶ୍ୟକ ବନ୍ଦୋବସ୍ତ କରାଯିବ। ଭ୍ରମଣକାରୀ ଦଳ କେତୋଟି ନିୟମ ମାନିବା ବାଧ୍ୟତାମୂଳକ। ଦେଶରେ ପହଞ୍ଚିବାର ୭୨ ଘଣ୍ଟା ପୂର୍ବରୁ ସେମାନଙ୍କର କୋଭିଡ୍ ଆରଟି-ପିସିଆର୍ ଟେଷ୍ଟ ହୋଇଥିବା ଜରୁରୀ। ୟୁରୋପ ଓ ମଧ୍ୟ ପ୍ରାଚ୍ୟରୁ ଆସିଥିବା ଦଳଗୁଡ଼ିକର ବିମାନବନ୍ଦରରେ କରୋନା ଟେଷ୍ଟ ବାଧ୍ୟତାମୂଳକ ହେବ।


# classifieds

**Everyday**
**0674-2580101, 2549302**



**MATRIMONIAL**

**BRIDE WANTED**

Required odia brahmin educated working/ not working girl born after 1987 for 38yrs boy. B-TECH,MBA, ADVANCED MBA. Working as Senior Manager at RIL, Mumbai. Mo-8249272307. D-22037

**GROOM WANTED**

ଭୁବନେଶ୍ୱରସ୍ଥିତ ୫୪ ବୟସ୍କା ଚାକିରିଆ ଏବଂ ପେନ୍‌ସନ୍ ପାଉଥିବା ବିଧବା ବ୍ରାହ୍ମଣୀଙ୍କୁ ଯେକୌଣସି ଜାତିର ବର ଆବଶ୍ୟକ। 7608010434. D-22045

High School Teacher, ଦରମା 54000/- ବୟସ 46 ଅବିବାହିତା ଖଣ୍ଡାୟତ ଜାତିର ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7894489867. D-22067



**real estate**

**SALE**

**Metro Hydeout, Athagarh Cuttack farm house 8000 sqft. for sale. Price negotiable. Contact 9337709323.** D-22073

ସୁନ୍ଦରପୁର ମୌଜା 200ft. road ପାଖରେ yellowzone plot 4000sqft. ବିକ୍ରିହେବ। 9937910363. D-70246

**Duplex for sale At-Pokhariput, land area: 2400sqft., construction area: 3600sqft. Contact: 7653927969.** D-22078

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call-9827119799. D-71189

New duplex sale at Attala, BBSR. Contact: 8249818817. D-22064

**Metro Heritage Dagarpada, Cuttack, flat for sale. 3rd floor 1465 sqft 2BHK, with Garage and lift. Price negotiable. Contact 9337709323.** D-22075

CV Raman College ପାଖରେ 27,000sqft. plot ବିକ୍ରିହେବ। Contact: 9937910363. D-70247

**Gharabari Patta, boundary plot sale at Jagannathdham, Puri immediately construction. 7008067338, 9090746445.** D-71725

Private plot sale Patrapada near DN Regalia Mall & Infocity-II, Bhubaneswar 999/-sqft., 9437335686, 7008487006. D-22040

**Parekh Residential Complex at Kazibazar, Cuttack, Near Govt. Girls High School. 2flats of 2BHK (each) 905 sqft., 3rd floor. Price negotiable. Contact 9337709323.** D-22074

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9776974912. D-21938

**Duplex, book now just 1.7K.M. from NH-16 Puri Canal, Hanspal. Contact: 8763499150.** D-22026

1500sqft. converted plot available backside of Utkalhieght. Contact: 9337413323. D-71507

**GENERAL**

**SALE**

**Pure Deshi Kukuda (Organic) at Jhinti Sashan Uttara, BBSR, sale cost 250/-per kg. Not less than 10nos birds at a time. Contact: 7809525462, 7978991126, 7008403582.** D-71806



**to-let**

House tolet 3BHK Groundfloor near NH Lingipur Traffic Post. Mob: 7978200850. D-22038

"2 BHK, 2nd Floor, Bharat Villa, Hanspal, Near Metro Satellite 9437241031". D-22065

1BHK house available for rent immediately, 5500PM, Near Bhagawan tower, CTC road, Bhubaneswar. Contact -9778495906 D-70968

1200sqft. open space stock yard/ godown Gudiapokhari, Bhubaneswar. 9937443656. D-70751



**healthcare**

Ashirvaad Saloon and SPA get good massage for your health tha best therapy. 7077181074. D-71808

DIWALI OFFER Saikrupa Spa @899/- health benefits with Expert. 8984068077. D-22060

Newly open SPA positively health benefit with Expert. Contact: 7749976301. D-71187

Newly open full body massage ladies and gents. 8327740003. D-71805

Refresh with relaxing massage by experienced Male/Female therapist. 7008773793. D-71428

Refreshing your mind, your body with tha best therapy at Lotus SPA. 8018891951. D-71807

**LOST**

ମୁଁ ତା ୧୪।୧୦।୨୦୨୧ରେ ଆଇଆରସି ଭିଲେଜକୁ ଘର ସ୍ଥାନାନ୍ତରଣ କରୁଥିବା ସମୟରେ ମୋର କବଲା RSD No.- 11131113327 ତା ୨୫।୧୦।୨୦୧୧ ପ୍ଲଟ୍ ନଂ.- ୫୫୩/୧୮୨୧, ଖାତା ନଂ.- ୩୨୮/୧୯୯, ମୌଜା- ଜଗନ୍ନାଥ ପ୍ରସାଦ କେଉଁଠାରେ ହଜିଯାଇଛି। ସହୃଦୟ ବ୍ୟକ୍ତି ଅସଦ୍ ବ୍ୟବହାର ନ କରି ନିମ୍ନ ନଂ.ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଶ୍ରୀମତୀ ମଧୁସ୍ମିତା ପଣ୍ଡା, ମୋ: ୮୨୪୯୩୫୯୫୫୮। ଧ-୭୧୩୨୦

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## ରାଧେ, ଗୋବିନ୍ଦରେ...

ତଥ୍ୟ ରଖାଯାଇନାହିଁ। ଏହି ଘଟଣାରେ ଏକ ସ୍ୱତନ୍ତ୍ର ମାମଲା ରୁଜୁ ହୋଇଛି ଏବଂ ତଦନ୍ତ ଚାଲିଥିବାରୁ ଅଧିକ ତଥ୍ୟ ଦିଆଯାଇପାରିବ ନାହିଁ ବୋଲି କହିଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଡିଆଇଜି କହିଥିଲେ, ଗୋବିନ୍ଦଙ୍କ ପାଖରୁ ୩ଟି ମୋବାଇଲ ମିଳିଥିଲା। ଗତ ୧୩ ତାରିଖରେ ମମିତାଙ୍କ ପରିବାର ଲୋକେ ସିନ୍ଧେକେଲା ଥାନାରେ ଅପହରଣ ନେଇ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଗୋବିନ୍ଦଙ୍କୁ ଆଣି ପଚରାଉଚରା କରିଥିଲା। ସେତେବେଳେ ତାଙ୍କର ଦୁଇଟି ମୋବାଇଲକୁ ପୋଲିସ ଜବତ କରିଥିଲା। ଟିଟିଲାଗଡ଼ ବାରାକ୍‌ରୁ ଫେରାର ହେବା ପରେ ବୁଢ଼ୀପଦର ଆଖୁ କିଆରିରୁ ଧରାପଡିବା ପରେ ଗୋବିନ୍ଦଙ୍କ ପାଖରୁ ଆଉ ଏକ ମୋବାଇଲ ମିଳିଥିଲା। ଉକ୍ତ ମୋବାଇଲଟି କାହାର ସେନେଇ ତଦନ୍ତ ଚାଲିଛି, ପରେ କୁହାଯିବ ବୋଲି ଡିଆଇଜି କହିଥିଲେ। ତେବେ ମିଳିଥିବା ସୂଚନା ଅନୁସାରେ ଟିଟିଲାଗଡ଼ ବାରାକ୍‌ରେ ଅଭିଯୁକ୍ତ ଗୋବିନ୍ଦ ଥିବାବେଳେ ତାଙ୍କର ଜଣେ ସମ୍ପର୍କୀୟ ତାଙ୍କୁ ଭେଟିବା ପାଇଁ ଯାଇଥିଲେ। ରାତିରେ ଖାଇବା ପୂର୍ବରୁ କିଛି ସାମଗ୍ରୀ ନେଇ ଦେବାବେଳେ ତାଙ୍କୁ ଏକ ମୋବାଇଲ ଦେଇ ଆସିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏହି ସମ୍ପର୍କୀୟ ଜଣକ ସେଠାରୁ ତାଙ୍କ ସହ ମୋବାଇଲରେ ଯୋଗାଯୋଗ କରି କେତେକ ପୋଲିସ କର୍ମଚାରୀଙ୍କ ସହାୟତାରେ ସେଠାରୁ ତାଙ୍କୁ ଖସାଇ ଆଣି ବୁଢ଼ୀପଦର ଗାଁରେ ଛାଡିଥିବା କୁହାଯାଉଛି। ଗୋବିନ୍ଦଙ୍କୁ ବାରାକ୍‌ରୁ ଖସାଇବା ଘଟଣାରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। କର୍ତ୍ତବ୍ୟ ଅବହେଳାରୁ କେବଳ ତିନିଜଣ କନ୍‌ଷ୍ଟେବଲଙ୍କୁ ନିଲମ୍ବିତ କରାଯାଇଛି। ଏହି ଘଟଣାର ସହଅଭିଯୁକ୍ତଙ୍କୁ ଗିରଫ କଲେ ଟିଟିଲାଗଡ଼ ବାରାକ୍‌ରୁ ଫେରାର ହେବାର ପ୍ରାୟ ୪୦ ଘଣ୍ଟା ଧରି ଗୋବିନ୍ଦ କେଉଁଠି ଥିଲେ, କାହା କାହା ସହ ଥିଲେ ଓ କ'ଣ କରୁଥିଲେ ସ୍ପଷ୍ଟ ହେବ। ଏହି ଦିଗ ଉପରେ ପୋଲିସ କିଛି କହୁ ନ ଥିବାରୁ ପୋଲିସ ତଦନ୍ତ ଅପେକ୍ଷା ପ୍ରମାଣ ନଷ୍ଟ କରିବାରେ ଅଧିକ ବ୍ୟସ୍ତଥିବା ଅଭିଯୋଗ ଘନୀଭୂତ ହେବାରେ ଲାଗିଛି।

### ଅଗଷ୍ଟରେ ମମିତାଙ୍କ ଘରକୁ ଯାଇଥିଲେ ଗୋବିନ୍ଦ

କରୋନା ଲକ୍‌ଡାଉନ୍ ଯୋଗୁଁ ସ୍କୁଲ ବନ୍ଦ ହେବା ପରେ ମମିତା ମହାଲିଙ୍ଗରୁ ଫେରିଆସି ଝରଣୀରେ ନିଜ ଘରେ ଥିଲେ। ଗତ ଅଗଷ୍ଟ ମାସରେ ସ୍କୁଲ ମାଲିକ ଗୋବିନ୍ଦ ସାହୁ ଝରଣୀ ଆସି ମମିତାଙ୍କୁ ତାଙ୍କ ଘରେ ଭେଟିଥିଲେ। ସେ ସମୟରେ ମମିତାଙ୍କ ସହ ସେ କ'ଣ ଆଲୋଚନା କରିବାକୁ ଆସିଥିଲେ ତାହା ଘର ଲୋକେ ଜାଣି ନ ଥିଲେ। କିଛି ସମୟ ରହିବା ପରେ ଗୋବିନ୍ଦ ସେଠାରୁ ଫେରିଯାଇଥିଲେ।

### ସେପ୍ଟେମ୍ବର ୨୦ରେ ମମିତା ମହାଲିଙ୍ଗ ଯାଉଛି କହିଥିଲେ

ଗତ ସେପ୍ଟେମ୍ବର ୨୦ତାରିଖରେ ମମିତା ମହାଲିଙ୍ଗ ଯାଉଛି କହି ଘରୁ ବାହାରିଥିଲେ। ୨୦ ଓ ୨୧ ଦୁଇଦିନ ପରେ ସେ ଘରକୁ ଫେରିଥିଲେ। ସ୍କୁଲକୁ ଯାଉଥିବାରୁ ପରିବାର ଲୋକେ ଆଉ କିଛି ପଚାରି ନ ଥିଲେ। ତେବେ ମହାଲିଙ୍ଗ ଯାଉଛି ବୋଲି କହିଥିବାରୁ ଘରଲୋକେ ନିଶ୍ଚିନ୍ତ ଥିଲେ। ତେବେ ବାସ୍ତବରେ ସେ କେଉଁଠିକୁ ଯାଇଥିଲେ ତାହା ତାଙ୍କୁ ଜଣାନାହିଁ ବୋଲି ପରିବାର ଲୋକେ କହିଛନ୍ତି।

### କଣ୍ଟାବାଞ୍ଜି ଜେଲରେ ୨ ଅଭିଯୁକ୍ତ

ମମିତା ହତ୍ୟା ଘଟଣାର ଦୁଇ ଅଭିଯୁକ୍ତ ଘରୋଇ ସ୍କୁଲ କଲେଜ ମାଲିକ ଗୋବିନ୍ଦ ସାହୁ ଓ ସହଯୋଗୀ ରାଧେଶ୍ୟାମ ଚଣ୍ଡି ଏବେ କଣ୍ଟାବାଞ୍ଜି ଉପଜେଲରେ ବିଚାର ବିଭାଗୀୟ କଏଦୀ ଭାବେ ବନ୍ଦୀ ଅଛନ୍ତି। ଜେଲର ସେଲ୍ ନମ୍ବର ୧ରେ ଗୋବିନ୍ଦ ଥିବାବେଳେ ସେଲ ନମ୍ବର ୩ରେ ରାଧେଶ୍ୟାମ ରହିଛନ୍ତି। ଉଭୟଙ୍କୁ କୋଭିଡ ଗାଇଡଲାଇନ୍ ଅନୁଯାୟୀ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି।

## ହତ୍ୟା ପରେ ଏଫ୍‌ଆଇଆର...

ମହାଲିଙ୍ଗରେ ପହଞ୍ଚିଥିବା ଘର ଲୋକଙ୍କୁ ଫୋନ୍ କରି କହିଥିଲେ। ଏହା ଥିଲା ମମିତାଙ୍କ ଘରଲୋକଙ୍କ ସହ ଶେଷ କଥା। ଏହାପରେ ମମିତାଙ୍କ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିଲା। ଘର ଲୋକେ ମିଟିଂରେ ଅଛି ଭାବିଥିଲେ। ୧୦ ତାରିଖ ଦିନ ଫୋନ୍ ସୁଇଚ୍ ଅଫ୍ ରହିଥିବାରୁ ସନ୍ଦେହ କରିଥିଲେ। ୧୧ ତାରିଖ ସକାଳେ ପରିବାର ଲୋକେ ମହାଲିଙ୍ଗ ସ୍କୁଲରେ ପହଞ୍ଚି ଗୋବିନ୍ଦ ସାହୁଙ୍କୁ ମମିତାଙ୍କ ବିଷୟରେ ପଚାରିବାରୁ ସେ ମହାଲିଙ୍ଗ ଆସି ନ ଥିବା କହିଥିଲେ। ମମିତାଙ୍କ ବାପା ସୁଚନ୍ଦ୍ର ମେହେର ବ୍ୟସ୍ତ ହେବାରୁ ସ୍କୁଲରେ ଗୋଟିଏ କାଗଜ ଆଣି ଏଫ୍‌ଆଇଆର ଲେଖି କେଗାଁ ଥାନାରେ ଦେବାକୁ କହିଥିଲେ। ଏଭଳକି ଉକ୍ତ ଏଫ୍‌ଆଇଆରକୁ ଗୋବିନ୍ଦ ନିଜେ ଲେଖିଥିଲେ। ଉକ୍ତ ଏଫ୍‌ଆଇଆର ଉଭୟ ମମିତାଙ୍କ ପିତା ଓ ସ୍କୁଲ କମିଟି ଉଭୟଙ୍କ ତରଫରୁ ଲେଖାଯାଇଛି କହି ସ୍କୁଲର ସିଲ୍ ମଧ୍ୟ ପିଟିଥିଲେ। ଉକ୍ତ ଏଫ୍‌ଆଇଆରରେ ମମିତାଙ୍କ ପିତାଙ୍କୁ ହସ୍ତଖତ ଦେବାକୁ କହିଥିଲେ। ଏହାପରେ କେଗାଁ ଥାନାକୁ ଚାଲ କହି ଆଗୁଆ ନିଜେ କେଗାଁ ଥାନାକୁ ଚାଲିଯାଇଥିଲେ। ସେଠାରେ ପହଞ୍ଚିବା ପରେ ଥାନା ଅଧିକାରୀ ଏଭଳି ନିଖୋଜ ଘଟଣା ସେଠାରେ ରୁଜୁ ହୋଇପାରିବ ନାହିଁ, ତୁରେକେଲା ଥାନାକୁ ଯାଇ ରୁଜୁ କରିବାକୁ କହିଥିଲେ। ଏତିକି ବେଳେ ଗୋବିନ୍ଦ ସେଠାରେ ଉପସ୍ଥିତ ଥିଲେ ଓ ଥାନାଧିକାରୀଙ୍କୁ କିଛି କହି ନ ଥିଲେ। ସେଠାରୁ ମମିତାଙ୍କ ପରିବାର ଲୋକେ ଫେରି ଆସିଥିଲେ। ୮ ତାରଖ ମମିତାଙ୍କ ଅପହରଣ ଓ ହତ୍ୟା କରି ଜାଳି ଦେବା ପରେ ୧୧ ତାରିଖ ମମିତାଙ୍କ ନିଖୋଜ ଘଟଣାକୁ ନେଇ ଗୋବିନ୍ଦ ଏଫ୍‌ଆଇଆର ଲେଖିବା ଘଟଣା ମମିତାଙ୍କ ପରିବାରବର୍ଗଙ୍କୁ ବିସ୍ମିତ କରିଛି।

## ୩୭୮ ଓଏଏସ୍ ଅଫିସର...

ପ୍ରାର୍ଥୀମାନଙ୍କୁ ନିଯୁକ୍ତି ମିଳିଥିଲା। ଏହି ନିଯୁକ୍ତିକୁ ଚ୍ୟାଲେଞ୍ଜ କରି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନ ଥିବା କେତେଜଣ ପ୍ରାର୍ଥୀ ସ୍ୟାଟ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ସ୍ୟାଟ୍ ଉକ୍ତ ଆବେଦନର ଶୁଣାଣି କରି ୨୦୧୦ରେ ପାଇଥିବା ସମସ୍ତ ନିଯୁକ୍ତିକୁ ୨୦୧୪ରେ ଅବୈଧ ଘୋଷଣା କରିଥିଲେ। ପରେ ସ୍ୟାଟ୍‌ଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ନିଯୁକ୍ତି ପାଇଥିବା ଯୋଗ୍ୟ ପ୍ରାର୍ଥୀ, ରାଜ୍ୟ ସରକାର ଏବଂ ଓପିଏସ୍‌ସି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ୨୦୧୭ରେ ପ୍ରଥମେ ସ୍ୟାଟ୍‌ଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିଥିଲେ। ପରେ ହାଇକୋର୍ଟ ଚୂଡାନ୍ତ ଶୁଣାଣି କରି ଏହି ମାମଲାରେ ସମ୍ବିଧାନର ଧାରା ୧୪ ଓ ୧୬ର କୌଣସି ଉଲ୍ଲଂଘନ ହୋଇ ନ ଥିବା କହିବା ସହ ଉଭୟ କୃତ ଓ ଅକୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କୁ ସମାନ ଦୃଷ୍ଟିକୋଣରେ ଦେଖାଯାଇଛି। ତେଣୁ ୩୭୮ ନିଯୁକ୍ତିକୁ ବୈଧ ଘୋଷଣା କରିବା ସହ ସ୍ୟାଟ୍‌ଙ୍କ ନିର୍ଦ୍ଦେଶକୁ ରଦ୍ଦ କରାଯାଇଥିବା ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଓପିଏସ୍‌ସି ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ ମହାନ୍ତି ମାମଲା ଲଢୁଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ନିଯୁକ୍ତି ପାଇଥିବା ସମସ୍ତ ଓଏଏସ୍ ଅଧିକାରୀ ଖୁସି ବ୍ୟକ୍ତ କରିବା ସହ ସତ୍ୟର ଜୟ ହୋଇଛି ବୋଲି କହିଛନ୍ତି।

## ଆର୍ଯ୍ୟନଙ୍କୁ ଜେଲ ନୁହେଁ...

ଉଦ୍ଦେଶ୍ୟ ରଖି ସାକ୍ଷୀଙ୍କୁ ପ୍ରଭାବିତ ଓ ପ୍ରମାଣ ନଷ୍ଟ କରିଛନ୍ତି। ସେହିପରି ସ୍ୱାଧୀନ ସାକ୍ଷୀ ପ୍ରଭାକର ସୈଲ ସତ୍ୟପାଠରେ ଆଣିଥିବା ରାନ୍‌ସମ (ମୁକ୍ତି ଅର୍ଥ) ଦାବି ସମ୍ପର୍କିତ ଅଭିଯୋଗରୁ ଏହା ସ୍ପଷ୍ଟ ହେଉଛି। ତଦନ୍ତ ଚାଲିଥିବାବେଳେ ପୂଜା ପଞ୍ଚମାନଙ୍କୁ ପ୍ରଭାବିତ କରିଛନ୍ତି ବୋଲି ଏନ୍‌ସିବି କହିଛି। ବର୍ତ୍ତମାନ ଯାଏ ହୋଇଥିବା ତଦନ୍ତରୁ ଆର୍ଯ୍ୟନ ବେଆଇନ ଡ୍ରଗ୍ସ କିଣିବା ସହ ତା'ର ପରିବହନ ଓ ବ୍ୟବହାର ମଧ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଆର୍ଯ୍ୟନ ଏଥିପାଇଁ ଅରବାଜ ମର୍ଚ୍ଚାଣ୍ଟକୁ ନିୟୋଜିତ କରିଥିଲେ ବୋଲି। ଏପରି କି ସେ କେତେକ ବିଦେଶୀ ଡ୍ରଗ୍ସ ନେଟୱାର୍କ ସହ ଯୋଗସୂତ୍ରରେ ଥିଲେ, ଯାହାକୁ ଠାବ କରିବା ପାଇଁ ଅଧିକ ସମୟ ଦରକାର ବୋଲି ଏଜେନ୍ସି ପକ୍ଷରୁ କୁହାଯାଇଛି।

ଇତିମଧ୍ୟରେ ଏହି ମାମଲା ସହ ଆର୍ଯ୍ୟନଙ୍କ କୌଣସି ପ୍ରକାର ସମ୍ପୃକ୍ତି ନାହିଁ। ଓଲଟା ଏନ୍‌ସିବି ଜୋନାଲ ଡାଇରେକ୍ଟର ସମୀର ୱାଙ୍ଖଡ଼େ ଓ କେତେଜଣ ରାଜନୈତିକ ବ୍ୟକ୍ତିବିଶେଷ ତାଙ୍କୁ ଏଥିରେ ଫସାଇଦେଇଛନ୍ତି। ପ୍ରଭାକର ସୈଲଙ୍କ ସହ ଆର୍ଯ୍ୟନଙ୍କ କିଛି ସମ୍ପର୍କ ନାହିଁ ବୋଲି ଆର୍ଯ୍ୟନଙ୍କ ଓକିଲମାନେ ଜଣିକିଆ ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କହିଥିଲେ, ଆର୍ଥର ଜେଲରେ ଥିବା ଜୁନିୟର ଖାନ୍ ଗୋଆକୁ ଯାଉଥିବା କ୍ରୁଜ୍ ଜାହାଜର ଗ୍ରାହକ ନ ଥିଲେ। ତାଙ୍କୁ ଗେଷ୍ଟ ଭାବେ ନିମନ୍ତ୍ରିତ କରାଯାଇଥିଲା। ତାଙ୍କ ନିକଟରୁ ଡ୍ରଗ୍ସ ଜବତ କରାଯାଇ ନାହିଁ କି ସେ ତାକୁ ବ୍ୟବହାର ମଧ୍ୟ କରିନାହାନ୍ତି। ତେଣୁ ଏହି ଗିରଫଦାରି ବେଆଇନ। ଆର୍ଯ୍ୟନଙ୍କୁ ଜାମିନ ଦିଆଯାଉ ବୋଲି ରୋହତଗୀ ଅନୁରୋଧ କରିଥିଲେ। ଏହି ଅବସରରେ ରୋହତଗୀ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ କରାଯିବାକୁ ଥିବା ଡ୍ରଗ୍ସ ନିରୋଧୀ ପ୍ରସ୍ତାବିତ ସଂସ୍କାରର ଅବତାରଣା କରିଥିଲେ। ଆର୍ଯ୍ୟନ ଜଣେ ଛୋଟପିଲା, ଯାହାଙ୍କ କୌଣସି ଆପରାଧିକ ପୃଷ୍ଠଭୂମି କିମ୍ବା ରାଜନୈତିକ ସମ୍ପର୍କ ନାହିଁ। ତେଣୁ ତାଙ୍କୁ ଜେଲରେ ରଖିବା ପରିବର୍ତ୍ତେ ରିହାବିଲିଟେଶନ ସେଣ୍ଟରକୁ ପଠାଇ ଦିଆଯାଉ। ଆର୍ଯ୍ୟନଙ୍କୁ ନେଇ ଉଠିଥିବା ବିବାଦରୁ ତାଙ୍କୁ ଦୂରେଇ ରଖାଯାଉ।

ଅନ୍ୟପକ୍ଷରେ ଏହି ମାମଲାର ୨୦ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ମନିଷ ରାଜଗରିଆ ଏବଂ ଅଭିନ ସାହୁଙ୍କୁ ସ୍ୱତନ୍ତ୍ର ଅଦାଲତ ମଙ୍ଗଳବାର ଜାମିନ ପ୍ରଦାନ କରିଛନ୍ତି। ୧୧ ନମ୍ବର ଅଭିଯୁକ୍ତ ମନିଷ ପାଖରେ ୨.୪ ଗ୍ରାମ ଗଞ୍ଜେଇ ରଖିଥିବାରୁ ତାଙ୍କୁ ଏନ୍‌ସିବି ଗିରଫ କରିଥିଲା। ୫୦,୦୦୦ ଟଙ୍କାର ବଣ୍ଡ ଦାଖଲ କରି ଜାମିନରେ ଯିବା ପାଇଁ କୋର୍ଟ ତାଙ୍କୁ କହିଛନ୍ତି। କଣ୍ଢାବ୍ୟାଣ୍ଡ ସେବନ କରିବା ଅଭିଯୋଗରେ ଅଭିନ କ୍ରୁଜ୍ ଜାହାଜରୁ ଗିରଫ ହୋଇଥିଲେ।

## ମାର୍ଚ୍ଚ ସୁଦ୍ଧା ୧୩ ବିମାନ...

ବନ୍ଦର ରହିଛି। ଦ୍ୱିତୀୟ ପର୍ଯ୍ୟାୟ ଘରୋଇକରଣ ପ୍ରକ୍ରିୟାରେ ୨୦୧୯ରେ ୬ ବିମାନବନ୍ଦର ଆଦାନୀ ଗ୍ରୁପ୍‌କୁ ଦିଆଯାଇଛି। ୨୦୦୫-୦୬ରେ ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର ଏବଂ ହାଇଦ୍ରାବାଦ ବିମାନବନ୍ଦରକୁ ଘରୋଇକରଣ କରାଯାଇଥିଲା। ଉଦାରୀକରଣ ଦ୍ୱାରା ବିମାନବନ୍ଦରଗୁଡ଼ିକୁ ଲାଭବାନ କରାଇବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିଭଳି ଅନ୍ୟ ବିମାନ ବନ୍ଦର ଉନ୍ନତୀକରଣ ଦ୍ୱାରା ଘରୋଇକ୍ଷେତ୍ର ଲାଗି ସୁଯୋଗ ସୃଷ୍ଟି କରାଯିବ। କୋଭିଡ୍ ଯୋଗୁ ଏଏଆଇର କାରବାର ପ୍ରଭାବିତ ହୋଇଛି। ଆର୍ଥିକ ବର୍ଷ ୨୦୨୦-୨୧ରେ ଏହା ୧,୯୬୨ କୋଟି ଟଙ୍କା କ୍ଷତି ସହିଛି। ପରିଚାଳନା ପୁଞ୍ଜି ଭାବେ ଏହାର ଏସ୍‌ବିଆଇଠାରୁ ୧,୫୦୦ କୋଟି ଟଙ୍କା ଋଣ ଉଠାଇଛି। କୋଭିଡ୍ ସ୍ଥିତି ସୁଧୁରିବା ଯୋଗୁ ଏବେ ବିମାନ ଯାତ୍ରୀ ଟ୍ରାଫିକ ବଢ଼ିଛି। ଫଳରେ ଚଳିତ ବର୍ଷ ଏହା ଋଣ କରିନାହିଁ। ଅସୁବିଧା ସତ୍ତ୍ୱେ ଏଏଆଇ ୨,୧୦୦ କୋଟି ଟଙ୍କାର ପୁଞ୍ଜି ଖର୍ଚ୍ଚ କରିଛି। ଏହା ମଧ୍ୟରେ ୧ ହଜାର କୋଟି ଟଙ୍କା ଋଣ ଉଠାଣ ଦ୍ୱାରା କାର୍ଯ୍ୟ ସମ୍ପାଦନ ହୋଇଛି। ପୁଞ୍ଜି ଖର୍ଚ୍ଚ ଜାରି ରହିବ। ଆବଶ୍ୟକ ପଡିଲେ ଆଗାମୀ ଦିନରେ ମଧ୍ୟ ଋଣ ଉଠାଣ ନେଇ ବିଚାର କରାଯିବ ବୋଲି କୁମାର କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାନ ପଶିଲା, ଜର ଆଣିଲା,**
**ମୋ କତରା କାହିଁ ?**
**ଭାତ ଫୁଟିଲା, ଜର ତୁଟିଲା,**
**ମୋ ପଥୁରି କାହିଁ ?**

କାମ କରିବାକୁ କହିଲେ ଅନେକେ ଦେହ ଖରାପ ଥିବା ନେଇ ନାନା ବାହାନା ଦେଖାଇଥାନ୍ତି। କାମଦାମ କଲାବେଳକୁ ଜରର ଛଳନା ଓ ଭାତ ଖାଇବା ବେଳକୁ ଜର ଛାଡିଯିବା ଭଳି ତୁଚ୍ଛା ବାହାନା କରୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧାନ ଟାଏ**
**ଧାନ ଭିତରେ ଚାଉଳ ଟାଏ।**

ଧାନ ଭିତରେ ଚାଉଳ ରହିଥିବା କଥା ସମସ୍ତେ ଜାଣିଥାନ୍ତି। ତେଣୁ ଯେଉଁ କଥା ସମସ୍ତେ ଜାଣନ୍ତି, ତାହାକୁ ଗୋପନୀୟ ଭାବରେ ବଖାଣିବା ନିଷ୍ପ୍ରୟୋଜନ। ସାମାନ୍ୟ କଥା ପାଇଁ ବିଶେଷ ଆନ୍ଦୋଳନ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ବହୁପୂର୍ବରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ, କିନ୍ତୁ ଏଥିପାଇଁ ଅର୍ଥଶ୍ରାଦ୍ଧ ଓ ବୁଦ୍ଧି ଖର୍ଚ୍ଚ କରିବାକୁ ପଡ଼ିବ। ବନ୍ଧୁମାନଙ୍କ ସଙ୍ଗ ଲାଭରୁ ଧର୍ମକାର୍ଯ୍ୟ ପାଇଁ ପ୍ରେରଣା ମିଳିପାରେ। ଘର ଲୋକଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ।

**ବୃଷ**



ପାରିବାରିକ ଅସ୍ଥିରତା ସଙ୍ଗକୁ କର୍ମକ୍ଷେତ୍ର ମଧ୍ୟ ସମସ୍ୟା ବହୁଳ ରହିବ। ଘରର କେତେକ ବ୍ୟତିକ୍ରମକୁ ନେଇ ଚିନ୍ତା ପ୍ରକଟ କରିପାରନ୍ତି। ପ୍ରିୟ ଲୋକଟି ସକାଶେ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ମାଲିକଙ୍କ ସହ ଛୋଟ କଥାରୁ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

**ମିଥୁନ**



ଆତ୍ମୀୟଙ୍କ ସହ ଭୁଲ୍ ବୁଝାମଣାରୁ କଳହ ସମ୍ଭାବନା ରହିଛି। ରାଜନୀତି, ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ଅଟକି ରହିଥିବା କାମଟିକୁ ଆରମ୍ଭ କରିବାକୁ ମନ ବଳାଇବେ। କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ କିମ୍ବା ହଜିଯାଇପାରେ। ଯାତ୍ରା ସମୟରେ ଅନାବଶ୍ୟକ ଖର୍ଚ୍ଚ କରି ଅନୁତାପ କରିପାରନ୍ତି।

**କର୍କଟ**



ନିଜର ସ୍ୱାର୍ଥ ସାଧନ ଦିଗରେ ଅନ୍ୟକୁ ନିୟୋଜିତ କରିବା ସକାଶେ ଯୋଜନା କରିବେ। ବାଣିଜ୍ୟ,ଶିଳ୍ପ ଓ ବ୍ୟବସାୟରେ ଦ୍ୱନ୍ଦ୍ୱର ଅବସାନ ଘଟିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ମନ କଥା ମନରେ ମାରି ମନ ଦୁଃଖରେ ରହିପାରନ୍ତି।

**ସିଂହ**



କୌଣସି କାମ ସକାଶେ ବାରମ୍ବାର ଅସଫଳତା ହେତୁ ନିଜ ଲୋକମାନଙ୍କ ଉପରୁ ଭରସା ତୁଟି ଯାଇପାରେ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଅନିୟମିତ ଆହାର ଗ୍ରହଣ ଫଳରେ ଶାରୀରିକ ଅସୁସ୍ଥତା ଅନୁଭବ କରିବେ।

**କନ୍ୟା**



ସୁଚିନ୍ତିତ ଯୋଜନା ଅନୁଯାୟୀ କାର୍ଯ୍ୟ ହାସଲରେ ଅସୁବିଧା ରହିବ ନାହିଁ। ରପ୍ତାନି ବାଣିଜ୍ୟ,ପରିବହନ ଓ ନୂତନ ବ୍ୟବସାୟରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ କଥା ଓ କାମକୁ ପ୍ରାଧାନ୍ୟ ଦେଇ ଘର କାମକୁ ଅବହେଳା କରିପାରନ୍ତି। ଅଟକି ରହିଥିବା କାମଟିକୁ ସମ୍ପୂର୍ଣ୍ଣ କରିବାକୁ ଅନ୍ୟର ସହଯୋଗ ଲୋଡ଼ିବେ।

**ତୁଳା**



କର୍ମକ୍ଷେତ୍ରରେ ସ୍ଥାନାନ୍ତର ସହ ପରିସ୍ଥିତି ଦୂର ଭ୍ରମଣ ପାଇଁ ସୁଯୋଗ ସୃଷ୍ଟି କରିବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣ ଓ ଅକାରଣ ଜିଦ୍ ମନକୁ ବିଭ୍ରାନ୍ତ କରିପାରେ। ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ସ୍ୱର ଉତ୍ତୋଳନ କରିପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବା କାରଣରୁ ମନରେ ସରସତା ରହିବ ନାହିଁ।

**ବିଛା**



କୌଣସି ନୂତନ ବନ୍ଧୁତ୍ୱ ସଙ୍ଗକୁ କର୍ମକ୍ଷେତ୍ର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। କିଣା ବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ ନ କଲେ ଠକାମିରେ ପଡିପାରନ୍ତି। ବୃଥା ସନ୍ଦେହଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଅନାବଶ୍ୟକ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**ଧନୁ**



ପ୍ରିୟ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭ କିମ୍ବା ଦର୍ଶନଜନିତ ଆନନ୍ଦ ଅନୁଭବ କରିବେ। ଆଜିର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ପ୍ରଶାସନିକ ଆଲୋଚନା କ୍ଷେତ୍ରରେ ଅପରାହ୍ନ ସମୟରେ ଟେନସନ୍ କିଛି ମାତ୍ରାରେ କମିଯିବ। ବ୍ୟବସାୟ କ୍ଷେତ୍ରରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ।

**ମକର**



କାମ ହାସଲର ଦୀର୍ଘତା ମନକୁ ଭାରାକ୍ରାନ୍ତ କରି ରଖିବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ମିଥ୍ୟା ଗୁଜବରେ ଆତଙ୍କିତ ହେବା ଠିକ୍ ହେବ ନାହିଁ। ବିବାଦୀୟ ଘଟଣାରେ ବିଜୟୀ ହେବେ ଓ ବ୍ୟବସାୟ ତଥା ପରିବହନରେ ସଫଳତା ମିଳିବ। ଆକସ୍ମିକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ**



ପ୍ରତ୍ୟେକ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେଉଥିବାରୁ ଧୈର୍ଯ୍ୟଚ୍ୟୁତି ଘଟିପାରେ। ଯାହା ଓ ଯେପରି ଭାବୁଛନ୍ତି ଶୀଘ୍ର ଆରମ୍ଭ କରନ୍ତୁ, ସଫଳତା ନିଶ୍ଚିତ ମିଳିବ। ସାମ୍ବାଦିକତା, ପ୍ରଶାସନ, ପ୍ରକାଶନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଶୁଭଫଳ ପାଇବେ। ବିବାଦୀୟ ପରିସ୍ଥିତିରେ ମନଭୁଲାଣିଆ କଥା କହି ପରିବେଶକୁ ସ୍ୱାଭାବିକ କରିପାରିବେ।

**ମୀନ**



ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ଆସିବ ଓ ବିଦେଶଯାତ୍ରା, ମାଲିମକଦ୍ଦମା, ରାଜନୈତିକ ଆଲୋଚନା କ୍ଷେତ୍ରରେ ଶୁଭଫଳ ପାଇବେ। ଶୁଣା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦୂରେଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

## ବିଡିଏ ବିକିବ ୨୦ ଆବାସିକ ପ୍ଲଟ୍

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଶହୀଦନଗର ଏବଂ ଘାଟିକିଆରେ ଥିବା ୨୦ଟି ଆବାସିକ ପ୍ଲଟ୍‌କୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛି। ମଙ୍ଗଳବାର ବିଡିଏ ପକ୍ଷରୁ ଇ-ଅକ୍ସନ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଆସନ୍ତା ନଭେମ୍ବର ୩ ତାରିଖ ୧୧ଟା ୫୯ ମିନିଟ ସୁଦ୍ଧା ପ୍ଲଟ୍ କିଣିବାକୁ ଆଗ୍ରହୀ ଥିବା ପ୍ରାର୍ଥୀମାନେ ଅନଲାଇନ ଫର୍ମ ଦାଖଲ କରିପାରିବେ। ଏଥିପାଇଁ ୫ ଲକ୍ଷ ଟଙ୍କାର ଇଏମ୍‌ଓ ଦାଖଲ କରିବାକୁ ହେବ। ନଭେମ୍ବର ୩୦ ତାରିଖ ପୂର୍ବାହ୍ନ ୧୧ଟାରେ ଇ-ଅକ୍ସନ କରାଯିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୫୦,୮୬,୬୧୬ | ୪୯,୭୪,୮୭୦ | ୨୨,୨୧,୪୬,୧୭୦ |
| ଭାରତ | ୩,୪୨,୧୩,୬୪୪ | ୪,୫୫,୬୭୩ | ୩,୩୫,୮୮,୨୨୬ |
| ଓଡ଼ିଶା | ୧୦,୩୯,୨୬୯ | ୮୩୧୬(+୫୩) | ୧୦,୨୬,୭୬୪ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୧ରୁ ଖୋଲିପାରେ ଶିମିଳିପାଳ

ବାରିପଦା ଅଫିସ, ୨୬।୧୦: ଆସନ୍ତା ନଭେମ୍ବର ୧ରୁ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଖୋଲିବା ସମ୍ଭାବନା ରହିଛି। ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବା ବେଳେ ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ମିଳିଛି। ପର୍ଯ୍ୟଟକଙ୍କ ପାଇଁ ଏଠାକାର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେମାନଙ୍କ ରହିବା, ଖାଇବା ଓ ବୁଲିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ୍. ଜଗଜ୍ୟାନନ୍ଦ କହିଛନ୍ତି। ଅଭୟାରଣ୍ୟ ମଧ୍ୟରେ ଥିବା ରାସ୍ତାଗୁଡ଼ିକର ମରାମତି, ରାତ୍ରୀଯାପନର ବ୍ୟବସ୍ଥା, ପାନୀୟଜଳ, ଶୌଚାଳୟ ଓ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୂର୍ବବର୍ଷମାନଙ୍କ ଭଳି ବାରିପଦାର ଲୁଲୁଙ୍ଗ ଓ ଯଶୀପୁରର କାଳିପାଣି ମୁଖ୍ୟ ଫାଟକ ଦେଇ ପର୍ଯ୍ୟଟକମାନେ ପ୍ରବେଶ କରିବେ। ଏନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଗଜ୍ୟାନନ୍ଦ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟର ମନଲୋଭା ପ୍ରାକୃତିକ ପରିବେଶ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ। ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସି ଅଭୟାରଣ୍ୟର ସବୁଜ ସୁନ୍ଦର ଦୃଶ୍ୟକୁ ଉପଭୋଗ କରିଥାନ୍ତି।

### କେନ୍ଦ୍ରୀୟ ଡେପୁଟେଶନରେ ଢେଙ୍କାନାଳ ଏସ୍‌ପି

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ): ଢେଙ୍କାନାଳ ଏସ୍‌ପି କେ.ଶିବା ସୁବ୍ରମଣି କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ତାଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ଆବସ୍ଥାପିତ କରାଯାଇଥିବା ନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ୪ ବର୍ଷ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ସିବିଆଇର ଏସ୍‌ପି ଭାବେ କାର୍ଯ୍ୟ କରିବେ। ସୁବ୍ରମଣି ହେଉଛନ୍ତି ୨୦୧୦ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର। ସେ ପୂର୍ବରୁ ରାଉରକେଲା ଓ ବଲାଙ୍ଗୀର ଏସ୍‌ପି ଭାବେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି।

# ପାରମିତା ପାଇଲେ 'ଶାରଳା ପୁରସ୍କାର'

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)


ଜୟନ୍ତ କୁମାର ବେହେରା, ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଓ ପାରମିତା ଶତପଥୀ ପୁରସ୍କାର ଗ୍ରହଣ କରୁଛନ୍ତି।

**୪୨ତମ ଶାରଳା ପୁରସ୍କାର ଉତ୍ସବ**

**ଜଗଦୀଶ ଓ ଜୟନ୍ତଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'**

ଇମ୍ଫା ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ୪୨ତମ ଶାରଳା ପୁରସ୍କାର ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ କଥାକାର ପାରମିତା ଶତପଥୀଙ୍କୁ ଚଳିତ ବର୍ଷର ସମ୍ମାନଜନକ 'ଶାରଳା ପୁରସ୍କାର' ପ୍ରଦାନ କରାଯାଇଛି। ଇମ୍ଫା କାର୍ଯ୍ୟାଳୟରେ ଆୟୋଜିତ ଏକ ସଂକ୍ଷିପ୍ତ ସମାବେଶରେ ଉପନ୍ୟାସ 'ଅଭିପ୍ରେତ କାଳ' ପାଇଁ ପାରମିତାଙ୍କୁ ଏହି ସମ୍ମାନ ମିଳିଛି। ପୁରସ୍କାର ସ୍ୱରୂପ ସମ୍ମାନପତ୍ର ଓ ଫଳକ ସହିତ ୫ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ସେହିପରି ବରିଷ୍ଠ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଏବଂ ବିଶିଷ୍ଟ ଘୁମୁରାଶିଳ୍ପୀ ଜୟନ୍ତ କୁମାର ବେହେରାଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମିଳିଛି। ପୁରସ୍କାର ବାବଦରେ ଉଭୟଙ୍କୁ ସମ୍ମାନପତ୍ର ଓ ଫଳକ ସହିତ ଦେଢଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି।

ଇମ୍ଫା ଚାରିଟେବଲ୍ ଟ୍ରଷ୍ଟର ଟ୍ରଷ୍ଟି ପାରମିତା ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରତିଭାମାନଙ୍କୁ ପୁରସ୍କୃତ କରି ଅଭିନନ୍ଦନ ଜଣାଇଥିଲେ। ଭାଷା, ସାହିତ୍ୟ, କଳା, ସଂସ୍କୃତି ଓ ପ୍ରାଚୀନତା ଦୃଷ୍ଟିରୁ ସମୃଦ୍ଧ ଓଡ଼ିଶାକୁ ଅଧିକ ମଜଭୁତ ଓ ସ୍ୱୟଂସମ୍ପୂର୍ଣ୍ଣ କରିବା ଦିଗରେ ସ୍ୱର୍ଗତ ବଂଶୀଧର ପଣ୍ଡା ଓ ଇଲା ପଣ୍ଡାଙ୍କ ଦୂରଦୃଷ୍ଟି ତଥା ଉଦ୍ୟମକୁ ସ୍ମରଣ କରି ଆନନ୍ଦ ଅନୁଭବ କରୁଥିବା ସେ କହିଥିଲେ। ଏହି ଅବସରରେ ପୁରସ୍କୃତ ବ୍ୟକ୍ତିତ୍ୱଙ୍କ ଉପରେ ନିର୍ମିତ ୩ଟି ସଂକ୍ଷିପ୍ତ ବୃତ୍ତଚିତ୍ର ପ୍ରଦର୍ଶିତ ହେବା ସହ ଶାରଳା ପୁରସ୍କାର ୨୦୨୧ର ସୂଚନା ପୁସ୍ତିକା ଲୋକାର୍ପିତ ହୋଇଥିଲା। ଉତ୍ସବରେ ଡ. ହୃଷୀକେଶ ମଲ୍ଲିକ, ଡ. କୃଷ୍ଣଚନ୍ଦ୍ର ପ୍ରଧାନ, ଡ. ବାବାଜୀ ଚରଣ ପଟ୍ଟନାୟକ, ଡ. ପ୍ରବୀଣା ମହାନ୍ତି, ସୂର୍ଯ୍ୟ ମିଶ୍ର, ଅକ୍ଷୟ ବେହେରା, ପଦ୍ମଶ୍ରୀ ଅରୁଣା ମହାନ୍ତି, ଡ. ଶ୍ୟାମାମଣି ଦେବୀ, ଦେବପ୍ରସାଦ ଦାଶ, ପଞ୍ଚମୀ ମାନୁ ଉକୀଲ ପ୍ରମୁଖ ବିରାଚକମଣ୍ଡଳୀ ଉପସ୍ଥିତ ରହି ନିଜ ନିଜ ଅଭିମତ ରଖିଥିଲେ। କାର୍ଯ୍ୟକ୍ରମକୁ ଯୁବଲେଖକ ତଥା ଶାରଳା ସଚିବାଳୟର ମୁଖ୍ୟ ସଂଯୋଜକ ସରୋଜ ବଳ ସଞ୍ଚାଳନ କରିଥିଲେ।

ସୂଚନାଯୋଗ୍ୟ, ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ସ୍ୱର୍ଗତ ଡ. ବଂଶୀଧର ପଣ୍ଡା ଏବଂ ସ୍ୱର୍ଗତା ଇଲା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଶାରଳା ପୁରସ୍କାର' ଇମ୍ଫା ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍‌ସ ପବ୍ଲିକ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ଆନୁକୂଲ୍ୟରେ ୧୯୮୦ ମସିହାରୁ ପ୍ରତିବର୍ଷ ପ୍ରଦାନ କରାଯାଇଆସୁଛି।

# ଆତଙ୍କ ଖେଳାଇଲା ହାତୀ

ଯାଜପୁର ଟାଉନ/ରସୁଲପୁର, ୨୬।୧୦(ଡି.ଏନ.ଏ.)

ଯାଜପୁର ବ୍ଲକ ଅଧୀନ ରୁଦ୍ରପୁର ପଞ୍ଚାୟତର ନୁଣ୍ଡୁପୁର ଗ୍ରାମ ନିକଟ ଆଖୁ ବିଲରେ ଏକ ଦନ୍ତାହାତୀ ବୁଲୁଥିବା ଦେଖିବାକୁ ମିଳିଛି। ଖବର ପାଇ ବନ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମେତ ଶତାଧିକ କର୍ମଚାରୀ ପହଞ୍ଚି ହାତୀ ଘଉଡ଼ାଇବା ଆରମ୍ଭ କରିଛନ୍ତି। ତେବେ ଏହି ସମୟରେ ହାତୀ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଲେ ବ୍ରହ୍ମବରଦା ମହିମାଛକ ଅଞ୍ଚଳର ନିତ୍ୟାନନ୍ଦ ଗିରି(୬୫)। ଗିରି ଛକରେ ଠିଆ ହୋଇଥିବାବେଳେ ହାତୀ ଆସି ତାଙ୍କୁ ଶୁଣ୍ଢରେ ଟେକି ଫୋପାଡ଼ି ଦେଇଥିଲା। ଅନ୍ୟପକ୍ଷରେ ବିଭାଗୀୟ ଏସିଏଫ ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ କଟକ ଡିଭିଜନ୍‌ର ୬ ରେଞ୍ଜରଙ୍କ ମଧ୍ୟରୁ କେନ୍ଦ୍ରାପଡ଼ା ରେଞ୍ଜର ଗୋବିନ୍ଦ ଚନ୍ଦ୍ର ରଥ, ବୈରୀ ରେଞ୍ଜର ଅଭିରାମ ଜେନାଙ୍କ ନେତୃତ୍ୱରେ ୯୦ଜଣ ବନ କର୍ମଚାରୀ ଉପସ୍ଥିତ ରହି ଦନ୍ତା ହାତୀ ଉପରେ ନଜର ରଖିଛନ୍ତି।

**ଜଣେ ଗୁରୁତର, ଦୋକାନବଜାର ବନ୍ଦ**

ଏସିଏଫ ସାହୁଙ୍କ ସୂଚନା ଅନୁସାରେ, ଏହି ହାତୀଟି ଢେଙ୍କାନାଳ ଅଞ୍ଚଳରୁ ଗୋଠଛଡ଼ା ହୋଇ ଛତିଆରୁ ବଡ଼ଚଣା ଜଙ୍ଗଲବାଟେ ପଳାଇଆସିଛି। ହାତୀଟିର ବୟସ ୭ରୁ ୮ବର୍ଷ ହେବ। ହାତୀକୁ ଘଉଡ଼ାଇ ପୁନର୍ବାର ଢେଙ୍କାନାଳର ହାତୀ ଗୋଠକୁ ଫେରାଇବା ପାଇଁ ୫ଦିନ ହେବ ବନବିଭାଗ ପ୍ରୟାସ ଜାରି ରଖିଛି। ସେହିପରି ସ୍ଥାନୀୟ ସରପଞ୍ଚ ଓ ବନବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଜନସାଧାରଣଙ୍କୁ ସତର୍କ ରହିବାକୁ ସୂଚନା ପ୍ରଦାନ କରାଯାଇଛି। ଖବର ଲେଖାହେବା ବେଳକୁ ହାତୀ ନୁଣ୍ଡୁପୁର ଆଖୁପଠାରୁ ବାହାରି ଖାଲପଡ଼ା ଦେଇ ବ୍ରହ୍ମବରଦାର ମୁଖ୍ୟ ବଜାର ତାରିଣୀଛକ, କଲେଜ ବାଟ ଦେଇ ଯାଉଥିବା ଜଣାପଡ଼ିଛି। ହାତୀ ଭୟରେ ଲୋକେ ଆତଙ୍କିତ ଅବସ୍ଥାରେ ଥିବା ବେଳେ ଦୋକାନବଜାର ଗୁଡ଼ିକ ବନ୍ଦ ରହିଛି।

# କପିଳାସ ରେସକ୍ୟୁ ସେଣ୍ଟରରେ ନୂଆ ଅତିଥି

ଢେଙ୍କାନାଳ ଅଫିସ/କେନ୍ଦୁଝର(ସ୍ୱ.ପ୍ର.), ୨୬।୧୦

ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରରେ ବଢ଼ିଛି ହାତୀଙ୍କ ସଂଖ୍ୟା। କେନ୍ଦୁଝର ଚମ୍ପୁଆ ରେଞ୍ଜ୍‌ରୁ ଉଦ୍ଧାର ହୋଇଥିବା ଆନୁମାନିକ ୩ ମାସର ଏକ ମାଈ ହାତୀ ଶାବକ ନୂଆ ଅତିଥି ହୋଇ ଏଠାକୁ ଆସିଛି। ଉକ୍ତ ଛୁଆ ହାତୀ ପଲରୁ ଅଲଗା ହୋଇ ଏକ କୂଅରେ ଖସିପଡ଼ିଥିଲା। ବନ ବିଭାଗର ବହୁ ଉଦ୍ୟମ ସତ୍ତ୍ୱେ ହାତୀପଲ ଶାବକକୁ ଗ୍ରହଣ କରି ନ ଥିଲେ। ଖାଦ୍ୟ ଗ୍ରହଣ କରୁ ନ ଥିବାରୁ ତା'ର ଜୀବନ ପ୍ରତି ବିପଦ ଆଶଙ୍କା ରହିଥିଲା। ଫଳରେ କେନ୍ଦୁଝର ଡିଏଫ୍‌ଓ ଡି.ଡି. ହନୁମତଙ୍କ ନେତୃତ୍ୱରେ ସ୍ଥାନୀୟ ବନ କର୍ମଚାରୀ ଏହାକୁ ଉଦ୍ଧାର କରି ସ୍ୱତନ୍ତ୍ର ରେସ୍‌କ୍ୟୁ ଭ୍ୟାନ୍‌ରେ ମଙ୍ଗଳବାର ଅପରାହ୍ନ ୫ଟାରେ କପିଳାସ ରେସ୍‌କ୍ୟୁ ସେଣ୍ଟରକୁ ଆଣିଛନ୍ତି। ହାତୀ ଶାବକକୁ ପ୍ରାୟ ମାସେ ଧରି ସଙ୍ଗରୋଧରେ ରଖାଯାଇ ସ୍ୱାସ୍ଥ୍ୟାବସ୍ଥା ନୀରିକ୍ଷଣ କରାଯିବ। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ରେସ୍‌କ୍ୟୁ ସେଣ୍ଟରରେ ହାତୀ ଶାବକର ଯତ୍ନ ନିଆଯାଉଛି। ମାସେ ପରେ ଏହାର ନାମକରଣ କରାଯିବ।

**ଆସିଲା କେନ୍ଦୁଝରରୁ ଉଦ୍ଧାର ଛୁଆ ହାତୀ**

ସୂଚନାଯୋଗ୍ୟ, ୨୦୦୭ରେ ଆରମ୍ଭ ହୋଇଥିବା କପିଳାସ ହାତୀ ରେସ୍‌କ୍ୟୁ ସେଣ୍ଟରରେ ହାତୀଙ୍କ ସଂଖ୍ୟା ୫ରେ ପହଞ୍ଚିଛି। ନୂଆ ହାତୀ ଶାବକକୁ ବାଦ୍ ଦେଇ ଏବେ ଏଠାରେ କାର୍ତ୍ତିକ, ଚନ୍ଦୁ, ଉମା ଏବଂ ପଦ୍ମା ରହୁଛନ୍ତି। ୨୦୧୮ରେ ସମ୍ବଲପୁର ଜିଲା ବାମରା ସଂରକ୍ଷିତ ଜଙ୍ଗଲରୁ ଉଦ୍ଧାର ହୋଇଆସିଥିବା ହାତୀ 'ହିରୋ'ର ଅସୁସ୍ଥତା କାରଣରୁ ଗତ ଜୁନ୍‌ରେ ମୃତ୍ୟୁ ଘଟିଥିଲା।

# ଓଡ଼ିଶାରେ ଗ୍ରୀନ୍ ଫିଲ୍ଡ ମେଗା ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ହେଉ

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

**ପୀୟୂଷ ଗୋୟଲଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର ପ୍ରଧାନ**

ବୟନ ଶିଳ୍ପ କ୍ଷେତ୍ରରେ ଅପାର ସମ୍ଭାବନା ଥିବା ଓଡ଼ିଶାରେ ପିଏମ୍ ମିତ୍ର ଯୋଜନାରେ ଏକ ଗ୍ରୀନ୍ ଫିଲ୍ଡ ମେଗା ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରିବା ପାଇଁ ବିଚାର କରିବାକୁ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ମଙ୍ଗଳବାର ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ନିକଟରେ ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ଦେଶରେ ପିଏମ୍ ମେଗା ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ ରିଜିଓନ ଆଣ୍ଡ ଆପାରେଲ(ମିତ୍ର) ଯୋଜନାରେ ୭ଟି ମେଗା ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଛି। ପିପିପି ମୋଡ୍‌ରେ ଭାରତୀୟ କମ୍ପାନୀଙ୍କୁ ବୟନ ଏବଂ କପଡ଼ା ଶିଳ୍ପ କ୍ଷେତ୍ରରେ ବିଶ୍ୱ ଚାମ୍ପିୟନ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହଭାଗିତାରେ ଏକ ସ୍ପେଶାଲ ପ୍ରୋପଜ ଭେହିକିଲ୍ ବିକଶିତ କରାଯାଉଛି। ପ୍ରସ୍ତାବିତ ଗ୍ରୀନ୍ ଫିଲ୍ଡ ମିତ୍ର ପାର୍କ ପ୍ରତିଷ୍ଠା ହେଲେ ବୟନଶିଳ୍ପ ସହ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ହୋଇପାରିବ। ଓଡ଼ିଶାର ହସ୍ତତନ୍ତ ଉଚ୍ଚକୋଟିର ଡିଜାଇନ ଏବଂ ଗୁଣବତ୍ତା ପାଇଁ ବିଶ୍ୱ ବିଖ୍ୟାତ। ସମ୍ବଲପୁରୀ, ବୋମକେଇ ଏବଂ ବ୍ରହ୍ମପୁରୀ ଭଳି ଅନେକ ଡିଜାଇନ ଏଠାରେ ରହିଥିବା ବେଳେ ଇକତ୍ ପାଇଁ ପ୍ରସିଦ୍ଧ ଲାଭ କରିଛି। ନିଜର ସମୃଦ୍ଧ ଇତିହାସ ଏବଂ ଆଳିକ ସମ୍ପନ୍ନତା ଯୋଗୁ ଓଡ଼ିଶା ବୟନ ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ଅନେକ ସୁଯୋଗ ରହିଛି। ଆନୁଷଙ୍ଗିକ ବ୍ୟବସ୍ଥା ସହ ବୃହତ୍ ଧାମରା ବନ୍ଦର ଏବଂ ଭୁବନେଶ୍ୱର ନିକଟ ମଳିପଡ଼ାଠାରେ ଦୁଇଟି ଟେକ୍ସଟାଇଲ ଏବଂ କପଡ଼ା ପାର୍କ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହାସହିତ ଭଦ୍ରକଠାରେ ଟେକ୍ନିକାଲ ଟେକ୍ସଟାଇଲ ପାର୍କକୁ ମଧ୍ୟ ବିକଶିତ କରାଯାଉଛି। ଏହି ପାର୍କ ବାର୍ଷିକ ୩୦୦ କିଲୋ ଟନ୍ ବିଶିଷ୍ଟ ଆଇଓସିଏଲ୍ ପଲିଷ୍ଟର ଏବଂ ଫାଇବର ପ୍ଲାଣ୍ଟ ସାହାଯ୍ୟରେ ବାର୍ଷିକ ୧୦୦ କିଲୋ ଟନ୍ ବିଶିଷ୍ଟ ପଲିଷ୍ଟର ଷ୍ଟାପଲ ଫାଇବର, ବାର୍ଷିକ ୧୬୫ କିଲୋ ଟନ୍ ବିଶିଷ୍ଟ ଡ୍ରୋନ୍ ଟେକ୍ସଚରଡ୍ ୟାର୍ନ ଏବଂ ବାର୍ଷିକ ୩୫ କିଲୋ ଟନ ବିଶିଷ୍ଟ ଫୁଲି ଡ୍ରୋନ ୟାର୍ନ ଏହି ପାର୍କ ପାଇଁ ଫିଡ୍ ଷ୍ଟକ୍ ରହିଛି। ତେଣୁ ଏହି ସମ୍ଭାବନାକୁ ଦୃଷ୍ଟିରେ ରଖି ଏକ ଗ୍ରୀନ୍ ଫିଲ୍ଡ ମିତ୍ର ପାର୍କ ପ୍ରତିଷ୍ଠା କରିବା ପାଇଁ ବିଚାର କରିବାକୁ ଗୋଏଲଙ୍କୁ ଅନୁରୋଧ କରିଛନ୍ତି।

# ପ୍ରଥମ ପର୍ଯ୍ୟାୟରେ ଦେଢ଼ କୋଟି ଅନୁଦାନ

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

**ମୋ କଲେଜ ଅଭିଯାନ**

- ୧୩ କଲେଜ, ୨ ବିଶ୍ୱବିଦ୍ୟାଳୟର ବିକାଶମୂଳକ କାର୍ଯ୍ୟ ହେବ

'ମୋ କଲେଜ ଅଭିଯାନ' ଅଧୀନରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ପର୍ଯ୍ୟାୟରେ ୧.୫ କୋଟି ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ୧୩ କଲେଜ ଓ ୨ ବିଶ୍ୱବିଦ୍ୟାଳୟକୁ ଏହି ଅର୍ଥରାଶି ଦିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କଲେଜ ଦିନ ଆମ ଜୀବନର ଏକ ସୁବର୍ଣ୍ଣ ସମୟ। ଏହି ସମୟରେ ଆମେ ଆମର ସ୍ୱପ୍ନ, ସଂଘର୍ଷ ଓ ଅସୀମ ସମ୍ଭାବନା ନେଇ ବଞ୍ଚୁ। ମୋ କଲେଜ ଅଭିଯାନରେ ନିଜ ଶିକ୍ଷାନୁଷ୍ଠାନକୁ ଦାନ କରିଥିବା ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଲେ, ତୁମମାନଙ୍କ ଜୀବନକୁ ସଜାଡ଼ିଥିବା ଅନୁଷ୍ଠାନଗୁଡ଼ିକର ବିକାଶର ଅଂଶ ହେବା ନିଶ୍ଚିତ ଭାବେ ସବୁଠାରୁ ଆନନ୍ଦଦାୟକ ଅନୁଭୂତି। ଏଥିରେ ଅଧିକରୁ ଅଧିକ ଆଲୁମ୍‌ନି ସଦସ୍ୟ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୪୦ ଉଚ୍ଚଶିକ୍ଷାନୁଷ୍ଠାନର ବିକାଶ କରାଯିବ ବୋଲି ଘୋଷଣା କରିଥିଲେ। ୟୁଜି ଓ ପିଜିରେ ରାଜ୍ୟର ୩୦ ହଜାରରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହେବେ। ରୂପାନ୍ତରଣ କାର୍ଯ୍ୟକ୍ରମରେ ୧,୦୭୦ ବିଦ୍ୟାଳୟର ବିକାଶ କରାଯାଉଛି। ନଭେମ୍ବର ୧୪ ସୁଦ୍ଧା କାର୍ଯ୍ୟ ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ 'ମୋ କଲେଜ ଅଭିଯାନ' ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଶିକ୍ଷାଗତ ପରିବେଶକୁ ଏକ ନୂତନ ସ୍ତରକୁ ଆଣିବାରେ ସଫଳ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ମୋ କଲେଜ ଅଧ୍ୟକ୍ଷ ଆକାଶ ଦାଶ ନାୟକ ସ୍ୱାଗତ ଭାଷଣ ଓ ଉଚ୍ଚଶିକ୍ଷା ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟମାନେ ଭର୍ଚୁଆଲରେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର, ଗଞ୍ଜାମ, ଯାଜପୁର, ନୟାଗଡ଼, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ଅନୁଗୋଳ, ବରଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା ଆଦି ଜିଲାର ୧୫ଟି ଶିକ୍ଷାନୁଷ୍ଠାନରୁ ୮୩,୫୨,୨୭୨ଟଙ୍କା ଆସିଥିବାବେଳେ ରାଜ୍ୟ ସରକାର ୧,୬୭,୦୪,୫୪୪ ଟଙ୍କା ପ୍ରଦାନ କରିଛନ୍ତି। ତେଣୁ ଏସବୁ ଶିକ୍ଷାନୁଷ୍ଠାନରେ ମୋଟ ୨,୫୦,୫୬,୮୧୬ ଟଙ୍କା ଖର୍ଚ୍ଚ ହେବ।



ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ଶୁକ୍ଲିମୁଣ୍ଡି ଗାଁରେ ନାଗବାଚା ଯାତ୍ରା

ନୂଆପଡ଼ା ଅଫିସ, ୨୬।୧୦


ନାଗବାଚା ଯାତ୍ରାର ଗାଁରେ ବୋଏଁଲ ବୁଲୁଥିବା ସମୟରେ ଲୋକେ ଅଧିଆ ପଡିଛନ୍ତି।

ନୂଆପଡା ଜିଲା କୋମନା ବ୍ଲକ ଠିକପାଲି ପଞ୍ଚାୟତର ଶୁକ୍ଲିମୁଣ୍ଡି ଗାଁରେ ନାଗବାଚା ଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଯାତ୍ରା ସୋମବାର ପାଳନ କରାଯାଇଥିଲା। ଉପବାସ ରହି ମଧ୍ୟାହ୍ନରେ ଗ୍ରାମ ପୋଖରୀକୁ ଯାଇ ଶୁଦ୍ଧସ୍ନାନ ସାରି ପୋଖରୀ ପାଖରେ ଥିବା ଶିବ ମନ୍ଦିରରେ ପୂଜାଅର୍ଚ୍ଚନା କରାଯାଏ। ସେଠାରେ ମାଟିରେ ନାଗଦେବତା ନିର୍ମାଣ କରି ନାଗଦେବତାକୁ ବରୁଣ କରି ସାଙ୍ଗରେ ଧରି ପ୍ରତିଦିନ ପୂଜା ହେଉଥିବା ସ୍ଥାନକୁ ଆଣି ସ୍ଥାପନ କରାଯାଏ। ସନ୍ଧ୍ୟାରେ ପୂଜା କରା ଯାଇଥାଏ। ନାଗଦେବତା ବରୁଣ କରି ଆଣିବା ସମୟରେ ରାସ୍ତାରେ କାଳିସି ଆସଥାଏ। ଗାଁରେ ବୋଏଁଲ ବୁଲିଥାଏ। ସେହି ସମୟରେ ଗାଁର ଲୋକେ ଅଧିଆ ପଡିଥାନ୍ତି। ଭିନ୍ନ ଭିନ୍ନ ଲୋକଙ୍କ ଶିରରେ ଅନେକ ପ୍ରକାର ଦେବା ଦେବୀ ଆସି ଅଧିଆ ପଡିଥିବା ଲୋକଙ୍କୁ ବଚନ ଦେଇଥାନ୍ତି। ମା'ଙ୍କ ଠାରେ ଗୁହାରୀ କଲେ ସବୁ ମନସ୍କାମନା ପୂର୍ଣ୍ଣ ବୋଲି ଲୋକେ ବିଶ୍ୱାସ କରି ମା'ଙ୍କ ଠାରେ ଅଧିଆ ପଡି ଗୁହାରୀ ଜଣାଇଥାନ୍ତି। ଏହି ନାଗବାଚା ଯାତ୍ରାର ନିୟମ ରହିଛି। ତାହା ବିଧି ଅନୁସାରେ ପାଳନ କରିବାକୁ ପଡେ। ଗୋଟିଏ ସପ୍ତାହକୁ ଗୋଟିଏ ପାଳନ ୩,୫,୭ ଏହିପରି ପାଳନ ରହିଛି। ନାଗବାଚା ଭକ୍ତମାନେ ୩,୫ କିମ୍ବା ୭ ସପ୍ତାହ ବିଧି ଅନୁସାରେ ପାଳନ କରି ପୂଜାଅର୍ଚ୍ଚନା କରିଥାନ୍ତି। ନାଗବାଚା ଗୁରୁମାନଙ୍କ ଦ୍ୱାରା ଶିଷ୍ୟମାନଙ୍କୁ ଶିଖା ଯାଇଥାଏ। ଏମାନଙ୍କ କାର୍ଯ୍ୟ କୌଣସି ବିଷାକ୍ତ ସର୍ପ ବା କୀଟ କାମୁଡିଲେ ଫୁଙ୍କାଝଡା କରିବା ସହିତ ବିଷଧର ସର୍ପକୁ ମଧ୍ୟ ଧରିଥାନ୍ତି। ଏହି ନାଗବାଚା ଦଳର ପ୍ରତିଷ୍ଠାତା କପିଳ ଶବରଙ୍କ ନେତୃତ୍ୱରେ ଗୁରୁ ଭାବରେ ପୁରନ୍ଦର ପଟେଲ ଓ ଗୁଣନିଧି ଠାକୁର ଶିକ୍ଷା ଦେଉଥିବା ବେଳେ କୁଞ୍ଜବିହାରୀ ଶବର ମୁଖ୍ୟ ପୂଜକ, ଅନ୍ୟତମ ପୂଜକ କୁଞ୍ଜଶବର ରହିଥିବାବେଳେ ଉଦ୍ଧବ ଶବର ପରିଚାଳନା କରୁଛନ୍ତି। ଅଳସିଂ ବରିହା, ନିରଞ୍ଜନ ନାଗ, ଶେଷଦେବ ଶବର, ଗୋଦ୍ରୋ ବରିହା, ବିଶ୍ୱମ୍ଭର ଶବର, ପୁସ୍ତମ ବରିହା, ସୁରେଶ ଶବର, କମଳ ଶବର, ଗିରିଧାରି ଶବର, କ୍ଷୀର ସାଗର ଶବର, ଖେତୁ ଭୋଇ, ନରେଶ ଶବର, ରୁପେନ୍ଦ୍ର ଶବର, ପ୍ରମାନନ୍ଦ ଶବର, ଗୋପି ଶବର, କୁମୁଦ ଶବର, ଦଇତାରି ଶବର, ଅଲେଖ ଶବର ପ୍ରମୁଖ ସହଯୋଗ କରୁଛନ୍ତି।

# କୋସଲି ସାଂସ୍କୃତିକ ମହାଜୋଟର ନୂଆଁଖାଇ ଭେଟ

ଟିଟିଲାଗଡ଼, ୨୬।୧୦(ଡି.ଏନ.ଏ)

କୋସଲି ସାଂସ୍କୃତିକ ମହାଜୋଟ ଟିଟିଲାଗଡ଼ର ସ୍ଥାନୀୟ ଲଇତରା କୁମୁଡିପଦର କୋସଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଟିକେଲାଲ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ କୋସଲେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ଦିବଂଗତ ବିଶିଷ୍ଟ ହାସ୍ୟକବି ପ୍ରଶାନ୍ତ ନାୟକ, କୋସଲି କବି ଚତୁର୍ଭୁଜ ସାଆନ୍ତ, ଗୋବିନ୍ଦ ନାମଦେବଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବଲାଙ୍ଗୀରର ସବିତା ମହରା ଓ ଦେଶସେବା କ୍ଷେତ୍ରରେ କାର୍ଯ୍ୟ ନେଇ ପ୍ରାକ୍ତନ ସିଆରପିଏଫ ଜବାନ ଲିଙ୍ଗରାଜ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ହାସ୍ୟକବି ଗୁଣରଞ୍ଜନ ସାଲିମା, କୋସଲି ଗବେଷକ ଡ. ଦୋଳଗୋବିନ୍ଦ ବିଶି ମୁଖ୍ୟବକ୍ତା, ଯାଦବ ନେତା ଘିନୁ ଆଉୟୁଆଡ, କୋସଲି ଡେରାର ମୁଖ୍ୟ ଲାଲଚନ୍ଦ ବରର୍ଡି, ଜିଲା ପରିଷଦ ସଭ୍ୟ ମଧୁସୂଦନ ମହାନନ୍ଦ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ।

# ଆନ୍ଧ୍ର ପକ୍ଷରୁ ୪ ସୀମାନ୍ତ ଗ୍ରାମବାସୀଙ୍କୁ ନେଇ ଗ୍ରାମସଭା

ପଟାଙ୍ଗୀ, ୨୬।୧୦(ଡି.ଏନ.ଏ.)

କୋରାପୁଟ ଜିଲା ପଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତ ଉପରୁ ଆନ୍ଧ୍ର ନଜର ହଟାଉନି। ସୀମାନ୍ତରେ ସ୍ଥିତାବସ୍ଥା ଜାରି ରଖିବା ନେଇ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ, କୋରାପୁଟ ଜିଲା ପ୍ରଶାସନର ଚେତାବନୀକୁ ଖାତିର କରୁନାହିଁ ପଡୋଶୀ ଆନ୍ଧ୍ର। ବାରମ୍ବାର ସୀମାନ୍ତ ଗ୍ରାମରେ ଅନୁପ୍ରବେଶ କରି ବିଭିନ୍ନ କାର୍ଯ୍ୟକ୍ରମ କରୁଛି। ମଙ୍ଗଳବାର ଆନ୍ଧ୍ର ସୀମାନ୍ତ ଅଞ୍ଚଳର ୪ଟି ଗ୍ରାମର ଗ୍ରାମବାସୀଙ୍କୁ ନେଇ ଗ୍ରାମସଭା କରିବା ସହ ଜବ୍‌କାର୍ଡ ବଣ୍ଟନ କରିଛି।

ଖବରରୁ ଜଣାପଡିଛି କୋଟିଆର ନେରେଡିବାଲସା ଗ୍ରାମରେ ଥିବା ଆନ୍ଧ୍ରର ଆଇଟିଡିଏ ସଭା ଗୃହ ପରିସରରେ ଗ୍ରାମସଭା ଆୟୋଜନ କରି ସାଲୁର ବ୍ଲକ ପ୍ରଶାସନ ଉପର ପନିକି ଗ୍ରାମର ୨୨, ରଣାସିଂ ଗ୍ରାମର ୩୦, ତନପନିକି ଗ୍ରାମର ୧୦ ଏବଂ ନୂଆଗାଁ ପଞ୍ଚାୟତ ଗାଲିଗାବଡାର ଗ୍ରାମର ୧୪୭ ଜଣଙ୍କୁ ଏମ୍‌ଜିଏନଆରଇଜିଏସରେ ଜବ୍‌କାର୍ଡ ବଣ୍ଟନ କରିଛି। ଏହି ଯୋଜନାରେ କାମକରି କିପରି ଗ୍ରାମବାସୀ ରୋଜଗାରକ୍ଷମ ହୋଇପାରିବେ ସେନେଇ ସେମାନଙ୍କୁ ଡିଷ୍ଟ୍ରିକ୍ଟ ୱାଟର ମ୍ୟାନେଜମେଣ୍ଟ ଏଜେନ୍ସି (ପିଡି ଡିଡବ୍ଲ୍ୟୁଏମଏ) ଜି. ଉମା ମହେଶ୍ୱର ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସାଲୁର ଏପିଡି ଚିନ୍ନାମ ନାଇଡୁ, ଏପିଓ ଏସ୍. କ୍ରିଷ୍ଣା ରାଓ, କନିଷ୍ଠଯନ୍ତ୍ରୀ ଗୋପାଳ କ୍ରିଷ୍ଣା ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ନେରେଡିବାଲସାରେ ଆନ୍ଧ୍ର ଗ୍ରାମସଭା କରୁଥିବା ବେଳେ ନିକଟସ୍ଥ ତାଡିବାଲସା ଗ୍ରାମରେ ଓଡ଼ିଶାର ପଟାଙ୍ଗୀ ବିଡିଓ ସୋମ୍ୟ ସାର୍ଥକ ମିଶ୍ର, ଏପିଓ ସୌମେନ୍ଦ୍ର ନାୟକ, ଏବିଡିଓ କୃଷ୍ଣଚନ୍ଦ୍ର ବିଶ୍ୱାସରାଏ ଓ ପିଇଓ ନବ ହନ୍ତାଳ ନବନିର୍ମିତ ବିଦ୍ୟାଳୟ ଆଶ୍ରମ ଗୃହ କାର୍ଯ୍ୟ ତଦାରଖ କରି ନଭେମ୍ବରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରବ ପାଇଁ ସ୍ଥିତି ଅନୁଧ୍ୟାନ କରୁଥିଲେ। ଏହି ସମୟରେ ଆନ୍ଧ୍ର ପୋଲିସ ପଟାଙ୍ଗୀ ବିଡିଓଙ୍କ ସହ କିଛି ସମୟ ଧରି ଆଲୋଚନା କରିଥିଲେ। ଉଭୟ ରାଜ୍ୟ ମଧ୍ୟରେ କେବେଠାରୁ ବିବାଦ ଆରମ୍ଭ ହୋଇଛି ଜାଣିବାକୁ ଚାହିଁଥିଲେ।


ଆନ୍ଧ୍ର ପୋଲିସ ପଟାଙ୍ଗୀ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

# ଫି-ଛାଡ଼ ଦାବିରେ ଧାରଣାରେ ବସିଲା ଏବିଭିପି

ଜୁନାଗଡ଼, ୨୬।୧୦(ଡି.ଏନ.ଏ.)

କରୋନା ମହାମାରୀ ସମୟରେ ମହାବିଦ୍ୟାଳୟଗୁଡ଼ିକ ବନ୍ଦ ରହିଥିଲା। ଅନ୍‌ଲାଇନ କ୍ଲାସ ବ୍ୟତୀତ ଅନ୍ୟ କିଛି ଉପକରଣ ଛାତ୍ରୀଛାତ୍ରମାନେ ବ୍ୟବହାର କରିନାହାନ୍ତି। କିନ୍ତୁ କଳାହାଣ୍ଡି ଜିଲା ଜୁନାଗଡସ୍ଥିତ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ ମହାବିଦ୍ୟାଳୟ ସମ୍ପୂର୍ଣ୍ଣ ଫି ନେଉଥିବା ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ଫଳରେ ଏହାକୁ ବିରୋଧ କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)କଳାହାଣ୍ଡି ନେତୃତ୍ୱରେ ଛାତ୍ରୀଛାତ୍ରମାନେ ମଙ୍ଗଳବାର ପିଆଇ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫି ଛାଡ଼ କରିବା ସହିତ ଛାତ୍ରୀଛାତ୍ର କମନ ରୁମ ଓ ଶ୍ରେଣୀ ଗୃହ ତୁରନ୍ତ ମରାମତି କରାଯାଉ ବୋଲି ଦାବି କରିଥିଲେ। ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇ, ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଘଟଣାସ୍ଥଳକୁ ଆସି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ରମାନେ ଧାରଣାରୁ ଉଠିଥିଲେ। ଏହି ଆନ୍ଦୋଳନର ନେତୃତ୍ୱ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜୁନାଗଡ ନଗର ସମ୍ପାଦକ ସୌରଭ ମିଶ୍ର , ମୁକେଶ ବିଶୋଇ,ସବିତା କୈବର୍ତ୍ତ,ରୋହିତ ଧଙ୍ଗଡା ମାଝି ପ୍ରମୁଖ ନେଇଥିଲେ। ଏବିଭିପିର କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଶାଖା ସଭାପତି ବିକାଶ ସାହୁ ,ବିଭାଗ ସଂଯୋଜକ ପୁରୁଷୋତ୍ତମ ବିଶି ଉପସ୍ଥିତ ଥିଲେ। ଏଠାରେ ପ୍ରକାଶ ଯେ ,ଗତ ୧୧ ତାରଖରେ ଏହି ସମାନ ଦାବିକୁ ନେଇ କଲେଜ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏହାପରେ ବି ଦାବି ପୂରଣ ନ ହେବାରୁ ମଙ୍ଗଳବାର ପୁନର୍ବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ଜୁନାଗଡ ନଗର ସମ୍ପାଦକ ସୌରଭ ମିଶ୍ର ଚେତାବନୀ ଦେଇଛନ୍ତି।



କଲେଜ ସମ୍ମୁଖରେ ଏବିଭିପି ପକ୍ଷରୁ ବିକ୍ଷୋଭ କରାଯାଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଅକ୍ଟୋବର ୨୭/୨୦୨୧ Sambalpur, Wednesday, October 27/ 2021

# ପାକିସ୍ତାନର ଦ୍ୱିତୀୟ ବିଜୟ

**ଶାରଜା,୨୬।୧୦**

ଚଳିତ ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଭାରତକୁ ହରାଇବା ପରେ ପାକିସ୍ତାନ ସୁପର-୧୨ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡକୁ ମଙ୍ଗଳବାର ୫ ଉଇକେଟରେ ପରାସ୍ତ କରିଛି। ୪ ପଏଣ୍ଟ ହାସଲ କରି ପାକିସ୍ତାନ ଗ୍ରୁପ୍-୨ର ଶୀର୍ଷକୁ ଉଠିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ୮ ଉଇକେଟ ହରାଇ ୧୩୪ ରନରେ ସୀମିତ ରହିଥିଲା। ଜବାବରେ ପାକିସ୍ତାନ ୧୮.୪ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଛି। ପାକିସ୍ତାନ ତରଫରୁ ଅଭିଜ୍ଞ ସୋଏବ ମଲିକ ୨୦ ବଲରୁ ୨ ଚୌକା ଓ ୧ ଛକା ସହ ୨୬ ରନ ଓ ଆସିଫ ଅଲି ୧୨ ବଲରୁ ୧ ଚୌକା ଓ ୩ ଛକା ସହ ୨୭ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ମହମ୍ମଦ ରିଜୱାନ ୩୩, ବାବର ଆଜମ ୯, ଫଖର ଜମାନ ୧୧, ମହମ୍ମଦ ହାଫିଜ ୧୧ ଓ ଇମାଦ ୱାସିମ ୧୧ ରନକରି ଆଉଟ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଇଶ ସୋଧୀ ୨, ମିଚେଲ ସାଣ୍ଟନର, ଟିମ ସୌଦି ଓ ଟ୍ରେଣ୍ଟ ବୋଲ୍ଟ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ଏକଦା ୮ ଓଭରରେ ଗୋଟିଏ ଉଇକେଟ ହରାଇ ୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରି ବେଶ୍ ଭଲ ଆରମ୍ଭ କରିଥିଲା। ୨୦ଟି ବଲର ସମ୍ମୁଖୀନ ହୋଇ ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ପ୍ରଥମେ ୧୭ ରନକରି



ମାର୍ଟିନ ଗୁପ୍ଟିଲକୁ ଆଉଟ୍ କରିବା ପରେ ଉଲ୍ଲସିତ ପ୍ଲେୟର ଅଫ୍ ଦି ମ୍ୟାଚ୍ ହାରିସ ରୌଫ।

ହାରିସଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅନ୍ୟତମ ଓପନର ଡାରିଲ ମିଚେଲ ୨୦ ବଲର ସମ୍ମୁଖୀନ ହୋଇ ୧ ଚୌକା ଓ ୨ ଛକା ସହ ୨୭ ରନକରି ଇମାଦ ୱାସିମଙ୍କ ବଲ୍‌ରେ ଫଖର ଜମାନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଜେମ୍ସ ନିଶାମ ମହମ୍ମଦ ହାଫିଜଙ୍କ ବଲ୍‌ରେ ଫଖରଙ୍କୁ କ୍ୟାଚ ଦେଇ ଆଉଟ ହେବା ସହ ମାତ୍ର ୧ ରନ ସଂଗ୍ରହ କରିଥିଲେ। ଅଧିନାୟକ କେନ ୱିଲିୟମସନ ୨୬ ବଲରୁ ୨ ଚୌକା ଓ ୧ ଛକା ସହ ୨୫ ରନକରି କ୍ରିଜ୍‌ରେ ଜମିଆସୁଥିବା ବେଳେ ହାସନ ଅଲିଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ ଆଉଟ ହୋଇଥିଲେ। ୨୪ ବଲରୁ ୩ ଚୌକା ସହ ୨୭ ରନ କରି ଦଳର ସ୍କୋରକୁ ଆଗକୁ ବଢାଇ ନେଉଥିବା ବେଳେ ଡେଭନ କନୱେ ଆଉଟ ହୋଇଥିଲେ। ସେହିପରି ଗ୍ଲେନ ଫିଲିପ୍ସ ୧୩ ରନ କରିଥିବା ବେଳେ ହାସନ ଅଲିଙ୍କୁ କ୍ୟାଚ୍ ଦେଇ ହାରିସଙ୍କ ତୃତୀୟ ଶିକାର ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଇକେଟକିପର ବ୍ୟାଟର ଟିମ୍ ସିଫର୍ଟ ୮, ମିଚେଲ ସାଣ୍ଟନର ୬ ରନକରି ଆଉଟ ହୋଇଥିବା ବେଳେ ଇଶ ସୋଧି୨ ରନକରି ଅପରାଜିତ ରହିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ହାରିସ ସର୍ବାଧିକ ୪, ଶାହିନ ଶାହା ଆଫ୍ରିଦି, ଇମାଦ ୱାସିମ ଓ ମହମ୍ମଦ ହାଫିଜ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୩୪/୮ (ଡେଭନ କନୱେ- ୨୭, ଡାରିଲ ମିଚେଲ- ୨୭, କେନ ୱିଲିୟମସନ- ୨୫, ମାର୍ଟିନ ଗୁପ୍ଟିଲ- ୧୭, ଗ୍ଲେନ ଫିଲିପ୍ସ- ୧୩, ହାରିସ ରୌଫ- ୪/ ୨୨, ଶାହିନ ଶାହା ଆଫ୍ରିଦି- ୧/୨୧, ଇମାଦ ୱାସିମ- ୧/୨୪, ମହମ୍ମଦ ହାଫିଜ- ୧/ ୧୬)। ପାକିସ୍ତାନ ୧୮.୪ ଓଭରରେ ୧୩୫/୫ (ମହମ୍ମଦ ରିଜୱାନ- ୩୩, ସୋଏବ ମଲିକ- ୨୬*, ଆସିଫ ଅଲି- ୨୭*, ଇଶ ସୋଧୀ- ୨/୨୮ )।

**ଟି୨୦ ବିଶ୍ୱକପ**

(ଆଜିର ମ୍ୟାଚ)

**ଇଂଲଣ୍ଡ ବନାମ ବାଂଲାଦେଶ**

ସ୍ଥାନ: ଆବୁଧାବି, ସମୟ: ଅପରାହ୍ନ ୩ଟା ୩୦

**ସ୍କଟଲାଣ୍ଡ ବନାମ ନାମ୍ବିଆ**

ସ୍ଥାନ: ଆବୁଧାବି, ସମୟ: ରାତି ୭ଟା ୩୦

## ସିଏସ୍ଏ ନିର୍ଦ୍ଦେଶକୁ ମାନିଲେନି ଡି'କକ୍

**ଦୁବାଇ, ୨୬।୧୦ (ପି.ଟି.):** ମଙ୍ଗଳବାର ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଉଇକେଟକିପର-ବ୍ୟାଟର କ୍ୱିଣ୍ଟନ ଡି'କକ୍ କ୍ରିକେଟ ସାଉଥ ଆଫ୍ରିକା (ସିଏସ୍ଏ) ନିର୍ଦ୍ଦେଶକୁ ମାନିବା ଲାଗି ରାଜି ହୋଇ ନ ଥିଲେ। ଏପରିକି ମ୍ୟାଚରୁ ଓହରିଯାଇଥିଲେ, ଯାହାଫଳରେ ଦଳ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିବା ଜଣାଯାଇଛି। ଖବର ଅନୁସାରେ 'ବ୍ଲାକ ଲାଇଭ୍ସ ମ୍ୟାଟର' ମୁଭମେଣ୍ଟକୁ ସମର୍ଥନ ଜଣାଇ କ୍ରିକେଟ ସାଉଥ ଆଫ୍ରିକା ପକ୍ଷରୁ ଏହାର ଖେଳାଳିମାନଙ୍କ ଲାଗି ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଏହାର ସମସ୍ତ ମ୍ୟାଚ ପୂର୍ବରୁ ଖେଳାଳିମାନଙ୍କୁ ସେମାନଙ୍କ ଗୋଟିଏ ଆଣ୍ଠୁରେ କିଛି ସମୟ ଆଣ୍ଠେଇବା ଲାଗି କୁହାଯାଇଥିଲା। ହେଲେ ଡି'କକ୍ ତାହା କରି ନ ଥିଲେ। ସିଏସ୍ଏ ଟିମ୍ ମ୍ୟାନେଜମେଣ୍ଟ ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟ ପାଇବା ପରେ ଡି'କକ୍‌ଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଦକ୍ଷିଣ ଆଫ୍ରିକୀୟ ଉଇକେଟକିପର-ବ୍ୟାଟର ପୂର୍ବରୁ ମଧ୍ୟ ଏଭଳି ଭଙ୍ଗୀ ପ୍ରଦର୍ଶନକୁ ନେଇ କୁଣ୍ଠାପ୍ରକାଶ କରିଥିଲେ। ସେ କହିଛନ୍ତି, କୌଣସି କାର୍ଯ୍ୟ କରିବା ଲାଗି ଜଣଙ୍କୁ ବାଧ୍ୟ କରିବା ଉଚିତ ନୁହେଁ। ଅତୀତରେ ଦେଶରେ ରଙ୍ଗଭେଦ ନୀତି ଚାଲିଥିଲା। ଯାହାଫଳରେ କୃଷ୍ଣକାୟ ଖେଳାଳିମାନଙ୍କୁ ଜାତୀୟ ଦଳରେ ସ୍ଥାନ ମିଳୁ ନ ଥିଲା। କିନ୍ତୁ ବର୍ତ୍ତମାନ ଆଉ ସେହି ସମୟ ନାହିଁ। ତାହାର ଏକ ନମୁନା ପ୍ରଦର୍ଶନ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଥିବା ସିଏସ୍ଏ କହିଛି।

# ଦକ୍ଷିଣ ଆଫ୍ରିକାଠାରୁ ହାରିଲା ୱେଷ୍ଟଇଣ୍ଡିଜ

**ଦୁବାଇ,୨୬।୧୦**

ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍ ୧ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୮ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୫ ଉଇକେଟରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ତେବେ ପ୍ରତ୍ୟାବର୍ତ୍ତନ କରି ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍‌ରେ ବିଜୟୀ ହୋଇଛି। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ୮ ଉଇକେଟ ହରାଇ ୧୪୩ ରନରେ ସୀମିତ ରହିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୨ ଉଇକେଟ ହରାଇ ୧୮.୨ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟପଟେ ୱେଷ୍ଟଇଣ୍ଡିଜ ଏପର୍ଯ୍ୟନ୍ତ ୨ଟି ମ୍ୟାଚ୍ ଖେଳି ଦୁଇଟିରେ ପରାଜୟ ବରଣ କରିଛି। ଏଥି ସହ ୱେଷ୍ଟଇଣ୍ଡିଜ ଟୁର୍ନାମେଣ୍ଟରୁ ବାଦ୍ ପଡିବା ଆଶଙ୍କା ଦେଖାଦେଇଛି। ଏହା ପୂର୍ବରୁ ଇଂଲଣ୍ଡଠାରୁ ୬ ଉଇକେଟରେ ୱେଷ୍ଟଇଣ୍ଡିଜ ପରାସ୍ତ ହୋଇଥିଲା। ଦକ୍ଷିଣ ଆଫ୍ରିକା ତା'ର ପରବର୍ତ୍ତୀ ତଥା ତୃତୀୟ ମ୍ୟାଚରେ ଶ୍ରୀଲଙ୍କାକୁ ଆସନ୍ତା ୩୦ ତାରିଖରେ ଭେଟିବ। ସେହିପରି ୨୯ ତାରିଖରେ ୱେଷ୍ଟଇଣ୍ଡିଜ ତାର ତୃତୀୟ ମୁକାବିଲାରେ ବାଂଲାଦେଶକୁ ଭେଟିବ। ୪ ଓଭରରେ ମାତ୍ର ୧୪ ରନ ବ୍ୟୟ କରି ଆନ୍ଦ୍ରେ ରସେଲଙ୍କୁ ବୋଲ୍ଡ କରି ଗୋଟିଏ ଉଇକେଟ ନେଇଥିବା ଅନରିଚ ନୋର୍ଜ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୪୪ ରନ ଆଭରେଜ ଟାର୍ଗେଟର ପିଛା କରି ଦକ୍ଷିଣ ଆଫ୍ରିକା ଅଧିନାୟକ ତଥା ଓପନର ଟେମ୍ବା ବାଭୁମା (୨ରନ)ଙ୍କୁ ହରାଇ ଦଳ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ତେବେ ଦ୍ୱିତୀୟ ଉଇକେଟରେ ରିଜା ହେଣ୍ଡ୍ରିକ୍ସ ଓ ରସି ଭାନ ଡର ଡସେନ ୫୦ ବଲର ୫୭ ରନକରି ସ୍ଥିତି ସମ୍ଭାଳିଥିଲେ। ୩୦ଟି ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୧ ଛକା ସହ ୩୯ ରନକରି ହେଣ୍ଡ୍ରିକ୍ସ ଅକିଲ ହୋସେନଙ୍କ ବଲ୍‌ରେ ଶିମରନ ହେଟମେୟରଙ୍କୁ କ୍ୟାଚ୍ ଦେଇ ଆଉଟ



ଆକ୍ରମଣାତ୍ମକ ଶଟ୍ ଖେଳୁଛନ୍ତି ଏଡେନ ମାରାକ୍ରାମ ।

ହୋଇଥିଲେ। ତୃତୀୟ ଉଇକେଟରେ ଡସେନ ଓ ଏଡେନ ମାରାକ୍ରାମ ୫୪ ବଲରୁ ଦ୍ରୁତ ଅପରାଜିତ ୮୩ ରନକରି ଦଳକୁ ଜିତାଇଥିଲେ। ମାରାକ୍ରାମ ୨୬ ବଲରୁ ୨ ଚୌକା ଓ ୪ ଛକା ସହ ୫୧ ରନକରି ଅପରାଜିତ ରହିଥିଲେ। ସେହିପରି ଡସେନ ୫୧ ବଲରୁ ୪୩ ରନକରି ଅପରାଜିତ ରହିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ତରଫରୁ ଓପନର ଏଭିନ ଲୁଇସ୍ ସର୍ବାଧିକ ୫୬ ରନ (୩୫ ବଲ, ୩ ଚୌକା, ୬ ଛକା) କରି କେଶବ ମହାରାଜଙ୍କ ବଲ୍‌ରେ କାଗିସୋ ରାବାଡ଼ାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। କିରନ ପୋଲାର୍ଡ ୨୦ ବଲରୁ ୨ ଚୌକା ଓ ୧ ଛକା ସହ ୨୬ ରନକରି ଆଉଟ ହୋଇଥିଲେ ଓ ଅନ୍ୟମାନେ ବିଫଳ ହୋଇଥିଲେ। ଏହି କ୍ରମରେ ଲିଣ୍ଡେଲ ସିମନ୍ସ ୧୬, ନିକୋଲାସ ପୁରନ ୧୨, କ୍ରିସ ଗେଲ ୧୨ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଡ୍ୱେନ ପ୍ରିଟୋରିୟସ ୩, କେଶବ ମହରାଜ ୨, ରାବାଡ଼ା ଓ ନୋର୍ଜ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୪୩/୮ (ଏଭିନ ଲୁଇସ୍- ୫୬, କିରନ ପୋଲାର୍ଡ- ୨୬, ଡ୍ୱେନ ପ୍ରିଟୋରିୟସ- ୩/ ୧୭, କେଶବ ମହାରାଜ- ୨/ ୨୪)। ଦକ୍ଷିଣ ଆଫ୍ରିକା ୧୮.୨ ଓଭରରେ ୧୪୪/୨ (ଏଡେନ ମାରାକ୍ରାମ- ୫୧*, ରସି ଭାନ ଡର ଡସେନ- ୪୩*, ରିଜା ହେଣ୍ଡ୍ରିକ୍ସ- ୩୯, ଅକିଲ ହୋସେନ-୧/ ୨୭)।




ACTIVA

ଆମେ ସେହିମାନେ ଯେଉଁମାନେ କି ଅଟକିବା ଜାଣୁ ନାହିଁ, ଥକିବା ଜାଣୁ ନାହିଁ, କେବଳ ଆଗକୁ ବଢିବା ଜାଣୁ । ତେଣୁ ପରା ଆମ ଦେଶ ଆଜି ନିଜ ଗୋଡରେ ପୁଣି ଆଉ ଥରେ ଛିଡା ହେଉଛି । ତେବେ ଚାଲନ୍ତୁ ଆଜି ଆମେ ସମସ୍ତେ ଇଣ୍ଡିଆର ଦୁଇଟି ଚକ ହୋଇ ଦୁନିଆକୁ ଦେଖାଇଦେବା ଯେ ଇଣ୍ଡିଆ ଯେ କେବଳ ଉପରକୁ ଉଠୁନାହିଁ ବରଂ ପୁଣିଥରେ ଉଡୁଛି ।

**ଆପଣ ଏବଂ Activa, ଇଣ୍ଡିଆର ଦୁଇଟି ଚକ।**




ଅଧିକ ଜାଣିବା ପାଇଁ **7230032200** ନମ୍ବରରେ ଗୋଟିଏ ମିସ କଲ ଦିଅନ୍ତୁ।

5 Crore Happy Customers

ସୁଧ ଦର 5.99%* ରୁ ଆରମ୍ଭ | ପ୍ରୋସେସିଂ କର 0* | ଫାଇନାନ୍ସ 100%* ପର୍ଯ୍ୟନ୍ତ | କ୍ୟାସବ୍ୟାକ୍ ₹5000* ପର୍ଯ୍ୟନ୍ତ | ଇନ୍ସ୍ୟୁରାନ୍ସ joyclub ₹5 ଲକ୍ଷ##

ଡିଲର ବିବରଣୀ ଜାଣିବା ପାଇଁ 7230032200 ରେ WhatsApp କରନ୍ତୁ କିମ୍ବା QR Code କୁ ସ୍କାନ୍ କରନ୍ତୁ

1. ଇୟରଫୋନ୍ କନେକ୍ଟ୍ କରନ୍ତୁ
2. QR Code ସ୍କାନ୍ କରନ୍ତୁ
3. ଭିଡିଓର ଆନନ୍ଦ ନିଅନ୍ତୁ

BOOK ONLINE NOW! www.honda2wheelersindia.com
CLICK BOOK RELAX

Honda Motorcycle & Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

Honda Exclusive Authorized Dealerships: ATTABIRA: TS Motors - 06682-221001, 9178653139, T.S. Honda - 9178653139, 9438771477; BARGARH: Aashirbad Honda - 06646-246066, 7873234466; BELPAHAR: Bharat Honda - 8018157547; BHAWANIPATNA: Mahesh Honda - 8456818116, 06670-235633; BOLANGIR: Amarnath Honda - 8895255855, 8895258555; BRAJRAJNAGAR: JaiswaL Honda - 977747788; JHARSUGUDA: Gajraj Honda - 9337645411; JUNAGARH: Jaga Janani Honda - 9583794900; KHARIAR ROAD (NUAPADA): Ambika Honda - 9938061333, 9737643030; KUCHINDA: Krishna Honda - 06642-220346, 7894277470; RAJGANGPUR: Naisha Honda - 7008614081, 06624220051; RAJKHARIAR: Shree Shyamji Honda- 9178999997; RENGALI: BP Honda - 7377777362; ROURKELA: Koshala Honda - 9861188888, 9337749281; Harsheel Honda - 9337408180, 8658045660; SAMBALPUR: Jas Honda - 9178120526, 9238364199; SONEPUR: Meher Honda - 09937771704, 06654220200; SUNDARGARH: MaaSamaleswari Honda - 9938198641, 8984873500; TITLAGARH: Tanishta Honda - 09437037314; KANTABANJI: Ajay Honda - 8260211111; DHARAMGARH: Bharat Honda - 7008606855; KESINGA: Jagadamba Honda - 7978581295.

For Bulk/Institutional enquiries, please write us at: institutionalsales@honda2wheelersindia.com

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଅକ୍ଟୋବର ୨୭/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Wednesday, October 27/2021 | ପୃଷ୍ଠା-୯




# ଆନ୍ଧ୍ରରେ ବନ୍ଧା ୨ ହଜାର ବଣ୍ଡା

*ବଣ୍ଡା ଜନଜାତିର ବହୁ କୋମଳମତି ନାବାଳିକା, ନାବାଳକଙ୍କ ପାଠପଢ଼ାରେ ଡୋରି ବାନ୍ଧିଦେଲା କରୋନା। ଏହାପରେ ସେମାନେ ଆସିଗଲେ ଆନ୍ଧ୍ର ଦଲାଲଙ୍କ ଟାର୍ଗେଟ୍‌ରେ, ସାଜିଗଲେ ଦାଦନ ଶ୍ରମିକ। ନିୟୋଜିତ ହେଲେ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ବିପଦଜ୍ଜନକ କାର୍ଯ୍ୟରେ। ସେମାନଙ୍କ ମଧ୍ୟରୁ କେତେଜଣ ସେଠାରେ ପ୍ରାଣ ହରାଇଥିବାବେଳେ ଅନ୍ୟ କେତେଜଣ ଗୁରୁତର ଅବସ୍ଥାରେ ଗାଁକୁ ଫେରି ଜୀବନ ହାରିଛନ୍ତି। ଦୁର୍ଦ୍ଦଶା ଏଠି ସରିଯାଇନି, ଏବେବି ବଣ୍ଡା ଜନଜାତିର ବହୁ ଶିଶୁ ଶ୍ରମିକ, ଯୁବତୀଯୁବକ ଆନ୍ଧ୍ରରେ ଦୁର୍ବିଷହ ଅବସ୍ଥାରେ ବନ୍ଧା ପଡ଼ିଛନ୍ତି। ଅନେକଙ୍କ ସହ ପରିବାର ଲୋକଙ୍କ ଯୋଗାଯୋଗ ନାହିଁ। ଅଶିକ୍ଷିତ ଏବଂ ଅତ୍ୟନ୍ତ ଗରିବ ମା'ବାପା ସେମାନଙ୍କ ଝିଅପୁଅଙ୍କ ନିଖୋଜ ସମ୍ପର୍କରେ କାହାକୁ ଜଣାଇବେ ତାହା ମଧ୍ୟ ଜାଣିପାରୁନାହାନ୍ତି। କେବଳ ଆଖିରୁ ଲୁହ ଗଡ଼ାଇ ଚାହିଁ ରହିଛନ୍ତି ସନ୍ତାନର ଫେରିବା ବାଟକୁ।*


ଆନ୍ଧ୍ରରେ ବଣ୍ଡା ଛାତ୍ରୀଛାତ୍ର, ଯୁବତୀଯୁବକ ନିଖୋଜ ଏବଂ ଅଟକ ରହିବା ନେଇ ଅଭିଯୋଗ କରିଥିବା ୪ ବଣ୍ଡା ଯୁବତୀ।

- **କରୋନା ଯୋଗୁ ପାଠପଢ଼ାରେ ଡୋରି**
- **ଦଲାଲ ହାବୁଡ଼ରେ ପଡ଼ି ଭବିଷ୍ୟତ ନଷ୍ଟ**
- **ଯୁବତୀଙ୍କୁ ଅନୈତିକ କାର୍ଯ୍ୟରେ ବ୍ୟବହାର**

ଦୁର୍ଯ୍ୟୋଧନ ପାତ୍ର

ମାଲକାନଗିରି,୨୬।୧୦

ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡାଘାଟିରେ ରହୁଛନ୍ତି ବଣ୍ଡା ଆଦିବାସୀ। ଏହି ଆଦିମ ଜନଜାତିଙ୍କ ଜୀବନମାନରେ ଉନ୍ନତି ଆଣିବା ପାଇଁ ସରକାରୀ ଓ ଘରୋଇ ସଂସ୍ଥା ପକ୍ଷରୁ ଚେଷ୍ଟା ହୋଇଛି। କିନ୍ତୁ ତାହା ସମ୍ଭବ ହୋଇପାରିନାହିଁ। ଏହାର ମୁଖ୍ୟ କାରଣ ହେଲା ବଣ୍ଡା ଗ୍ରାମଗୁଡ଼ିକର ଭୌଗୋଳିକ ଅବସ୍ଥିତି। ପାହାଡ଼ ଉପରେ ଘଞ୍ଚ ଜଙ୍ଗଲରେ ଥିବା ଉକ୍ତ ଗ୍ରାମଗୁଡ଼ିକୁ ପହଞ୍ଚିବା କଷ୍ଟସାଧ୍ୟ। ଏହାର ଫାଇଦା ଉଠାଉଛନ୍ତି ପଡ଼ୋଶୀ ରାଜ୍ୟ ଆନ୍ଧ୍ରର ଦଲାଲମାନେ। ସେମାନେ ବଣ୍ଡା ପରିବାର ଲୋକଙ୍କୁ ଆର୍ଥିକ ଲୋଭ ଦେଖାଇ ନିରୀହ ପିଲାଙ୍କୁ ଶ୍ରମିକ ଭାବେ କାମ କରିବା ପାଇଁ ନିଜ ରାଜ୍ୟକୁ ନେଇଯାଉଛନ୍ତି। ସେଠାରେ ସେମାନଙ୍କୁ ନିର୍ଯାତନା ଦେଇ ଅନୈତିକ କାର୍ଯ୍ୟରେ ଲିପ୍ତ କରାଉଛନ୍ତି। ବଣ୍ଡା ଜନଜାତିଙ୍କ ସମ୍ପର୍କରେ ଖବର ସଂଗ୍ରହ ପାଇଁ ଯାଇଥିବା ଧରିତ୍ରୀ ଜିଲ୍ଲା ପ୍ରତିନିଧି ଦୁର୍ଯ୍ୟୋଧନ ପାତ୍ରଙ୍କ ନିକଟରେ ଏଭଳି ଅଭିଯୋଗ ଆଣିଛନ୍ତି ବଣ୍ଡାଘାଟିର ଅଣ୍ଡ୍ରାହାଲ୍ ପଞ୍ଚାୟତ ବଡ଼ବେଲ ଗ୍ରାମର ସଙ୍ଗୀତା କିର୍ସାନୀ, ନନ୍ଦିନୀ କିର୍ସାନୀ, ମୁସକାନ କିର୍ସାନୀ, ପଦ୍ମିନୀ କିର୍ସାନୀ, ଶାନ୍ତି ବାଡ୍ରିଙ୍କ ସମେତ ବହୁ ଗ୍ରାମବାସୀ।

ସଙ୍ଗୀତା ଓ ନନ୍ଦିନୀ ଗୋବିନ୍ଦପାଲି ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ ହୋଇଥିବାବେଳେ ମୁସ୍‌କାନ୍ ଖଇରପୁଟ ହାଇସ୍କୁଲ, ପଦ୍ମିନୀ ପାଙ୍ଗାମ୍ ଓ ଶାନ୍ତି କଦମ୍‌ଗୁଡା ହାଇସ୍କୁଲ୍‌ରେ ଶିକ୍ଷା ଗ୍ରହଣ କରୁଥିଲେ। ମହାମାରୀ କରୋନାଜନିତ କଟକଣା ଯୋଗୁ ଗତ ପ୍ରାୟ ୨ ବର୍ଷ ଧରି ମହାବିଦ୍ୟାଳୟ, ବିଦ୍ୟାଳୟ ବନ୍ଦ ଥିବାରୁ ଏମାନେ ଏବେ ଗ୍ରାମରେ ଅଛନ୍ତି। ହଷ୍ଟେଲ୍ ଖୋଲି ନ ଥିବାରୁ ଏବଂ ଗ୍ରାମରେ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ନ ଥିବା ହେତୁ ଏମାନେ ଅନ୍‌ଲାଇନ୍ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। କେବଳ ବଡ଼ବେଲ ଗ୍ରାମ ନୁହେଁ, ବଣ୍ଡାଘାଟିରେ ଥିବା ୩୦ରୁ ଊର୍ଦ୍ଧ୍ୱ ଗାଁର ଛାତ୍ରୀଛାତ୍ର କରୋନା ଯୋଗୁ ଘରେ ବସିଛନ୍ତି, ଯାହାର ସୁଯୋଗ ନେଉଛନ୍ତି ଆନ୍ଧ୍ରର ଦଲାଲମାନେ। କୋରାପୁଟ ଜିଲ୍ଲା ଅନ୍‌କାଡେଲି, ଲମ୍‌ତାପୁଟ ଆଦି ରାସ୍ତାଦେଇ ସେମାନେ ବଣ୍ଡାଘାଟିରେ ପଶୁଛନ୍ତି। ଅଶିକ୍ଷିତ ଏବଂ ଗରିବ ବଣ୍ଡା ଅଭିଭାବକଙ୍କୁ ଅର୍ଥ ପ୍ରଲୋଭନ ସାଙ୍ଗକୁ କିଛି ଅଗ୍ରିମ ଟଙ୍କା ଦେଇ ୧୩ ବର୍ଷରୁ ଊର୍ଦ୍ଧ୍ୱ ବହୁ ନାବାଳିକା, ନାବାଳିକ ଏବଂ ଯୁବତୀଯୁବକଙ୍କୁ ସାଙ୍ଗରେ ନେଇଯାଉଛନ୍ତି। ଉପରୋକ୍ତ ଛାତ୍ରୀ ଓ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଅନେକ ବଣ୍ଡା ନାବଳିକା, ନାବଳକ ଏବଂ ଯୁବତୀଯୁବକ ବିଭିନ୍ନ ରୋଗରେ ପଡ଼ି ଆନ୍ଧ୍ରରେ ପ୍ରାଣ ହରାଇଥିବାବେଳେ କେତେଜଣ ରୋଗାକ୍ରାନ୍ତ ହୋଇ ଗ୍ରାମରେ ଜୀବନ ହାରିଛନ୍ତି। ଏହି ଗ୍ରାମଗୁଡିକର ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ଓ ଶିଶୁଶ୍ରମିକ ଆନ୍ଧ୍ରର ବିଭିନ୍ନ ସ୍ଥାନରେ ବିପଜ୍ଜନକ କାର୍ଯ୍ୟ ନିୟୋଜିତ ହୋଇଛନ୍ତି। ବାହାରେ କାର୍ଯ୍ୟ କରି ☞ପୃଷ୍ଠା-୬

# ୧୫ ଜିଲାପାଳ ପଠାଇଲେ ଚୂଡ଼ାନ୍ତ ସଂରକ୍ଷଣ ତାଲିକା

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଆସନ୍ତା ବର୍ଷ ଫେବୃୟାରୀରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାର ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ୱାର୍ଡସୀମା ନିର୍ଦ୍ଧାରଣ ଓ ସ୍ଥାନ ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ମାସ ୩୦ ତାରିଖ ସୁଦ୍ଧା ସଂରକ୍ଷଣ ପ୍ରକ୍ରିୟା ଶେଷ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଜିଲା ପରିଷଦ ଅଧ୍ୟକ୍ଷ ଓ ସଦସ୍ୟଙ୍କ ବ୍ୟତୀତ ସମସ୍ତ ୱାର୍ଡମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଏବଂ ବ୍ଲକ ଅଧ୍ୟକ୍ଷଙ୍କ ଲାଗି ସଂରକ୍ଷଣ ତାଲିକା ଜିଲାସ୍ତରରେ ଚୂଡ଼ାନ୍ତ ହୋଇଛି। ଏହି କ୍ରମରେ ମଙ୍ଗଳବାର ୧୫ ଜିଲାର ଚୂଡ଼ାନ୍ତ ତାଲିକା ରାଜ୍ୟ ନିର୍ବାଚନ କମିଶନଙ୍କ ହସ୍ତଗତ ହୋଇଛି। ବୁଧବାର ସୁଦ୍ଧା ସମସ୍ତ ତାଲିକା କମିଶନଙ୍କ ନିକଟରେ ପହଞ୍ଚିବ ବୋଲି କମିଶନଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଅନ୍ୟପକ୍ଷରେ ଜିଲା ପରିଷଦ ସଭାପତି ଏବଂ ସଦସ୍ୟଙ୍କ ସଂରକ୍ଷଣ ତାଲିକା ଚୂଡ଼ାନ୍ତ କରି ରାଜ୍ୟ ସରକାର ୩୦ ତାରିଖରେ ନିର୍ବାଚନ କମିଶନଙ୍କ ନିକଟକୁ ପଠାଇବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି। ଏ ପର୍ଯ୍ୟନ୍ତ ୧୨ ଜିଲାର ଜିଲା ପରିଷଦ ସଭ୍ୟଙ୍କ ତାଲିକାର ତର୍ଜମା ଶେଷ ହୋଇଛି। ଆଉ ୧୮ ଜିଲାର ତାଲିକା ଆସନ୍ତା ୩ ଦିନ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଅକ୍ଟୋବର ୧୬ ତାରିଖରେ ପ୍ରକାଶିତ ଚିଠା ବିଜ୍ଞପ୍ତିରେ ଅନେକ ପରିବର୍ତ୍ତନ ହେବ। ଗଜପତି ଜିଲା ଓବିସିଙ୍କ ପାଇଁ ସଂରକ୍ଷଣ ରଖିବାକୁ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ବେଳେ ସେଠାରେ ଓବିସି ନ ଥିବା ଜଣାପଡ଼ିଛି। ଏହାକୁ ପରିବର୍ତ୍ତନ କରି ଅନୁସୂଚିତ ଜନଜାତିଙ୍କ ଲାଗି ସଂରକ୍ଷଣ କରାଯିବ ବୋଲି ସୂଚନା ମିଳିଛି। ସେହିପରି ଅନ୍ୟ କେତେକ ଜିଲାର ସଂରକ୍ଷଣ ତାଲିକାରେ ମଧ୍ୟ ପରିବର୍ତ୍ତନ ହେବା ନେଇ ସୂଚନା ମିଳିଛି ।

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

### ଓବିସିରୁ ହଟିବ ଗଜପତି

ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ। ଏହା ପୂର୍ବରୁ ୱାର୍ଡଠାରୁ ଆରମ୍ଭ କରି ଜିଲା ପରିଷଦ ପର୍ଯ୍ୟନ୍ତ ବିଭିନ୍ନ ପଦ ପଦବୀ ଲାଗି ସଂରକ୍ଷଣ ସ୍ଥିର ହେବ। ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକ ଡେଇଁବ ନାହିଁ। ଏହାକୁ ନେଇ ବିଭିନ୍ନ ଦଳର ବହୁ ଆଶାୟୀ ଆଶଙ୍କା ଭିତରେ ରହିଛନ୍ତି। ଆଞ୍ଚଳିକ ଭିତ୍ତିରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ସଂଶୋଧିତ ଆଇନରେ ବ୍ୟବସ୍ଥା ହୋଇଛି । ଫଳରେ ଆଦିବାସୀବହୁଳ ଅଞ୍ଚଳଗୁଡ଼ିକରେ ପଛୁଆବର୍ଗଙ୍କ ସଂରକ୍ଷଣ କମିବା ଆଶଙ୍କା ଥିବାବେଳେ ଅଣଆଦିବାସୀ ଅଞ୍ଚଳରେ ପଛୁଆବର୍ଗଙ୍କ ପ୍ରତିନିଧିତ୍ୱ ☞ପୃଷ୍ଠା-୬

# ସତ କହିବାରୁ ବଦଳି ହୋଇଥିଲା

ନୂଆଦିଲ୍ଲୀ,୨୬।୧୦

- **ରାଜ୍ୟପାଳ ଆଣିଥିଲେ ଲାଞ୍ଚ ଅଭିଯୋଗ**
- **ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା ତଦନ୍ତ କରାଅ: କଂଗ୍ରେସ**


ସତ୍ୟପାଲ ମଲିକ

ମେଘାଳୟ ରାଜ୍ୟପାଳ ସତ୍ୟପାଳ ମଲିକ ଆଣିଥିବା ଲାଞ୍ଚ ଅଭିଯୋଗର ତଦନ୍ତ ଜଣେ ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା କରାଇବାକୁ ମଙ୍ଗଳବାର କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଭାଜପା ଶାସିତ ରାଜ୍ୟରେ କୋଭିଡ୍ ସମୟରେ ହୋଇଥିବା ଦୁର୍ନୀତିର ସମୟବଦ୍ଧ ତଦନ୍ତ ଜରୁରୀ। ସର୍ବୋଚ୍ଚ ଅଦାଲତରେ କାର୍ଯ୍ୟରତ ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ କରାଯାଉ ବୋଲି ଏଆଇସିସି ମୁଖପାତ୍ର ରଣଦୀପ ସୂର୍ଯ୍ୟେୱାଲା ଏବଂ ଗୋଆ ପ୍ରଭାରୀ ଦୀନେଶ ଗୁଣ୍ଡୁରାଓ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଥିସହ ସେମାନେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ହଟାଇବାକୁ ମଧ୍ୟ ଦାବି କରିଛନ୍ତି।

ଦୁଇ କଂଗ୍ରେସ ନେତା କହିଛନ୍ତି, ସତ୍ୟପାଲ ମଲିକ ୨୦୧୯ ଅକ୍ଟୋବରରୁ ୨୦୨୦ ଅଗଷ୍ଟ ମଧ୍ୟରେ ଗୋଆ ରାଜ୍ୟପାଳ ଥିଲେ। ସେ ୨୦୧୮ ଅଗଷ୍ଟରୁ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ନିକଟରେ ସତ୍ୟପାଲ ଏକ ଟିଭି ସାକ୍ଷାତ୍‌କାରରେ ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ କରିଥିଲେ। ଲକ୍‌ଡାଉନ ଘୋଷଣା ☞ପୃଷ୍ଠା-୬


ମେକ୍ସିକୋରେ ହରିକେନ୍ ରିକ୍ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ପ୍ରବଳ ଝଡ଼ବର୍ଷାରେ ଲାଜାରୋ କାର୍ଡେନାସ୍‌ରେ ରାସ୍ତା ଭାଙ୍ଗିଯାଇଥିବାବେଳେ ଏକ କାର୍ ଫସିରହିଛି।

# ଯାତ୍ରୀ ପରିବହନ ଉପରେ ଡିଜେଲ ମାଡ଼

- **ଡିଜେଲ ଉପରୁ ଟିକସ୍ ଛାଡ଼ ଦାବି କଲା ବସ୍ ମାଲିକ ସଂଘ**
- **ସରକାରଙ୍କୁ ନଭେମ୍ବର ୧୫ ଯାଏ ମହଲତ**
- **୧୬ରୁ ଘରୋଇ ବସ୍ ଧର୍ମଘଟ ଚେତାବନୀ**

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)



କୋଭିଡ୍-୧୯ ମହାମାରୀ କେବଳ ସ୍ୱାସ୍ଥ୍ୟ ନୁହେଁ, ଜୀବନଜୀବିକାକୁ ବିଶେଷଭାବେ ପ୍ରଭାବିତ କରିଛି। ଏଥିରୁ ପରିବହନ ସେବା ମଧ୍ୟ ବାଦ୍ ପଡ଼ିନାହିଁ। ବିଶେଷକରି ଯାତ୍ରୀ ପରିବହନ ସେବା ଅତିମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। କରୋନା ମହାମାରୀ କଷଣ ସାଙ୍ଗକୁ ବଢ଼ିଚାଲିଥିବା ଡିଜେଲ ଓ ପେଟ୍ରୋଲ ଦର ପରିସ୍ଥିତିକୁ ଆହୁରି ବିଗାଡ଼ି ଦେଇଛି। ତୈଳ ଦର ବୃଦ୍ଧି ଯୋଗୁ ଅତ୍ୟାବଶ୍ୟକ ଜିନିଷ ଦରଦାମ ଆକାଶଛୁଆଁ ହୋଇଥିବାବେଳେ ବସ୍ ଭଡ଼ା ବୃଦ୍ଧି ଜନସାଧାରଣଙ୍କୁ ଅତିଷ୍ଠ କରିଛି। କରୋନା ମହାମାରୀ ଯୋଗୁ ଗତ ଦେଢ଼ବର୍ଷ ହେବ ବସ୍ ଚଳାଚଳ ସ୍ୱାଭାବିକ ହୋଇପାରି ନ ଥିବାବେଳେ ଡିଜେଲ ଦର ବୃଦ୍ଧି ଏହି କ୍ଷେତ୍ରକୁ ଆହୁରି ପ୍ରଭାବିତ କରିଛି। ରାଜ୍ୟ ସରକାର ନିକଟରେ ବସ୍ ଭଡ଼ା ବୃଦ୍ଧି କରିଥିଲେ ମଧ୍ୟ ଏଥିରେ ବସ୍ ପରିବହନ ସେବାର କୌଣସି ଫାଇଦା ହୋଇପାରୁ ନାହିଁ। ଯାତ୍ରୀ ଅଭାବରୁ ବସ୍‌ଗୁଡ଼ିକ ଦୈନିକ ଖର୍ଚ୍ଚ ଉଠାଇବା କଷ୍ଟକର ହୋଇପଡୁଛି। ରାଜ୍ୟ ସରକାର ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ତୁରନ୍ତ ଡିଜେଲ ଉପରୁ ଟିକସ ଛାଡ଼ କରିବା ସହ ଅନ୍ୟାନ୍ୟ ଦାବିପୂରଣ ନ କଲେ ୧୬ ତାରିଖରୁ ସମଗ୍ର ରାଜ୍ୟରେ ବସ୍ ଚଳାଚଳ ବନ୍ଦ ରହିବ ବୋଲି ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ମଙ୍ଗଳବାର ସଂଘର ଜରୁରୀ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ସମସ୍ତ ଆଞ୍ଚଳିକ ସଂଘର ପ୍ରତିନିଧିମାନେ ଯୋଗଦେଇ କୋଭିଡ୍ ମହାମାରୀ ପରିସ୍ଥିତିରେ ବସ୍ ବ୍ୟବସାୟର ବିପର୍ଯ୍ୟସ୍ତ ଅବସ୍ଥା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି ପରିସ୍ଥିତିରୁ ମୁକୁଳିବା ପାଇଁ ସରକାରଙ୍କୁ ଦିଆଯାଇଥିବା ବିଭିନ୍ନ ଦାବି ପୂରଣ ହୋଇ ନ ଥିବାରୁ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ଗତ ୪ ମାସ ହେବ କୋଭିଡ୍ କଟକଣା କୋହଳ ହୋଇଥିଲେ ସୁଦ୍ଧା ରାଜ୍ୟରେ ଥିବା ୧୪ ହଜାର ବସ୍‌ରୁ ଅଦ୍ୟାବଧି ୪୦ ପ୍ରତିଶତ ବସ୍ ଚଳାଚଳ କରିପାରି ନାହିଁ। ଚାଲୁଥିବା ୬୦ ଭାଗ ବସ୍ କ୍ରମେ ବନ୍ଦ ହେବାକୁ ବସିଲାଣି। ଏଭଳି ଅବସ୍ଥାରେ ରାଜ୍ୟ ସରକାର ତୁରନ୍ତ ଆର୍ଥିକ ସହାୟତା ଘୋଷଣା କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ପଡ଼ୋଶୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଭଳି ରାଜ୍ୟରେ ଡିଜେଲ ମୂଲ୍ୟ କମ୍ ଥିବାବେଳେ ଓଡ଼ିଶାରେ ଏହା ଅଧିକ ଥିବାରୁ ଯାତ୍ରୀଙ୍କ ଉପରେ ଭଡ଼ା ବୃଦ୍ଧିର ବୋଝ ପଡୁଛି। ଡିଜେଲ ଉପରୁ ଭାଟ୍ ହ୍ରାସ କରି ଯାତ୍ରୀଭଡ଼ା ଭରଣା କରିବା ଲାଗି ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହିତ ଜାତୀୟ ରାଜପଥ ଭୁବନେଶ୍ୱର-ସମ୍ବଲପୁର ଭାୟା ଅନୁଗୋଳ ଏବଂ ଭୁବନେଶ୍ୱର-ବାରିପଦା ଏନ୍‌ଏଚ-୧୬ ରାସ୍ତାକୁ ତୁରନ୍ତ ମରାମତି କରିବାକୁ ☞ପୃଷ୍ଠା-୬

INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

SPOT ADMISSION NOTICE 2021-22

IMBA

INTEGRATED MASTER OF BUSINESS ADMINISTRATION
(Affiliated to Utkal University)

QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
| --- | --- | --- |
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for taking Spot Admission into IMBA 5 years programme for the session 2021-22. The Application Form is available in Institute's website www.iedodisha.org.in. Interested eligible candidates can take spot admission into IMBA Course after verifying all required original documents and deposit of requisite fees to the Institute.

**Hostel Facility is available within the premises of the Institute.**

Last Date for Spot Admission into IMBA 1st Semester and IMBA 7th Semester (Lateral Entry) at IED Odisha: 03.11.2021

Plot No. 123, Sector-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609/2587176, Mob. 9437163828, 7978120939

**ଭାରତ ଉପରୁ ଯାତ୍ରା କଟକଣା ଉଠାଇଲା ଆମେରିକା**

ଆମେରିକା ଯିବାକୁ ଚାହୁଁଥିବା ଭାରତ, ଚାଇନା ଓ ୟୁରୋପୀୟ ନାଗରିକମାନଙ୍କ ପାଇଁ ବିମାନ ଯାତ୍ରା କଟକଣା ଉଠାଇଦିଆଯାଇଛି। ରାଷ୍ଟ୍ରପତି ଜୋ ବାଇଡେନ୍ ସୋମବାର ଏନେଇ ଏକ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି। ନଭେମ୍ବର ୮ରୁ ଏହା ଲାଗୁ ହେବ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। କୋଭିଡ୍ ସଂକ୍ରମଣ ରୋକିବା ଲାଗି ୨୦୨୦ ଆରମ୍ଭରେ ଆମେରିକା ବିମାନ ଯାତ୍ରା ଉପରେ କଟକଣା ଲଗାଇଥିଲା।



## ସଂକ୍ଷେପରେ

### ପେଗାସସ୍ ରାୟ ଆଜି

**ନୂଆଦିଲ୍ଲୀ, ୨୬।୧୦:** ପେଗାସସ୍ ଗୁପ୍ତଚରଗିରି ମାମଲାରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ନିମନ୍ତେ ହୋଇଥିବା ପିଟିଶନର ରାୟ ବୁଧବାର ପ୍ରକାଶ ପାଇବ। ପେଗାସସ୍ ସ୍ପାଏୱେର ବ୍ୟବହାର ଦ୍ୱାରା ଖବରଦାତା, ସାମାଜିକ କର୍ମୀ, ରାଜନେତା ପ୍ରମୁଖଙ୍କ ମୋବାଇଲ ହ୍ୟାକ୍ କରାଯାଇ ସେମାନଙ୍କ ଉପରେ ନଜର ରଖାଯାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହାର ତଦନ୍ତ ନିମନ୍ତେ ଏକ ବୈଷୟିକ କମିଟି ଗଠନ କରାଯାଇପାରେ ବୋଲି ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ବୈଷୟିକ କମିଟିର ସଦସ୍ୟ ହେବାକୁ ଚାହୁଁଥିବା କେତେଜଣ କମିଟିରେ ରହିବାକୁ ବ୍ୟକ୍ତିଗତ ଅସୁବିଧା ପ୍ରକାଶ କରିବାରୁ ଏହି ନିର୍ଦ୍ଦେଶକୁ ସ୍ଥଗିତ ରଖାଯାଇଥିଲା।

### ୫ ଟ୍ରେକରଙ୍କ ମୃତଦେହ ଠାବ

**ପିଥୋରାଗଡ଼, ୨୬।୧୦:** ଉତ୍ତରାଖଣ୍ଡର ବାଗେଶ୍ୱର ଜିଲା ଅନ୍ତର୍ଗତ ସୁନ୍ଦରଧୁଙ୍ଗା ଗ୍ଲେସିୟରରୁ ମଙ୍ଗଳବାର ୫ ଜଣ ଟ୍ରେକରଙ୍କ ମୃତଦେହ ମିଳିଛି। ପଶ୍ଚିମବଙ୍ଗର ଏହି ପର୍ବତ ଆରୋହଣକାରୀମାନେ ହିମାଳୟକୁ ଅଭିଯାନରେ ଯାଇଥିବାବେଳେ ଗତ ୧୯ରୁ ୧୯ ତାରିଖ ଲଗାଣ ବର୍ଷା ଯୋଗୁ ନିଖୋଜ ହୋଇଯାଇଥିଲେ। ବ୍ୟବଚ୍ଛେଦ ପାଇଁ ମୃତଦେହଗୁଡ଼ିକୁ କାପକୋଟ ପଠାଯାଇଛି। ଖରାପ ପାଗ ଯୋଗୁ ମୃତଦେହ ଖୋଜି ବାହାର କରିବାରେ ବିଳମ୍ବ ହେଲା ବୋଲି ବାଗେଶ୍ୱର ଜିଲାପାଳ ବିନୀତ କୁମାର କହିଛନ୍ତି।

### ମସ୍‌ଜିଦରେ ୧୮ ଜଣଙ୍କୁ ଗୁଳିକରି ହତ୍ୟା

**ଲାଗୋସ୍, ୨୬।୧୦:** ନାଇଜେରିଆର ଏକ ମସ୍‌ଜିଦରେ କେତେଜଣ ବନ୍ଧୁକଧାରୀ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବାରୁ ୧୮ ଜଣ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଛି ଓ ୪ ଜଣ ଆହତ ହୋଇଛନ୍ତି। ନାଇଜର ପ୍ରଦେଶର ମାଶେଗୁ ଅନ୍ତର୍ଗତ ମାଜାକୁକା ଗ୍ରାମରେ ସୋମବାର ଏହି ଆକ୍ରମଣ ହୋଇଛି। ଆକ୍ରମଣ ବେଳେ ଲୋକମାନେ ମସ୍‌ଜିଦରେ ନମାଜ ପାଠ କରୁଥିଲେ। ଆକ୍ରମଣକାରୀମାନେ ଫୁଲାନି ଯାଯାବର ସମ୍ପ୍ରଦାୟର ବୋଲି ବିଶ୍ୱାସ କରାଯାଉଛି। ଉକ୍ତ ଅଞ୍ଚଳରେ ଜଳ ଜମିକୁ ନେଇ ଦୀର୍ଘବର୍ଷ ହେଲା ଫୁଲାନି ଓ ସ୍ଥାନୀୟ ହାଉସା ଚାଷୀ ସମ୍ପ୍ରଦାୟ ମଧ୍ୟରେ ବିବାଦ ଲାଗି ରହିଛି। ବିଭିନ୍ନ ସମୟରେ ସାମ୍ପ୍ରଦାୟିକ ହିଂସାକାଣ୍ଡରେ ଶତାଧିକ ଲୋକଙ୍କ ଜୀବନ ଯାଇଛି।

### ରାଜସ୍ଥାନ: ଜାତି ପ୍ରମାଣପତ୍ରରେ ଦରକାର ହେବନି ବାପାଙ୍କ ନାଁ

**ଜୟପୁର, ୨୬।୧୦(ଆଇଏଏନ୍ଏସ୍):** ଜାତି ପ୍ରମାଣପତ୍ରରେ ବାପାଙ୍କ ନାଁ ଉଲ୍ଲେଖ ରହିବା ଜରୁରୀ ହୋଇଥିବାରୁ କେବଳ ମା' ଥିବା ପିଲା ସାର୍ଟିଫିକେଟ ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସେମାନଙ୍କ ପାଇଁ ବାପାଙ୍କ ନାଁ ଉଲ୍ଲେଖ କରିବା ଆଉ ଆବଶ୍ୟକ ପଡ଼ିବ ନାହିଁ। ମାଆଙ୍କ ନାମରେ ଜାତି ପ୍ରମାଣପତ୍ର ଇସ୍ୟୁ କରିବାକୁ ରାଜସ୍ଥାନ ସରକାର ନିଷ୍ପତ୍ତି ନେଇଛନ୍ତି। ସେହିପରି ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲୁଏସ) ସାର୍ଟିଫିକେଟ ମଧ୍ୟ ମା'ଙ୍କ ନାମରେ ଦିଆଯିବ। ଏଭଳି ନିଷ୍ପତ୍ତି ନେବାରେ ରାଜସ୍ଥାନ ପ୍ରଥମ ରାଜ୍ୟ। ସଂଶୋଧିତ ନିୟମାବଳୀ ଦ୍ୱାରା କେବଳ ମାଆ ଥିବା ପିଲା ବିଭିନ୍ନ ସରକାରୀ ଯୋଜନାରୁ ଉପକୃତ ହେବା ସହ ମହିଳା ସଶକ୍ତୀକରଣ ହୋଇପାରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

### ସମଲିଙ୍ଗୀ ବିବାହକୁ କେନ୍ଦ୍ରର ବିରୋଧ

**ନୂଆଦିଲ୍ଲୀ, ୨୬।୧୦:** ବର୍ତ୍ତମାନର ଆଇନରେ ସମଲିଙ୍ଗୀ ବିବାହ ପଞ୍ଜୀକରଣ ପାଇଁ ଅନୁମତି ଦେବା ଓ ଏହାକୁ ସ୍ୱୀକୃତି ପ୍ରଦାନ ଲାଗି ଦିଲ୍ଲୀ ହାଇକୋର୍ଟରେ ହୋଇଥିବା ଆବେଦନକୁ କେନ୍ଦ୍ର ସରକାର ବିରୋଧ କରିଛନ୍ତି। କେବଳ ପୁରୁଷ ଓ ମହିଳାଙ୍କ ମଧ୍ୟରେ ବିବାହ ବନ୍ଧନକୁ ଆଇନ ସ୍ୱୀକୃତି ଦେଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ପିଟିଶନଗୁଡ଼ିକର ଚୂଡ଼ାନ୍ତ ଶୁଣାଣି ନଭେମ୍ବର ୩୦କୁ ଧାର୍ଯ୍ୟ କରାଯାଇଛି। ହିନ୍ଦୁ ବିବାହ ଆଇନ, ସ୍ୱତନ୍ତ୍ର ବିବାହ ଆଇନ, ବିଦେଶୀ ବିବାହ ଆଇନରେ ସମଲିଙ୍ଗୀ ବିବାହକୁ ବୈଧ କରିବା ଏବଂ ସମ୍ବିଧାନର ଧାରା ୧୪, ୧୫, ୧୯ ଏବଂ ୨୧ରେ ସମଲିଙ୍ଗୀ ବିବାହକୁ ମୌଳିକ ଅଧିକାର ଭାବେ ସ୍ୱୀକୃତି ଦେବା ଲାଗି ୫ଟି ପିଟିଶନ ଦାଏର ହୋଇଥିଲା।

## 'କରୱାଚୌଥ୍' ବିଜ୍ଞାପନ ହଟାଇଲା ଡାବର



ବିବାଦୀୟ 'କରୱାଚୌଥ୍' ବିଜ୍ଞାପନକୁ ନେଇ ଟ୍ରୋଲ୍ ହେବା ପରେ ପ୍ରାଇଭେଟ୍ ଏଫ୍ଏମ୍‌ସିଜି କମ୍ପାନୀ ଡାବର ତାହାକୁ ମଙ୍ଗଳବାର ହଟାଇଦେଇଛି। ଏଥିସହ ଏହି ବିଜ୍ଞାପନ ପାଇଁ କମ୍ପାନୀ ନିଃସର୍ତ୍ତ କ୍ଷମା ମାଗିଛି। ସୋସିଆଲ ମିଡିଆରୁ କମ୍ପାନୀର କ୍ୟାମ୍ପେନ୍‌କୁ ହଟାଯାଇଛି। ଲୋକଙ୍କ ଭାବାବେଗକୁ ଅନିଚ୍ଛାକୃତ ଭାବେ ଆଘାତ ପହଞ୍ଚାଇଥିବାରୁ କମ୍ପାନୀ ଏକ ବିବୃତିରେ କ୍ଷମାପ୍ରାର୍ଥନା କରିଛି। ଡାବର ଏହାର ବିଜ୍ଞାପନରେ ଦୁଇ ସମଲିଙ୍ଗୀଙ୍କୁ ପ୍ରଦର୍ଶିତ କରିଥିଲା। ଦୁଇ ଜଣ ଯୁବତୀ କିପରି ପରସ୍ପର ପାଇଁ କରୱାଚୌଥ ପାଳୁଛନ୍ତି ତାହା ଏଥିରେ ଦେଖିବାକୁ ମିଳିଥିଲା। ଏ ନେଇ ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର କମ୍ପାନୀକୁ ସମାଲୋଚନା କରିଥିଲେ। ଆଗକୁ କମ୍ପାନୀ ୨ ପୁରୁଷ ହିନ୍ଦୁ ନୀତି ଅନୁଯାୟୀ 'ଫେରା' ନେଉଥିବା ଦୃଶ୍ୟ ମଧ୍ୟ ଦେଖାଇବ ବୋଲି ସେ କହିଥିଲେ। ଏଭଳି ବିଜ୍ଞାପନ ତୁରନ୍ତ ହଟାଇବା ପାଇଁ ଡାବରକୁ ନିର୍ଦ୍ଦେଶ ଦେବାକୁ ପୋଲିସ କୁହାଯାଇଥିଲା।

## ବିବାହ କଲେ ଜାପାନ ରାଜକୁମାରୀ



ଜାପାନ ରାଜକନ୍ୟା ମାକୋ ତାଙ୍କ କଲେଜ ସହପାଠୀ ପ୍ରେମିକ କେଇ କୋମୁରୋଙ୍କୁ ବିବାହ କରିଛନ୍ତି। ଏକ ସାଧାରଣ ପରିବାରରେ ବିବାହ କରିଥିବାରୁ ମାକୋଙ୍କୁ ରାଜକୀୟ ମାନ୍ୟତା ହରାଇବାକୁ ପଡ଼ିଛି। ମଙ୍ଗଳବାର ଟୋକିଓରେ ଏକ ଖବରଦାତା ସମ୍ମିଳନୀରେ ସେମାନେ ଏଥିପାଇଁ ଦୁଃଖ ପ୍ରକାଶ କରିଛନ୍ତି। ରାଜ ପରିବାର ବାହାରେ ଜଣେ ଛାତ୍ରଙ୍କ ସହ ସମ୍ପର୍କ ରଖିବା ନେଇ ମାକୋ ସମାଲୋଚନାର ସରବ୍ୟ ହୋଇ ଆସୁଥିଲେ, ଯାହା ତାଙ୍କ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥିଲା। ସେମାନେ ବିବାହ କରିସାରିଛନ୍ତି ବୋଲି ଘୋଷଣା କରିବା ସହ ଅନ୍ୟ ପ୍ରଶ୍ନଗୁଡ଼ିକୁ ଏଡ଼ାଇ ଯାଇଥିଲେ। ୨୦୧୮ ନଭେମ୍ବରରେ ସେମାନଙ୍କର ବିବାହ ଅନୁଷ୍ଠିତ ହେବାକୁ ଥିଲା। ତେବେ କୋମୁରୋଙ୍କ ମାଆ ଏକ ଦୁର୍ନୀତିରେ ସମ୍ପୃକ୍ତ ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିବାହକୁ ସ୍ଥଗିତ ରଖାଯାଇଥିଲା।

# ସମୁଦ୍ର ଗର୍ଭରେ ବୋମା ପରୀକ୍ଷଣ

**ବେଜିଂ, ୨୬।୧୦**



■ଶତ୍ରୁ ବନ୍ଦର ଉପରେ ଚାଇନା ନଜର

■ଟାର୍ଗେଟରେ ଆମେରିକା ନୌସେନା

ସୀମା ବିସ୍ତାର କରିବାକୁ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଚାଇନା ଏବେ ଅନ୍ୟଦେଶ ବନ୍ଦରକୁ ନଷ୍ଟ କରିବା ନିମନ୍ତେ କ୍ଷମତା ବୃଦ୍ଧି କରିଛି। ଚାଇନା ସୈନ୍ୟ ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍ଏ) ପ୍ରଥମ କରି ସମୁଦ୍ର ଭିତରେ ବୋମା ପରୀକ୍ଷଣ କରିଛି, ଯାହାକି ଉପକୂଳରୁ ପାଣି ଭିତରେ ନିର୍ମିତ ଢାଞ୍ଚାକୁ ନଷ୍ଟ କରିବାରେ ସକ୍ଷମ। ଏହି ପରୀକ୍ଷଣ ଦ୍ୱାରା ଚାଇନା ଅନେକ ଡାଟା ସଂଗ୍ରହ କରିଛି ଯାହାକୁ ଶତ୍ରୁର ବନ୍ଦର ଉପରେ ଆକ୍ରମଣ ତଥା ଭବିଷ୍ୟତରେ ହେବାକୁ ଥିବା ଯୁଦ୍ଧରେ ବ୍ୟବହାର କରିପାରିବ। ଏହାଦ୍ୱାରା ଶତ୍ରୁଦେଶର ଯୋଗାଣ ଶୃଙ୍ଖଳ ବା ସପ୍ଲାଇ ଲାଇନ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇପାରେ ବୋଲି ସାମରିକ ବିଶେଷଜ୍ଞମାନେ ମତ ରଖିଛନ୍ତି।

ପିଏଲ୍ଏ ଅଧୀନରେ ପରିଚାଳିତ ନାଭାଲ ରିସର୍ଚ୍ଚ ଏକାଡେମୀ ଦ୍ୱାରା ଏକ ଅଜ୍ଞାତ ନୌସେନା ବନ୍ଦରରେ ଏହାର ପରୀକ୍ଷଣ ହୋଇଥିବା ଚାଇନା ସେଣ୍ଟ୍ରାଲ ଟେଲିଭିଜନ(ସିସିଟିଭି) ରିପୋର୍ଟ ପ୍ରକାଶ କରିଛି। ଏହି ଶକ୍ତିଶାଳୀ ବିସ୍ଫୋରଣ କୌଣସି ଘାଟି ବା ୱାର୍ଫକୁ ସଫଳତାର ସହ ନଷ୍ଟ କରିବାରେ ସକ୍ଷମ। ପରୀକ୍ଷଣ ପାଇଁ ୱାର୍ଫର ପ୍ରମୁଖ ଷ୍ଟ୍ରକଚରାଲ ପଏଣ୍ଟରେ ଅନେକ ସେନ୍ସର ଲଗାଯାଇଥିଲା। ବିସ୍ଫୋରଣବେଳେ ୧ ହଜାରରୁ ଅଧିକ ଡାଟା ସଂଗ୍ରହ ହୋଇଛି ଯାହା, କୌଣସି ୱାର୍ଫକୁ ନଷ୍ଟ କରିବାରେ କେତେ ଦକ୍ଷ ତାହା ଆକଳନ କରାଯାଇଥିବା ସିସିଟିଭି ରିପୋର୍ଟରେ ଦର୍ଶାଯାଇଛି। ଅଣ୍ଡରୱାଟର ବିସ୍ଫୋରଣ ଭଳି ଗୁପ୍ତ ଉପାୟ ବ୍ୟବହାର ଦ୍ୱାରା ଶତ୍ରୁର ଯୁଦ୍ଧ କ୍ଷମତା ହ୍ରାସ କରାଯାଇପାରିବ ବୋଲି ଏହି ପ୍ରୋଗ୍ରାମର ଉପନିର୍ଦ୍ଦେଶକ ଝାଓ ପେଙ୍ଗ୍‌ୟୁଓ କହିଛନ୍ତି। ଚାଇନାକୁ ଟାର୍ଗେଟ କରୁଥିବା ଆମେରିକାର ନୌସେନାକୁ ପରାସ୍ତ କରିବା ପାଇଁ ଏହି ଯୁଦ୍ଧକୌଶଳ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଗ୍ଲୋବାଲ ଟାଇମ୍ସ ଉଲ୍ଲେଖ କରିଛି। ଅନ୍ୟପକ୍ଷରେ ଆମେରିକା ଏହାର ବିମାନ ପରିବହନକାରୀ ଜାହାଜ ଏବଂ ଚାଇନା ନିକଟବର୍ତ୍ତୀ ବୃହତ୍ ସାମରିକ ପ୍ରତିଷ୍ଠାନ ଆକ୍ରମଣର ଶିକାର ହୋଇପାରେ ବୋଲି ହୃଦ୍‌ବୋଧ କରିଛି। ତେଣୁ ଚାଇନାର ଆକ୍ରମଣକୁ କଷ୍ଟସାଧ କରିବା ପାଇଁ ଆମେରିକା ଏହାର ସୈନ୍ୟବାହିନୀକୁ ପୃଥକ୍ ଭାବେ ଛୋଟ ଛୋଟ ସ୍ଥାନରେ ମୁତୟନ କରୁଛି।

## ତାୱାଙ୍ଗରେ ପିଏଲ୍ଏର କଡ଼ା ପାଟ୍ରୋଲିଂ



**ତାୱାଙ୍ଗ, ୨୬।୧୦:** ଗତ ବର୍ଷ ଲଦାଖ ସେକ୍ଟରରେ ଭାରତ ସହ ବିବାଦ ପରେ ଚାଇନାର ପିପୁଲ୍ସ ଲିବରେସନ୍ ଆର୍ମି (ପିଏଲ୍ଏ) ଅରୁଣାଚଳ ପ୍ରଦେଶର ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂ ଜୋରଦାର କରିଛି। ଏହା ସହିତ ଭାରତୀୟ ସୈନ୍ୟ ତଥା ସାମରିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ପିଏଲ୍ଏର ବରିଷ୍ଠ ଅଧିକାରୀମାନେ ବାରମ୍ବାର ଏଠାକୁ ଗସ୍ତ କରୁଛନ୍ତି। ତାୱାଙ୍ଗ ସେକ୍ଟରରେ ପିଏଲ୍ଏ ଏହାର ଗତିବିଧି ବୃଦ୍ଧି କରିଛି। ପୂର୍ବ ବର୍ଷଗୁଡ଼ିକ ତୁଳନାରେ ୨୦୨୦ ଏବଂ ୨୦୨୧ରେ ପିଏଲ୍ଏର ବହୁ ଅଧିକାରୀ ଏହି ସେକ୍ଟର ଗସ୍ତ କରିବା ସହ ପାଟ୍ରୋଲିଂ ବୃଦ୍ଧି ପାଇଛି। ତାୱାଙ୍ଗର ୩ଟି ସେକ୍ଟର ଲଙ୍ଗ୍ରୋଲା, ଜିମିଥାଙ୍ଗ୍ ଏବଂ ବୁମ୍‌ଲାରେ ଗତ ବର୍ଷଠାରୁ ଚାଇନାର ବହୁ ବରିଷ୍ଠ ଅଧିକାରୀ ପହଞ୍ଚିବା ସହ ଟ୍ରେନିଂ କାର୍ଯ୍ୟକ୍ରମ କରିଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ଜିମିଥାଙ୍ଗ୍‌ଠାରେ ସର୍ବାଧିକ ପାଟ୍ରୋଲିଂ ହୋଇଛି। ୨୦୧୯ରେ ପିଏଲ୍ଏ ଅଧିକାରୀମାନେ ୩୩ ଥର ସେଠାକୁ ଗସ୍ତ କରିଥିବାବେଳେ ୨୦୨୦ରେ ତାହା ୧୦୨କୁ ବୃଦ୍ଧି ପାଇଛି। ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ୮୪ ଥର ଚାଇନା ଅଧିକାରୀ ସେଠାକୁ ଯାଇସାରିଲେଣି। ଲଙ୍ଗ୍ରୋଲାରେ ଏହି ଗସ୍ତ ସଂଖ୍ୟା ୨୦୧୮ ଓ ୨୦୧୯ରେ ଯଥାକ୍ରମେ ୨୧ ଏବଂ ୧୯ ଥିବାବେଳେ ୨୦୨୦ରେ ତାହା ୩୪ ରହିଛି। ଚଳିତ ସେପ୍ଟେମ୍ବର ସୁଦ୍ଧା ଲଙ୍ଗ୍ରୋଲକୁ ୨୦ ଏବଂ ବୁମ୍‌ଲାକୁ ମଧ୍ୟ ୨୦ ଥର ଆସିସାରିଲେଣି ପିଏଲ୍ଏ ଅଧିକାରୀ।

## ଶିକ୍ଷା ବ୍ୟବସ୍ଥାକୁ ଦାୟୀ କରି ଛାତ୍ରଙ୍କ ଆତ୍ମହତ୍ୟା

**ବେଙ୍ଗାଲୁରୁ, ୨୬।୧୦**

ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାକୁ ବିରୋଧ କରି କର୍ନାଟକ ହାସନ ଜିଲାର ଜଣେ ଇଞ୍ଜିନିୟରିଂ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଜୀବନ ହାରିବା ପୂର୍ବରୁ ସେ ଏକ ଭିଡିଓ ରେକର୍ଡିଂ କରି ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଲାଗି ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ, ବିଭିନ୍ନ ଦଳର ପ୍ରମୁଖ ନେତା ଏବଂ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ଅନୁରୋଧ କରିଛନ୍ତି। ଛାତ୍ର ଜଣକ ୨୫ ତାରିଖରେ ହଷ୍ଟେଲ ରୁମ୍‌ରେ ଆତ୍ମହତ୍ୟା କରିଥିଲେ। ସେ ରେକର୍ଡ କରିଥିବା ଭିଡିଓ ତା' ପରଦିନ ପୋଲିସକୁ ମିଳିଥିଲା। ୧୩ ମିନିଟରେ ଉକ୍ତ ଭିଡିଓରେ ଛାତ୍ର ଜଣକ କହିଛନ୍ତି, ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା କୌଣସି କାମକୁ ନୁହେଁ। ଏହା ବଦଳିବା ଆବଶ୍ୟକ। ଭିଡିଓକୁ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲ ଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବା ଲାଗି ସେ ଅନୁରୋଧ କରିବା ସହ ତାଙ୍କ ଅଙ୍ଗକୁ ଦାନ କରିବା ପାଇଁ କହିଥିଲେ। ଏଥିସହିତ ତାଙ୍କ ଶେଷକୃତ୍ୟ ବେଳେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ସାଧୁସନ୍ଥମାନେ ଉପସ୍ଥିତ ରହିବାକୁ ସେ ନିବେଦନ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ଲଖିମପୁର ଖେରି ହିଂସା ମାମଲା**

## ସାକ୍ଷୀଙ୍କୁ ସୁରକ୍ଷା ଦେବାକୁ ୟୁପି ସରକାରଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୬।୧୦**

ଉତ୍ତରପ୍ରଦେଶର ଲଖିମ୍‌ପୁର ଖେରି ହିଂସା ମାମଲାରେ ସାକ୍ଷୀମାନଙ୍କୁ ସୁରକ୍ଷା ଯୋଗାଇଦେବା ନିମନ୍ତେ ସୁପ୍ରିମକୋର୍ଟ ମଙ୍ଗଳବାର ୟୁପି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୩ ତାରିଖରେ ଉକ୍ତ ଅଞ୍ଚଳରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇ ୪ ଜଣଙ୍କୁ ହତ୍ୟା କରାଯାଇଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୮କୁ ଧାର୍ଯ୍ୟ କରାଯାଇଛି। ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ତଦନ୍ତର ଷ୍ଟାଟସ୍ ରିପୋର୍ଟ ମାଗିବା ସହ ଡିଜିଟାଲ ଡାଟାଗୁଡ଼ିକର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ଖଣ୍ଡପୀଠ ଫୋରେନ୍‌ସିକ୍ ଲାବରେଟୋରିକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ମାମଲା ସହ ସମ୍ପୃକ୍ତ ଅଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି।

## ମେଡିକାଲ ଛାତ୍ରୀଙ୍କ ନାଁରେ ୟୁଏପିଏ ମାମଲା

**ଶ୍ରୀନଗର/ଜୟପୁର, ୨୬।୧୦**

■ପାକିସ୍ତାନର ବିଜୟରେ ଉତ୍ସବ ମନାଇଥିଲେ

■ରାଜସ୍ଥାନରେ ଶିକ୍ଷୟିତ୍ରୀଙ୍କ ଚାକିରି ଗଲା

ଶ୍ରୀନଗରର ମେଡିକାଲ କଲେଜର କେତେଜଣ ଛାତ୍ରୀଙ୍କ ବିରୋଧରେ ଆତଙ୍କବାଦ ନିରୋଧୀ ଆଇନ ଏବଂ ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନ (ୟୁଏପିଏ)ରେ ମାମଲା ରୁଜୁ ହୋଇଛି। ଗତ ରବିବାର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ ବିରୋଧରେ ପାକିସ୍ତାନ କ୍ରିକେଟ ଟିମ୍‌ର ବିଜୟରେ ସେମାନେ ବାଣ ଫୁଟାଇ ଉତ୍ସବ ମନାଇଥିଲେ। ମେଡିକାଲ କଲେଜ ଶ୍ରୀନଗର ଏବଂ ଶେରେ କଶ୍ମୀର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଛାତ୍ରୀନିବାସରେ ଛାତ୍ରୀମାନେ ଉତ୍ସବ ମନାଇବା ସହ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଅନ୍ୟ ଏକ ଘଟଣାରେ ରାଜସ୍ଥାନ ଉଦୟପୁରର ଏକ ଘରୋଇ ସ୍କୁଲର ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ବହିଷ୍କାର କରାଯିବା ସହ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପାକିସ୍ତାନର ବିଜୟ ପରେ ନଫିସା ଅଟ୍ଟାରି ନାମ୍ନୀ ଉକ୍ତ ଶିକ୍ଷୟିତ୍ରୀ 'ଆମେ ଜିତିଗଲୁ' ବୋଲି ହ୍ୱାଟ୍ସଆପ୍‌ରେ ମେସେଜ୍ ଛାଡ଼ିଥିଲେ, ଯାହାର ସ୍କ୍ରିନ୍ ଶଟ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।



ତେଲ ଓ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ମହାରାଷ୍ଟ୍ରର କରାଡଠାରେ ବଳିରାଜା ସେଥ୍‌କରି ସଂଗଠନ ପକ୍ଷରୁ ଚୁଲିରେ ଚା ତିଆରି କରି ବିକ୍ଷୋଭ।

# ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି ୧୧ କୋଟି

**ନୂଆଦିଲ୍ଲୀ, ୨୬।୧୦**

ଦେଶର ସାବାଳକ ଜନସଂଖ୍ୟାର ୭୬ ପ୍ରତିଶତରୁ ଊର୍ଦ୍ଧ୍ୱ କୋଭିଡ୍ ଟିକାର ଅନ୍ୟୂନ ଗୋଟିଏ ଡୋଜ୍ ନେଇଥିବାବେଳେ ମାତ୍ର ୩୨ ପ୍ରତିଶତ ଦୁଇଟି ଡୋଜ୍ ନେଇଥିବା ଜଣାପଡ଼ିଛି। ଧାର୍ଯ୍ୟ ସମୟ ଅତିକ୍ରମ କରିଥିଲେ ମଧ୍ୟ ୧୧ କୋଟି ଲୋକ ଦ୍ୱିତୀୟ ଡୋଜ୍ ନେଇନାହାନ୍ତି। ସଂକ୍ରମଣ କମିଥିବାରୁ ଅଧିକାଂଶ ଦ୍ୱିତୀୟ ଡୋଜ୍ ନେବା କଥା ଭୁଲିଯାଇଛନ୍ତି କିମ୍ବା ନେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହାକୁ ନେଇ ସରକାର ଚିନ୍ତା ପ୍ରକଟ କରିଥିବାବେଳେ ଏଭଳି ସମସ୍ୟାର କାରଣ ସମ୍ପର୍କରେ ଆଲୋଚନା କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖଲାଲ୍ ମାଣ୍ଡବ୍ୟ ବୁଧବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ବୈଠକ ଡାକିଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ରାଜ୍ୟଗୁଡ଼ିକୁ ୧୦୭ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ଯୋଗାଇଦେଇଛନ୍ତି। ସେଥିରୁ ୧୨.୩୭ କୋଟିରୁ ଅଧିକ ଡୋଜ୍ ବ୍ୟବହାର ନ ହୋଇ ରାଜ୍ୟଗୁଡ଼ିକ ନିକଟରେ ପଡ଼ିରହିଛି। ଯଦିଓ ଗତ ସପ୍ତାହରେ ଭାରତରେ କୋଭିଡ୍ ଟିକାଦାନ ୧୦୦ କୋଟି ଡୋଜ୍ ଟପିଛି, ବହୁସଂଖ୍ୟାରେ ଲୋକ ଦ୍ୱିତୀୟ ଡୋଜ୍ ନେଇ ନ ଥିବାରୁ ଏହା ସରକାରଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। କୋୱିନ୍ ପ୍ଲାଟ୍‌ଫର୍ମରେ ଉପଲବ୍ଧ ତଥ୍ୟରୁ ଦ୍ୱିତୀୟ ଡୋଜ୍ ନେବାକୁ ଥିବା ହିତାଧିକାରୀମାନଙ୍କ ତାଲିକା ପ୍ରସ୍ତୁତ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଦୁଇଦିନ ପୂର୍ବରୁ କୋଭିଡ୍ ଟିକାକରଣ ସମୀକ୍ଷା ବୈଠକରେ ରାଜ୍ୟଗୁଡ଼ିକୁ କହିଥିଲେ।



ନୂଆଦିଲ୍ଲୀର ବୁରାରିଠାରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ଟିକାକରଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଓ ଭାଜପା ଏମ୍‌ପି ମନୋଜ ତିୱାରୀ।

**ଆଜି ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ବୈଠକ**

## କର୍ନାଟକରେ ନୂଆ କୋଭିଡ୍ ଭାରିଆଣ୍ଟ

**ବେଙ୍ଗାଲୁରୁ, ୨୬।୧୦**

କର୍ନାଟକରେ ୭ ଜଣଙ୍କଠାରେ କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଏୱାଇ ୪.୨ ଚିହ୍ନଟ ହୋଇଛି। ଉକ୍ତ ଭାରିଆଣ୍ଟ ଯୋଗୁ ରାଜ୍ୟରେ ମହାମାରୀର ଦ୍ୱିତୀୟ ଲହର ଆସିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ନୂଆ ଭାରିଆଣ୍ଟ ସଂକ୍ରମଣ ରୋକିବା ଦିଗରେ ପ୍ରଶାସନ ଏବେ ପ୍ରତିକାର କାର୍ଯ୍ୟଯୋଜନା ପ୍ରସ୍ତୁତି ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ମଙ୍ଗଳବାର ଏନେଇ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ତେବେ ନୂଆ ଭାରିଆଣ୍ଟକୁ ନେଇ ଭୟଭୀତ ନ ହେବାକୁ ଶିକ୍ଷାମନ୍ତ୍ରୀ ବି.ସି. ନାଗେଶ କହିଛନ୍ତି।

## ୩ ନୌସେନା ଅଧିକାରୀ ଗିରଫ

**ନୂଆଦିଲ୍ଲୀ, ୨୬।୧୦**

ଏକ ବୁଡ଼ାଜାହାଜ ଆଧୁନିକୀକରଣ ପ୍ରକଳ୍ପ ସହିତ ଜଡ଼ିତ ସମ୍ବେଦନଶୀଳ ସୂଚନା ଲିକ୍ କରିବା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ମଙ୍ଗଳବାର ଭାରତୀୟ ନୌସେନାର ୩ ଅଧିକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ କମାଣ୍ଡର ର୍‌ୟାଙ୍କ୍‌ର ଜଣେ ଅଫିସର ରହିଛନ୍ତି। ସୂଚନା ଅନୁସାରେ ନୌସେନାରେ ଥିବା ଜଣେ ଅଧିକାରୀ ଅବସରପ୍ରାପ୍ତ ୨ ଅଫିସରଙ୍କୁ ଗୁପ୍ତ ତଥ୍ୟ ଦେଉଥିଲେ। ଗୋଇନ୍ଦା ସୂଚନାରୁ ଏହା ଜଣାପଡ଼ିବା ପରେ ସିବିଆଇ ତଦନ୍ତ କରିଥିଲା। କାର୍ଯ୍ୟରତ ଅଫିସର ଜଣକ ମୁମ୍ବାଇରେ ନିଯୁକ୍ତି ପାଇଥିବାବେଳେ ସିବିଆଇ ସେଠାରୁ ହିଁ ତାଙ୍କୁ ଗିରଫ କରିଛି। ଭାଇସ୍ ଆଡମିରାଲଙ୍କ ତତ୍ତ୍ୱାବଧାନରେ ଘଟଣାର ଅଧିକ ତଦନ୍ତ ପାଇଁ ନୌସେନା ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି।

**ତଥ୍ୟ ଲିକ୍ ଅଭିଯୋଗ**

## ପଦୋନ୍ନତିରେ ସଂରକ୍ଷଣ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ, ୨୬।୧୦**

ସରକାରୀ ଚାକିରିରେ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀମାନଙ୍କୁ ପଦୋନ୍ନତି ପ୍ରଦାନରେ ସଂରକ୍ଷଣ ପ୍ରଦାନ ପ୍ରସଙ୍ଗରେ ସୁପ୍ରିମକୋର୍ଟ ରାୟକୁ ସଂରକ୍ଷିତ ରଖିଛନ୍ତି। ମଙ୍ଗଳବାର ଜଷ୍ଟିସ୍ ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିଥିଲେ। ୭୫ ବର୍ଷ ହେଲା ଏସ୍‌ସି ଏବଂ ଏସ୍‌ଟିମାନଙ୍କୁ ସଂରକ୍ଷଣ ସୁବିଧା ଦିଆଯିବା ପରେ ମଧ୍ୟ ସେମାନେ ଉଚ୍ଚଜାତିର ମେଧା ସ୍ତରକୁ ଆସିପାରି ନାହାନ୍ତି। ଗ୍ରୁପ୍ ଏ ବର୍ଗର ଉଚ୍ଚ ପଦବୀରେ ନିଯୁକ୍ତି ପାଇବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ତେଣୁ ଖାଲି ପଦବୀ ପୂରଣ ନିମନ୍ତେ ଏସ୍‌ସି, ଏସ୍‌ଟିଙ୍କ ସମେତ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ସୁବିଧା ଦେବା ଆବଶ୍ୟକ ବୋଲି ବେଣୁଗୋପାଳ ପୂର୍ବରୁ ଅଦାଲତଙ୍କୁ ଜଣାଇଥିଲେ।

# ଅଲିଭ୍ ରିଡ୍ଲେ ପ୍ରଜନନ: ୧ରୁ କଟକଣା

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**



ଚଳିତବର୍ଷ ଅଲିଭ୍ ରିଡ୍ଲେ ପ୍ରଜନନ ଋତୁରେ ଏମାନଙ୍କ ସଂରକ୍ଷଣ ଓ ସୁରକ୍ଷା ପାଇଁ ବ୍ୟାପକ ପ୍ରଶାସନିକ ପ୍ରସ୍ତୁତି ହୋଇଛି। ନଭେମ୍ବର ୧ରୁ ୨୦୨୨ ମେ' ୩୧ ପର୍ଯ୍ୟନ୍ତ କଟକଣା ଲାଗିବ। ଧାମରା, ଦେବୀ ଓ ଋଷିକୁଲ୍ୟା ନଦୀ ମୁହାଣ ନିକଟରେ ସମୁଦ୍ର ଉପକୂଳରୁ ୨୦ କି.ମି. ପର୍ଯ୍ୟନ୍ତ ନିର୍ଦ୍ଧାରିତ ଅଞ୍ଚଳ ମଧ୍ୟରେ ମାଛମରାକୁ ନିଷେଧ କରାଯାଇଛି। ସେହିପରି ଯନ୍ତ୍ର ଚାଳିତ ଡଙ୍ଗା, ଟ୍ରଲର ବା ଯାନ୍ତ୍ରିକ କୌଶଳରେ ମାଛମରାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ତେବେ ବିନା ମୋଟର ବୋଟ୍‌ରେ ପାରମ୍ପରିକ ଢଙ୍ଗରେ ମାଛ ଧରୁଥିବା ମତ୍ସ୍ୟଜୀବୀଙ୍କୁ ଅଯଥାରେ ଅସୁବିଧାରେ ନ ପକାଇବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଅଲିଭ୍ ରିଡ୍ଲେ ସଂରକ୍ଷଣ ନିମନ୍ତେ ମଙ୍ଗଳବାର ରାଜ୍ୟ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଶାସନ ସଚିବ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରି ପ୍ରକୃତିର ଏହି ଅମୂଲ୍ୟ ସମ୍ପତ୍ତିର ସଂରକ୍ଷଣ ନିମନ୍ତେ କ୍ଷେତ୍ରସ୍ତରରେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ପୋଲିସ, ସମୁଦ୍ରତଟ ପୋଲିସ, ତଟ ସୁରକ୍ଷା ବାହିନୀ, ସମ୍ପୃକ୍ତ ଜିଲା ପ୍ରଶାସନ ଏବଂ ବନ୍ଦର କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟରେ ସାମାଜିକ ଅନୁଷ୍ଠାନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ସାମିଲ କରି ସଚେତନତା ଓ ସୁରକ୍ଷା କାର୍ଯ୍ୟକ୍ରମକୁ ଏକ ଲୋକ–ଅଭିଯାନରେ ପରିଣତ କରାଯିବ। କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ଡିଆର୍‌ଡିଓ ଏବଂ ଉପକୂଳବର୍ତ୍ତୀ ୩ ବନ୍ଦର କର୍ତ୍ତୃପକ୍ଷ ସଂରକ୍ଷଣ ନିୟମକୁ କଡ଼ାକଡ଼ି ଅନୁପାଳନ କରିବା ସହ ରାତିରେ ତୀବ୍ର ଆଲୋକ ରଶ୍ମିକୁ ଅବନତ କରିବେ। ମିଳିତ ଅପରେଶନ ନିମନ୍ତେ ଆବଶ୍ୟକ ସହଯୋଗ ଯୋଗାଇଦେବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ବନ୍ଦର କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନର ବୈଜ୍ଞାନିକ ଡ. ଶିବ କୁମାର ଓ ବିଶେଷଜ୍ଞ ଡ. ପ୍ରିୟମ୍ବଦା ମହାନ୍ତି(ହେଜମାଦି) କହିଲେ, ଅଲିଭ୍ ରିଡ୍ଲେ ସଂରକ୍ଷଣ ଓ ବୃଦ୍ଧି ଦିଗରେ ଓଡ଼ିଶା ସରକାରଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ଓଡ଼ିଶାର ଆନ୍ତଃ ବିଭାଗୀୟ ଟିମ୍ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ସମନ୍ୱିତ ସୁରକ୍ଷା ମଡେଲ ଆନ୍ତର୍ଜାତିକ ସ୍ତରରେ ପ୍ରଶଂସିତ ହେବା ସହିତ ସର୍ବଶ୍ରେଷ୍ଠ ପ୍ରମାଣିତ ହୋଇଛି। ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଲେ, ଚଳିତ ବର୍ଷ କଇଁଛ ସୁରକ୍ଷା ନିମନ୍ତେ ଭଦ୍ରକ, ରାଜନଗର, ପୁରୀ ଓ ବ୍ରହ୍ମପୁର ଆଦି ୪ଟି ବନ୍ୟଜନ୍ତୁ ବନଖଣ୍ଡକୁ ସମୁଦାୟ ୫ ତୀବ୍ରଗତି ସମ୍ପନ୍ନ ବୋଟ୍ ସହ ୧୩ ଟ୍ରଲର ଏବଂ ସହାୟକ ବୋଟ୍ ଯୋଗାଇ ଦିଆଯାଇଛି। ସେହିପରି ୬୬ଟି ପାଟ୍ରୋଲିଂ କ୍ୟାମ୍ପ୍ କରାଯିବ। ପିସିସିଏଫ୍(ବନ୍ୟଜନ୍ତୁ) ଶଶୀ ପଲ୍ କହିଲେ, ଗତବର୍ଷ ଗହୀରମଥା ଉପକୂଳରେ ପ୍ରାୟ ୩.୫ଲକ୍ଷ କଇଁଛ ଅଣ୍ଡାଦେଇଥିଲେ। ଗତ ମାର୍ଚ୍ଚ ୧୦ ରୁ ମାର୍ଚ୍ଚ ୨୪ ମଧ୍ୟରେ ସାମୂହିକ ଅଣ୍ଡାଦାନ ହୋଇଥିଲା। ପ୍ରବର୍ତ୍ତନ କାର୍ଯ୍ୟରେ ୩୮ ଟ୍ରଲର୍ ସିଜ୍ ସହ ୨୦୨ ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିଲା। ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଶାସନ ସଚିବ ଆର୍.ରଘୁ ପ୍ରସାଦ କହିଲେ, ମତ୍ସ୍ୟଜୀବୀ ଏବଂ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ନିମନ୍ତେ ଏକ ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଇଛି। ଏହି ଆପ୍ ମାଧ୍ୟମରେ ମତ୍ସ୍ୟଜୀବୀମାନେ ମାଛମରା ନିଷିଦ୍ଧ ଅଞ୍ଚଳର ସୀମା ଦେଖିପାରିବେ। ନିଷିଦ୍ଧ ଅଞ୍ଚଳକୁ ପଶିବା କ୍ଷଣି ଉକ୍ତ ଆପ୍ ଆଲର୍ଟ ମେସେଜ୍ ଦେବ। ବୈଠକରେ ପିସିସିଏଫ୍ ଶିଶିର କୁମାର ରଥଙ୍କ ସମେତ ତଟ ସୁରକ୍ଷା ବାହିନୀ କମାଣ୍ଡାଣ୍ଟ, ବନ୍ୟଜନ୍ତୁ ସଂରକ୍ଷଣ ଅନୁଷ୍ଠାନର ନିର୍ଦ୍ଦେଶକ ଓ ବୈଜ୍ଞାନିକଙ୍କ ସମେତ ଡିଆର୍‌ଡିଓ, ଆଇଟିଆର୍, ୩ ବନ୍ଦରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

- **୨୦୨୨ ମେ' ୩୧ ପର୍ଯ୍ୟନ୍ତ ସମୁଦ୍ରରେ ମାଛଧରା ନିଷେଧ**
- **୬୬ ପାଟ୍ରୋଲିଂ କ୍ୟାମ୍ପ୍, ନିୟୋଜିତ ହେବ ୫ ସ୍ପିଡ୍ ବୋଟ**
- **ମତ୍ସ୍ୟଜୀବୀଙ୍କୁ ସତର୍କ କରିବ ସ୍ୱତନ୍ତ୍ର ଆପ୍**

# ୩ ଅଭିଯୁକ୍ତଙ୍କ ଲାଏ ଡିଟେକ୍ସନ ଟେଷ୍ଟ

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ)**

ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ବଡ଼ପୁଅ ମନୀଷ ଅନୁରାଗ ହତ୍ୟା ମାମଲାରେ କମିଶନରେଟ ପୋଲିସ ୩ ଅଭିଯୁକ୍ତଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ମାରାଥନ ଜେରା କରିଥିଲେ ବି ସେଭଳି କିଛି ବଡ଼ ତଥ୍ୟ ପାଇ ନ ଥିଲା। ସେମାନଙ୍କ କଥାରେ ତାଳମେଳ ନ ଥିଲା। ତେଣୁ ପ୍ରକୃତ ସତ୍ୟାସତ୍ୟ ଜାଣିବା ପାଇଁ ୩ ଅଭିଯୁକ୍ତଅମ୍ରିତ ପ୍ରୀତମ ବିଶ୍ୱାଳ, ଦୀନେଶ କୁମାର ମହାପାତ୍ର ଓ ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ମଙ୍ଗଳବାର ଜେଲ୍‌ରୁ ଆଣି ରାଜ୍ୟ ଫରେନ୍‌ସିକ୍ ଲାବ୍‌ରେ ଲାଏ ଡେଟେକ୍ସନ୍ ଟେଷ୍ଟ କରିଛି।

କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଇନ୍‌ଫୋସିଟି ଥାନା ପୋଲିସର ଏକ ଟିମ୍ ଅଭିଯୁକ୍ତମାନଙ୍କୁ ଧରି ସକାଳ ୯ଟା ୩୦ରେ ଫରେନ୍‌ସିକ୍ ଲାବ୍‌କୁ ପ୍ରବେଶ କରିଥିଲା। ସାଢ଼େ ୭ ଘଣ୍ଟା ପରେ ଅର୍ଥାତ୍ ପ୍ରାୟ ୫ଟାରେ ଲାବରୁ ଅଣାଯାଇଥିଲା। ତେବେ ଏହି ସମୟ ଭିତରେ ପୃଥକ ପୃଥକ ଭାବେ ୩ଜଣଙ୍କୁ ପ୍ରଶ୍ନ ପଚରା ଯାଇଥିଲା। ଅଧିକାଂଶ ପ୍ରଶ୍ନ ସମାନ ଥିଲା। ମନୀଷଙ୍କ ସହିତ ସାଙ୍ଗମାନଙ୍କର ସାଉଥ୍ ସିଟି ହୋଟେଲରେ କ'ଣ ଘଟିଥିଲା, ତାଙ୍କ ଭିତରେ ବିଲ୍ ପେମେଣ୍ଟକୁ ନେଇ କାହିଁକି ଝଗଡ଼ା ହେଲା, ହୋଟେଲରୁ ମନୀଷ କାହିଁକି ଏକୁଟିଆ ବାହାରି ଚାଲି ଆସିଥିଲେ, ରାସ୍ତାର କେଉଁଠି ଓ କ'ଣ ପାଇଁ ଝଗଡ଼ା ହେଲା, ମନୀଷଙ୍କୁ କିଏ ପ୍ରଥମେ ଆକ୍ରମଣ କଲେ, କାହା ମାଡ଼ରେ ତାଙ୍କର ମୃତ୍ୟୁ ହେଲା, ଠେଲାପେଲାର ଘଟଣାସ୍ଥଳ କେଉଁଠି, ହତ୍ୟା ପରେ ସେମାନେ କିପରି ପୋଖରୀରେ ମନୀଷଙ୍କୁ ଫୋପାଡି ଥିଲେ, ଏଭଳି ବିଭିନ୍ନ ଦିଗକୁ ନେଇ ଏକାଧିକ ପ୍ରଶ୍ନ ପଚରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

**ମନୀଷ ଅନୁରାଗ ହତ୍ୟା ମାମଲା**

ଏନେଇ ଡିସିପି ଉମାଶଙ୍କର ଦାଶ ଗଣମାଧ୍ୟମକୁ କହିଛନ୍ତି, ଅଭିଯୁକ୍ତଙ୍କ ଲାଏ ଡିଟେକ୍ସନ୍ ରିପୋର୍ଟ ଆସିଲା ପରେ ତଦନ୍ତ ଆହୁରି ଆଗେଇବ। ଏହି ରିପୋର୍ଟ କୋର୍ଟଙ୍କୁ ଦିଆଯିବ ନାହିଁ। ଏହା କେବଳ ତଦନ୍ତରେ ସାହାଯ୍ୟ କରିବ। ଅନ୍ୟପକ୍ଷରେ ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହୋଇଥିଲେ ବି ଏହା ଗଣମାଧ୍ୟମକୁ ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

ଗତ ୯ ତାରିଖ ୫ ଟାରେ ମନୀଷଙ୍କୁ ଅଭିଯୁକ୍ତ ଅମ୍ରିତ ଫୋନ କରି ଡାକିବା ସହ ୨ସାଙ୍ଗ ମୃତ୍ୟୁଞ୍ଜୟ ଓ ଦୀନେଶଙ୍କ ସହ ଏକ ବ୍ୟାଚଲର ପାର୍ଟିରେ ଯିବାକୁ କହି କାରରେ ଆଣିଥିଲେ। ବିଳମ୍ବିତ ରାତିରେ ସାଉଥ ସିଟି ହୋଟେଲ ଆଣ୍ଡ ବାର୍‌କୁ ଯାଇଥିଲେ। ସେଠାରେ ବିଲ୍ ଦେବାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ମନୀଷ ମା'ଙ୍କୁ ଫୋନ୍ କରି ଅନ୍‌ଲାଇନରେ ୮ହଜାର ଟଙ୍କା ମଗାଇ ବିଲ୍ ଦେଇଥିଲେ। ରାତି ୩ଟା ୨୯ରେ ମନୀଷ ଏକୁଟିଆ ହୋଟେଲ ବାହାରକୁ ଯିବାପରେ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା କରି ପାତ୍ରପଡ଼ା ପୋଖରୀରେ ଫିଙ୍ଗିଦେଇଥିଲେ। କମିଶନରେଟ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇଥିଲା। ଗତ ୧୮ ତାରିଖରେ ୪ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା। ଘଟଣା ଦିନ ସମସ୍ତେ ନିଶାରେ ଥିବାରୁ କେହି ହତ୍ୟା ସମ୍ପର୍କରେ ଅଧିକ କିଛି କହିପାରି ନ ଥିଲେ। ତେଣୁ ଲାଏ ଡିଟେକ୍ସନ ଟେଷ୍ଟ କରିବା ପାଇଁ ପୋଲିସ ଯୋଜନା କରିଥିଲା।

# ୩୩ ମାଛର ଦାମ୍ ୧ କୋଟି

**ଭୋଗରାଇ, ୨୬।୧୦(ଡି.ଏନ.ଏ.)**



ତେଲିଆ ଭେକ୍‌ଟି ମାଛ।

୩୩ଟି ମାଛର ଦାମ୍ ୧ କୋଟି ଟଙ୍କା। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏହି ମାଛଗୁଡ଼ିକୁ ବଙ୍ଗୋପସାଗର ପଶ୍ଚିମବଙ୍ଗ ଦୀଘା ଉପକୂଳରୁ ଧରାଯାଇ ଟ୍ରଲର ଯୋଗେ ଦୀଘା ମାଛ ମାର୍କେଟ୍‌କୁ ଅଣାଯାଇ ବିକ୍ରି କରାଯାଇଛି। କୋଲକାତା ବାୟୋଟେକ୍ କମ୍ପାନୀର ସୁଭାଷ ରାନା ନାମକ କର୍ମଚାରୀ ଏହି ବିରଳ ପ୍ରଜାତିର ମାଛକୁ ନିଲାମରେ କିଣିଛନ୍ତି। ଉକ୍ତ ମାଛର ପେଟଅଂଶରେ ଏକ ବ୍ଲାଡ଼ାର ରହୁଥିବାରୁ ଔଷଧୀୟ କାର୍ଯ୍ୟରେ ବ୍ୟବହାର ହୋଇଥାଏ। ଉଲ୍ଲେଖଯୋଗ୍ୟ, ଗତ ଜୁଲାଇ ୭ତାରିଖରେ ୬୨ଟି ତେଲିଆ ମାଛକୁ ୧କୋଟିରେ ବିକ୍ରି କରାଯାଇଥିଲା। ଗୋଟିଏ ମାଛର ଓଜନ ୨୨ରୁ ୨୫ କେଜି ରହିଛି।

# କଲେଜ ହଷ୍ଟେଲରେ ଛାତ୍ରୀଙ୍କ ଆତ୍ମହତ୍ୟା

**ବଲାଙ୍ଗୀର ଅଫିସ/ଲୋଇସିଂହା, ୨୬।୧୦ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସକ୍‌ମା ଗାଁରେ ଥିବା ଏକ ଘରୋଇ କଲେଜ ହଷ୍ଟେଲରେ ଜଣେ ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଛାତ୍ରୀ ଜଣକ ହଷ୍ଟେଲ ଭିତରେ ପଙ୍ଖାରେ ଓଢ଼ଣୀ ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତା ଛାତ୍ରୀ ଜଣକ ବରଗଡ ଜିଲା ବୁଡେନ୍ ଥାନା ଅନ୍ତର୍ଗତ ଦହିତା ଗ୍ରାମର ଆଶା ମେହେର (୧୭) । ଖବର ପାଇବା ପରେ ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ତଦନ୍ତ ଆରମ୍ଭ କରିଛି। ଖବର ପାଇ ମୃତା ଛାତ୍ରୀଙ୍କ ପରିବାର ଲୋକେ ଘଟଣାସ୍ଥଳକୁ ଆସିଥିଲେ। ଏନେଇ ଏସ୍‌ଡିପିଓ ତୋଫାନ୍ ବାଗଙ୍କୁ ପଚରାଯିବାରୁ ଛାତ୍ରୀ ଜଣକ ଆତ୍ମହତ୍ୟା କରିଛନ୍ତି ଓ ସେନେଇ ତଦନ୍ତ ଚାଲିଛି ବୋଲି କହିଛନ୍ତି। ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପଠାଯାଇଛି। ଲୋଇସିଂହା ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଧର୍ମେନ୍ଦ୍ରଙ୍କୁ ଭେଟିଲେ କ୍ଷୁଦ୍ର ଗ୍ରହ ଆବିଷ୍କାରକ ବନୀତା

**ନବରଙ୍ଗପୁର, ୨୬।୧୦(ବି.ପ୍ର.)**

କ୍ଷୁଦ୍ର ଗ୍ରହର ଆବିଷ୍କାରକ ନବରଙ୍ଗପୁରର ଓଡିଆ ଝିଅ ବନୀତା ଦାସ ମଙ୍ଗଳବାର ନୂଆ ଦିଲ୍ଲୀରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି। ମନ୍ତ୍ରୀ ପ୍ରଧାନ ବନୀତାଙ୍କୁ ସାଧୁବାଦ ଜଣାଇଛନ୍ତି। କ୍ଷୁଦ୍ର ଗ୍ରହ ଆବିଷ୍କାର କରି ବନୀତା ଓଡିଆ ମାଟିକୁ ଗର୍ବିତ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଭବିଷ୍ୟତରେ ଜଣେ ମହାକାଶ ବିଜ୍ଞାନୀ ହୋଇ ମାନବ ସେବା କରିବାକୁ ଧର୍ମେନ୍ଦ୍ର ତାଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତାଙ୍କ ନିମନ୍ତ୍ରଣକ୍ରମେ ବନୀତା ନୂଆଦିଲ୍ଲୀସ୍ଥିତ ଡିଆର୍‌ଡିଓ ତଥା ବିଭିନ୍ନ ଗବେଷଣା ସଂସ୍ଥାକୁ ଗସ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ନବରଙ୍ଗପୁର ଝିଅ ବନୀତା ମଧ୍ୟପ୍ରଦେଶର ଅନୁପୁରର ଜବାହର ନବୋଦୟ ବିଦ୍ୟାଳୟରେ ପଢୁଛନ୍ତି। ଚଳିତ ବର୍ଷ ଜାନୁଆରୀ ୨୦୨୧ରେ ଖାଗୋଲାଲା ଆଷ୍ଟ୍ରଏଡ ସର୍ଚ୍ଚ ଅଭିଯାନ (କେଏଏସ୍‌ସି)ରେ ସେ ଯୋଗ ଦେଇଥିଲେ। ଯେଉଁଠାରେ ଜବାହର ନବୋଦୟ ବିଦ୍ୟାଳୟର ପିଲମାନଙ୍କୁ ଆଷ୍ଟ୍ରଏଡ ଚିହ୍ନଟ ତାଲିମ ଦିଆଯାଇଥିଲା। ସେ ହାୱାଇରେ ଅବସ୍ଥିତ ଏକ ଟେଲିସ୍କୋପ ବ୍ୟବହାର କରି ଆଷ୍ଟ୍ରଏଡ୍ ଆବିଷ୍କାର କରିଥିଲେ। ନାସା, ହାର୍ଡିନ୍–ସିମନ୍ସ ୟୁନିଭରସିଟି ଏବଂ ଆନ୍ତର୍ଜାତୀୟ ଜ୍ୟୋର୍ତିବିଜ୍ଞାନ ସନ୍ଧାନ ସହଯୋଗରେ ଉକ୍ତ ଗ୍ରହକୁ ସ୍ୱୀକୃତି ଦିଆଯାଇଛି।



ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସହ ବନୀତା।






**ବରଗଡ଼ରେ ଗ୍ରାହକ ପଞ୍ଚାୟତ ବୈଠକ**

**ବରଗଡ଼ ଅଫିସ୍:** ବରଗଡ଼ରେ ସୋମବାର ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଧାମାଧବ ବହିଦାର, ପ୍ରୀତମ ସିଂ, ସ୍ୱରୂପ ଭୋଇ, ବିକ୍ରମ ପଣ୍ଡା, ତ୍ରିନାଥ କାଳସା, ନରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ପ୍ରକାର ଗ୍ରାହକଙ୍କ ସୁରକ୍ଷା, ଆଇନ, ଗ୍ରାହକ ସେବାଜନିତ ବିବାଦ ସରଳୀକୃତ ସମାଧାନ ଏବଂ ଶୋଷଣମୁକ୍ତ ଉପଭୋକ୍ତା ସମାଜ ଗଠନ ଉପରେ ଆଲୋଚନା ହୋଇଥିଲା ।

## ସଂକ୍ଷେପରେ

### ଭିଏସ୍‌ଏସ୍ ବିମାନ ବନ୍ଦରରେ ନିର୍ମାଣ ହେବ ୪ ଏପ୍ରନ

**ଝାରସୁଗୁଡ଼ା ଅଫିସ,୨୬।୧୦:** ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ବିମାନ ଛିଡା ହେବା ପାଇଁ ୨ ଏୟାରକ୍ରାଫ୍ଟ ଏପ୍ରନ ରହିଥିଲା । ଏଠାକୁ ଅଧିକ ବିମାନ ଯାତାୟାତ କରୁଥିବାରୁ ଅଧିକ ଏପ୍ରନର ଆବଶ୍ୟକତା ରହିଥିଲା । ଏହାକୁ ଦୃଷ୍ଟିରେ ରଖି ବିମାନ ବନ୍ଦର କର୍ତ୍ତୃପକ୍ଷ ଆଉ ୪ଗୋଟି ଅତିରିକ୍ତ ଏବି ୩୨୦ ଟାଇପ୍‌ର ଏୟାରକ୍ରାଫ୍ଟ ଏପ୍ରନ ନିର୍ମାଣ କରିବା ପାଇଁ ଯାଉଛନ୍ତି। ଏହାର ବ୍ୟୟ ଅଟକଳ ୧୨କୋଟି ୫୫ଲକ୍ଷ ଟଙ୍କା ରହିଛି। ଏହି ନିର୍ମାଣକାମ କଲିକତାର ଏକ ଏଜେନ୍ସି ନେଇଛି। ଆସନ୍ତା ଜାନୁୟାରୀ ୨୩ସୁଦ୍ଧା ନିର୍ମାଣ ଶେଷ କରିବା ପାଇଁ ନିର୍ଦ୍ଦେଶ ରହିଛି । ଏହା ହେବାପରେ ଆଉ ବିମାନ ଛିଡା ହେବାପାଇଁ କୌଣସି ସମସ୍ୟା ରହିବନାହିଁ ବୋଲି ବିମାନ ବନ୍ଦର ନିର୍ଦ୍ଦେଶକ ପବନ ଜୁଟସୋ କହିଛନ୍ତି।

### ଶୁଟିଂ ଚାମ୍ପିୟନଶିପ: ଭିସୁଟ୍ ଛାତ୍ର ଏମ୍ ବିଦ୍ୟାସାଗରଙ୍କୁ ବ୍ରୋଞ୍ଜ ପଦକ

**ସମ୍ବଲପୁର,୨୬।୧୦(ବ୍ୟୁରୋ):** ଅହମ୍ମଦାବାଦଠାରେ ଆୟୋଜିତ ୩୦ତମ



ଅଖିଳ ଭାରତୀୟ ଜିଭି ମାଭାଲଙ୍କର ଶୁଟିଂ ଚାମ୍ପିୟନଶିପରେ ସମ୍ବଲପୁର ଜିଲା ବୁର୍ଲା ଭିସୁଟ ଛାତ୍ର ଏମ୍ ବିଦ୍ୟାସାଗର ରେଡ୍ଡୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏମ୍‌ସିଏଲ୍‌ର ସିଭିଲ ବିଭାଗରେ କାର୍ଯ୍ୟରତ ବରିଷ୍ଠ ସହାୟକ ଏମ୍.ଏସ୍. ରେଡ୍ଡୀ ଓ ବିଜୟଲକ୍ଷ୍ମୀଙ୍କ ପୁତ୍ର ବିଦ୍ୟାସାଗରଙ୍କୁ ଏମ୍‌ସିଏଲ୍ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବିଦ୍ୟାସାଗର ପ୍ରଥମେ ୨୫ ମିଟର ରେଞ୍ଜରେ ବୁର୍ଲାଠାରେ ଶୁଟିଂ ଅଭ୍ୟାସ କରିଥିଲେ। ୧୫ଦିନ କଠିନ ପରିଶ୍ରମ କରି ତାଲିମ ନେଇଥିଲେ। ପରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୫୦ମିଟର ଦୂରତାରେ ଶୁଟିଂ ତାଲିମ ନେଇଥିଲେ। ଏହାସହ ମଧ୍ୟପ୍ରଦେଶ ଇନ୍ଦୋରରେ ଆୟୋଜିତ ପ୍ରତିଯୋଗିତାରେ ସେ ଏନ୍‌ସିସିର ରାଜ୍ୟସ୍ତରୀୟ ଟିମ୍‌ରେ ସାମିଲ ହୋଇଥିଲେ। ସେଥିରେ ସେ ବନ୍ଧୁକ ଚାଳନାରେ ଭାଗନେଇ ୭ ଗୋଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ।

### ପି.କେ. ସିହ୍ନାଙ୍କୁ ଶ୍ରେଷ୍ଠ ସିଇଓ ପୁରସ୍କାର

**ସମ୍ବଲପୁର,୨୬।୧୦(ବ୍ୟୁରୋ):** ଏମ୍‌ସିଏଲ୍ ଦାୟିତ୍ୱରେ ଥିବା ଅଧକ୍ଷ ତଥା ପରିଚାଳନ ନିର୍ଦ୍ଦେଶକ ପି.କେ. ସିହ୍ନାଙ୍କୁ ଶ୍ରେଷ୍ଠ



ସିଇଓ ଭାବେ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରଠାରେ ଜିଓ ମାଇନିଂ ଟ୍ୟାଗ ପକ୍ଷରୁ କର୍ପୋରେଟ ମ୍ୟାନେଜମେଣ୍ଟ ଆୱାର୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇଏସ୍‌ଏମ୍ ଧନବାଦ ପୂର୍ବତନ ଅଧକ୍ଷ ପ୍ରଫେସର ଡି.ଡି. ମିଶ୍ର ଅତିଥିଭାବେ ଯୋଗଦେଇ ନିର୍ଦ୍ଦେଶକ ସିହ୍ନାଙ୍କୁ ପୁରସ୍କୃତ କରିଛନ୍ତି । ସୁଚନା ଯୋଗ୍ୟଯେ, ଅଧକ୍ଷ ସିହ୍ନା ନର୍ଦନ କୋଲଫିଲ୍ଡ ଲିମିଟେଡ (ଏନ୍‌ସିଏଲ୍) ଅଧକ୍ଷ ଓ ପରିଚାଳନ ନିର୍ଦ୍ଦେଶକ ଅଛନ୍ତି। ତାଙ୍କ ନେତୃତ୍ୱରେ ଏନ୍‌ସିଏଲ୍ ଓ ଏମ୍‌ସିଏଲ୍‌ରେ ଚଳିତ ଆର୍ଥିକ ବର୍ଷରେ ସକରାତ୍ମକ ଭାବେ ବିକାଶ କାର୍ଯ୍ୟ ଆଗେଇ ଚାଲିଛି।

### ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀ ପ୍ରଫୁଲ୍ଲ ଗୁପ୍ତାଙ୍କ ଦେହାନ୍ତ

**ଝାରସୁଗୁଡ଼ା ଅଫିସ,୨୬।୧୦:** ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ତିଲିଆ ପଞ୍ଚାୟତ ଫଟାପାଲି ଗ୍ରାମର ସ୍ୱାଧୀନତା ସଂଗ୍ରାମୀ



ସ୍ୱର୍ଗତ ଅର୍ଜୁନ ଗୁପ୍ତାଙ୍କ ସ୍ତ୍ରୀ ପ୍ରଫୁଲ୍ଲ ଗୁପ୍ତାଙ୍କ ୮୯ ବର୍ଷ ବୟସରେ ମଙ୍ଗଳବାର ଦେହାନ୍ତ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟ ଅବସ୍ଥାରେ ଶଯ୍ୟାଶାୟୀ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନପୁଅ ପର୍ଶୁରାମ ଗୁପ୍ତା ମୁଖାଗ୍ନି ଦେଇଥିଲେ। ସେ ଜଣେ ଶିକ୍ଷାପ୍ରେମୀ ହୋଇଥିବାବେଳେ ନାରୀଶିକ୍ଷାକୁ ପ୍ରାଧାନ୍ୟ ଦେଉଥିଲେ। ସେ ତାଙ୍କ ଗ୍ରାମରେ ସ୍ୱାମୀଙ୍କ ନାମରେ ଏକ ବାଳିକା ହାଇସ୍କୁଲ ଖୋଲି ଆର୍ଥିକ ଅନୁଦାନ ଯୋଗାଇ ଦେଉଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାର ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ଜମନକିରା



ନାକଟିଦେଉଳ



ରେଢାଖୋଲ



# ଭାଜପାର ୧୨ ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ

**ଜମନକିରା/ କୁଚିଣ୍ଡା/ ରେଢାଖୋଲ/ ନାକଟିଦେଉଳ, ୨୬।୧୦(ଡି.ଏନ.ଏ.)**

ଜମନକିରା ବ୍ଲକ୍ ସଦର ମହକୁମାରେ ମଙ୍ଗଳବାର ଭାଜପା ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା । ମମିତା ମେହେର ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ଦଳ ଆନ୍ଦୋଳନକୁ ଓହ୍ଲାଇଥିଲା । ଦଳୀୟ ନେତା ଓ କର୍ମୀ ପିକେଟିଂ କରି ଦୋକାନ ବଜାର ବନ୍ଦ କରାଇବା ସହ ୫୩ନଂ. ରାଜପଥ ଅବରୋଧ କରିଥିଲେ। ବ୍ଲକ୍‌ର ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥା ମଧ୍ୟ ବନ୍ଦ ରହିଥିଲା । ଭାଜପା ଜମନକିରା ମଣ୍ଡଳ ସଭାପତି ଅମୋଘ ବୈରିଗଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଦଳର ବରିଷ୍ଠ ସଭ୍ୟ ବିରେନ୍ଦ୍ର ଚୌଧରୀ, ସୁନିଲ ମୁଦୁଲି, ହୁମାୟୁନ ଖଡ଼ିରତ୍ନ, ସୁବାସ ସାହୁ ପ୍ରମୁଖ ସାମିଲ ଥିଲେ ।

ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ମଙ୍ଗଳବାର କୁଚିଣ୍ଡା ଭାଜପା ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ ହୋଇଥିଲା । କର୍ମୀମାନେ ସକାଳ ୬ଟାରୁ ପିକେଟିଂ କରିଥିଲେ । ବନ୍ଦ ଯୋଗୁ ସମସ୍ତ ଅଫିସ, କୋର୍ଟ କଚେରି, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ଦୋକାନ ବଜାର ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଜିଲା ସାଧାରଣ ସମ୍ପାଦକ

**ମମିତା ମେହେର ହତ୍ୟା ଘଟଣା**

ଶୁଶିଳ କର ଓ ପୂର୍ବତନ ବିଧାୟକ ବୃନ୍ଦାବନ ମାଝିଙ୍କ ନେତୃତ୍ୱରେ ମହେଶ ରାୟ, ଅନୁପମା ନାୟକ, ଅରୁଣ ଅଗ୍ରୱାଲ, ରଞ୍ଜନ ଶର୍ମା, ରାଣା ପ୍ରତାପ ସିଂ, ପିଙ୍କୁ ପାଣି, ରଞ୍ଜିତ ଶର୍ମା, ଜୟନ୍ତ ବାଘ ପ୍ରମୁଖ ଏଥିରେ ସାମିଲ ଥିଲେ।

ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଓ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ମଙ୍ଗଳବାର ରେଢାଖୋଲରେ ଭାଜପା ପକ୍ଷରୁ ବନ୍ଦ ପାଳନ ହୋଇଛି। କର୍ମକର୍ତ୍ତା ୫୫ନଂ. ଜାତୀୟ ରାଜପଥକୁ ଭୀମଭୋଇ ଛକରେ ଅବରୋଧ କରିବା ଯୋଗୁ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । କର୍ମୀମାନେ ପିକେଟିଂ କରି ସମସ୍ତ ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଓ କୋର୍ଟ କଚେରି ବନ୍ଦ କରିଥିଲେ। ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ଗୋବିନ୍ଦ ଅଗ୍ରୱାଲ, ଶିବ ସାହୁ, ସୁଷମା ମୁଣ୍ଡା, ରାମାନୁଜ ମହାପାତ୍ର, ଅଲେଖା ପ୍ରଧାନ, ବିଚିତ୍ରାନନ୍ଦ ସାହୁଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଥିଲା ।

ମମିତା ମେହେର ହତ୍ୟା ଘଟଣାରେ ନାକଟିଦେଉଳ ବ୍ଲକ ଭାଜପା ପକ୍ଷରୁ ମଙ୍ଗଳବାର ବନ୍ଦ ପାଳନ କରାଯାଇଥିଲା । ଦଳୀୟ କର୍ମୀମାନେ ପିକେଟିଂ କରି ରାସ୍ତା ଅବରୋଧ କରିବା ସହ ଦୋକାନବଜାର ସମେତ ସ୍କୁଲ, କଲେଜ, ବ୍ୟାଙ୍କ, ତହସିଲ, ବ୍ଲକ କାର୍ଯ୍ୟାଳୟ ବନ୍ଦ କରିଥିଲେ। ଏଥିସହିତ ଶିବମନ୍ଦିର ଛକଠାରେ ରାଞ୍ଚି–ବିଜୟୱାଡ଼ା ଓ ରେଢାଖୋଲ–ଦେବଗଡ଼ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ବ୍ଲକର ଜୋନ–୨ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ହୋଇଥିବା ଆନ୍ଦୋଳନରେ ଜୋନ–୧ ଜିଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳ, ବରିଷ୍ଠ କର୍ମୀ ବିଜୟାନନ୍ଦ ସାହୁ, ଦେବାର୍ଜନ ସାହୁ, ଜିତେନ୍ଦ୍ରିୟ ସାହୁ ସାମିଲ ହୋଇଥିଲେ।

### ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ନାକଟିଦେଉଳ,୨୬।୧୦(ଡ଼ି.ଏନ.ଏ.)**

ଜଣୈକା ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ନାକଟିଦେଉଳ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ନାକଟିଦେଉଳ ଥାନା ଶଙ୍କରପାଲି ଗ୍ରାମର ବିରଞ୍ଚି ନାଏକ(୨୫)। ପୋଲିସ ସୂଚନା ଅନୁସାରେ ଗତ ୨୨ତାରିଖ ରାତିରେ ନାକଟିଦେଉଳ ଥାନା ଅଞ୍ଚଳର ବିବାହିତା ମହିଳା ନିକଟସ୍ଥ ଗ୍ରାମକୁ ଲକ୍ଷ୍ମୀପୂଜା ଦେଖିବାକୁ ଆସୁଥିଲେ । ଏକୁଟିଆ ଦେଖି ବିରଞ୍ଚି ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ୨୩ତାରିଖରେ ମହିଳା ଜଣକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ବିଧୁଭୂଷଣ ମିଶ୍ର ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ଅଭିଯୁକ୍ତ ବିରଞ୍ଚିଙ୍କୁ ଦଫା ୩୭୬/୫୦୬ରେ ରେଢାଖୋଲ କୋର୍ଟ ଚାଲାଣ କରାଯାଇଛି।

### ବନବିଭାଗ ପକ୍ଷରୁ ୫ ବାଇକ୍ ଓ କାଠ ଜବତ



**ନାକଟିଦେଉଳ,୨୬।୧୦(ଡ଼ି.ଏନ.ଏ.)**

ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ଚଢ଼ଚଢ଼ି ଜଙ୍ଗଲରୁ ସୋମବାର ରାତ୍ରିରେ ଚୋରା ଚାଲାଣ ହେଉଥିବା ବେଳେ ବନ କର୍ମଚାରୀ ୨୦ଖଣ୍ଡ ଚୌକାଠ ଓ ୫ ବାଇକ୍ ଜବତ କରିଛନ୍ତି। ରାତିର ସୁଯୋଗ ନେଇ ସମ୍ପୃକ୍ତ ଅଭିଯୁକ୍ତମାନେ ଖସିଯିବାରେ ସକ୍ଷମ ହୋଇଛନ୍ତି। ଜବତ କାଠର ମୂଲ୍ୟ ୨୦ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଚଢାଉରେ ବାଟଗାଁ ଫରେଷ୍ଟର ଅନିଲ କୁମାର କିସାନ, ଫରେଷ୍ଟଗାର୍ଡ଼ ଚିରଞ୍ଜନ ମିରି ପ୍ରମୁଖ ସାମିଲ ହୋଇଥିଲେ।

# ରାଜପୁର ରେଳ ଓଭରବ୍ରିଜ୍ ଲୋକାର୍ପିତ



ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି, ବିଧାୟକ, ଜିଲାପାଳଙ୍କ ସମେତ ଅନ୍ୟମାନେ।

**ବ୍ରଜରାଜନଗର,୨୬।୧୦ (ଡି.ଏନ.ଏ.)**

ଝାରସୁଗୁଡା ଜିଲା ରାଜପୁର ପଞ୍ଚାୟତ ଦେଇ ସୁନ୍ଦରଗଡ଼ ଜିଲାର ଦଳିପାଲିଠାରେ ଥିବା ଏନ୍‌ଟିପିସି କମ୍ପାନୀକୁ ଯାଇଥବା ରେଳ ଓଭରବ୍ରିଜ୍‌କୁ ମଙ୍ଗଳବାର ଲୋକର୍ପିତ କରାଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ କିଶୋର ମହାନ୍ତି, ଝାରସୁଗୁଡ଼ା ଜିଲାପାଳ ସରୋଜ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବରୁ ରେଳ ଚଳାଚଳ ବେଳେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଥିଲା। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପରେ ଦକ୍ଷିଣପୂର୍ବ ରେଳପଥ ତରଫରୁ ୧୨ କୋଟି ୯୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ରିଜ୍ ନିର୍ମାଣ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସମିତି ସଭ୍ୟ ଗଣେଶ ରାମ ବାଗ, ସରପଞ୍ଚ ଝରଣା ସାଗରଙ୍କ ସମେତ ଆଖପାଖ ୫ ପଞ୍ଚାୟତରୁ ଶତାଧିକ ଲୋକ ଯୋଗଦେଇଥିଲେ।

# କୋଇଲା ଖଣି ଅଞ୍ଚଳରୁ ବିସ୍ଥାପିତଙ୍କ ମୃତଦେହ ଜବତ

**ଝାରସୁଗୁଡ଼ା ଅଫିସ,୨୬।୧୦**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର ଖୋଲାମୁହଁ କୋଇଲା ଖଣି ଅଞ୍ଚଳରୁ ମଙ୍ଗଳବାର ଲଖନପୁର ଥାନା ପୋଲିସ ଜଣେ ବିସ୍ଥାପିତଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଖଣି ସଂଲଗ୍ନ ସାହାଜବାହାଲ ଗ୍ରାମର ଅଶୋକ ଭୋଇ(୪୫)। ପୋଲିସ ମୃତଦେହକୁ ବୁଧବାର ବ୍ୟବଚ୍ଛେଦ କରାଇବ। ମୃତକଙ୍କ ପୁଅ ସୁଶିଲ ଭୋଇଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ୧୮/୨୧) ରୁଜୁ କରିଛି। ସୂଚନା ଅନୁସାରେ ସୋମବାର ଅପରାହ୍ନରେ ଅଶୋକ ଛେଳି ଚରାଇବାକୁ ଯାଇ ଆଉ ଫେରି ନ ଥିଲେ। ଘର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ । ମଙ୍ଗଳବାର କୋଇଲା ଖଣି ଅଞ୍ଚଳରେ ଥିବା ଏକ ନାଳରେ ରକ୍ତାକ୍ତ ଅବସ୍ଥାରେ ପଡିଥିବା ତାଙ୍କ ମୃତଦେହ ଜବତ ହୋଇଥିଲା। ଗାଁକୁ ଲାଗି ଖଣିଅଞ୍ଚଳ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ କେତେବେଳେ ଗୃହପାଳିତ ପ୍ରାଣୀ ତ ଆଉ କେତେବେଳେ ମଣିଷ ଖଣିର ଗଭୀର ଗର୍ତ୍ତରେ ପଡି ମୃତ୍ୟୁବରଣ କରୁଥିବା ନଜିର ରହିଛି। ଏଥିପାଇଁ ସ୍ଥାନୀୟ ଲୋକେ ଖଣି କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରୁଛନ୍ତି। ଲଖନପୁର କୋଇଲା ଖଣି ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବିକରି ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ଯୋଗାଇଦେବା ପାଇଁ ଦାବି କରିଛନ୍ତି।

### କାର୍ଯ୍ୟସ୍ଥଳକୁ ସାଇକେଲରେ ଗଲେ ବିଡିଓ



ବିଡିଓ ସୁରଜ ବିଶ୍ୱାଳ ସାଇକେଲରେ କାର୍ଯ୍ୟସ୍ଥଳକୁ ଯାଉଛନ୍ତି ।

**ସମ୍ବଲପୁର,୨୬।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଦିନିକିଆ ବନ୍ଦ ଡାକରା ଦିଆଯାଇଥିଲା। ସମସ୍ତ ସରକାରୀ ଅଫିସ ବନ୍ଦ ରହିଥିଲା। ଯୁଯୁମୁରା ବ୍ଲକ ଅଫିସକୁ ମଧ ସ୍ଥାନୀୟ ଭାଜପା କର୍ମୀମାନେ ପିକେଟିଂ କରି ବନ୍ଦ କରିଦେଇଥିଲେ। ବନ୍ଦ ଯୋଗୁ ଡ୍ରାଇଭର ଆସି ନ ଥିବାବେଳେ ଗାଡି ଚଳାଚଳ ଉପରେ ମଧ କର୍ମୀମାନେ ରୋକ ଲଗାଇଥିଲେ। ଫଳରେ ବିଡିଓ ସୁରଜ ବିଶ୍ୱାଳ ଅଫିସପରିସର କ୍ୱାର୍ଟର୍ସରୁ ସାଇକେଲରେ କାର୍ଯ୍ୟସ୍ଥଳକୁ ଯାଇଥିଲେ। ଏହି ଖବର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁସାରେ ନିକଟସ୍ଥ ଯୁଯୁମୁରା ହାଇସ୍କୁଲକୁ ୫–ଟି ପକ୍ଷରୁ ସ୍ମାର୍ଟ ସ୍କୁଲ ଭାବେ ନିର୍ମାଣ କରାଯାଉଛି। କିଛିଦିନ ପରେ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ଏହି କାମର ତଦାରଖ ପାଇଁ ବିଡିଓ ବିଶ୍ୱାଳ ସେଠାକୁ ଯାଇଥିଲେ। ସେଠାରେ ପ୍ରାୟ ୨ ଘଣ୍ଟା କାମ ତଦାରଖ କରିବା ପରେ ପୁଣି ବ୍ଲକ ପରିସରରେ ଥିବା ସରକାରୀ କ୍ୱାର୍ଟର୍ସକୁ ଫେରିଆସିଥିଲେ।

### ବରଯାତ୍ରୀ ଶୋଭାଯାତ୍ରାରେ କୋଭିଡ୍ କଟକଣା ଅବମାନନା

**ସମ୍ବଲପୁର,୨୬।୧୦(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ଥାନା ଗୋଶାଳା ଫାଣ୍ଡି ନିକଟସ୍ଥ ଏକ ଗ୍ରାମକୁ ସୋମବାର ବରଯାତ୍ରୀ ଶୋଭାଯାତ୍ରା ବାହାରିଥିଲା। ଡିଜେ ସାଉଣ୍ଡ, ଲାଇଟ୍, ବ୍ୟାଣ୍ଡ ବାଜା ସହ ଶତାଧିକ ଲୋକ ଏଥିରେ ସାମିଲ ହୋଇଥିଲେ। ଆତସବାଜି ସହ ଧୁମଧାମରେ ଆଗେଇ ଚାଲିଥିଲା ଶୋଭାଯାତ୍ରା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପାଇ ପୋଲିସ ଟିମ୍ ପହଞ୍ଚି ଶୋଭାଯାତ୍ରାକୁ ବନ୍ଦ କରିଥିଲା। ଏହା ସହ ଡିଜେକୁ ଜବତ କରିଥିଲା। ପୋଲିସ ଉପସ୍ଥିତିରେ ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରା ଯାଇଥିଲା। ଗୋଶାଳା ଫାଣ୍ଡି ପାଖ ଦେଇ ଶୋଭାଯାତ୍ରା ଯାଇଥିଲେ ମଧ ପୋଲିସ କିଭଳି ଜାଣିପାରିଲା ନାହିଁ ବୋଲି ପ୍ରଶ୍ନ ଉଠୁଛି। ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଅଭିଯୋଗ ପାଇବା ପରେ ପୋଲିସ ଟିମ୍ ପହଞ୍ଚି ସାମଗ୍ରୀ ଜବତ କରିଛି। ଜରିମାନା ମଧ ଅଦାୟ କରାଯିବ। କୋଭିଡ୍ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଆର୍‌ଏସ୍‌ପିର ପୁରସ୍କାର ବିତରଣୀ ଉତ୍ସବ




କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

**ରାଉରକେଲା ଅଫିସ,୨୬।୧୦**

ସତର୍କତା ସଚେତନତା ସପ୍ତାହ–୨୦୨୧ ପାଳନ ଅବସରରେ ରାଉରକେଲା ସେକ୍ଟର–୧୮ ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଏଥିକ୍ସ କ୍ଲବ ପକ୍ଷରୁ ମଙ୍ଗଳବାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସହରସେବା ବିଭାଗର ଜିଏମ୍ ଇନଚାର୍ଜ ପି. କେ ଦାସ ମୁଖ୍ୟଅତିଥି, ଜିଏମ୍ ଭିଜିଲାନ୍ସ ଓ ଏସ୍‌ଡିଓ ମାନସ କୁମାର ଗୁପ୍ତା, ମନୋଜ କୁମାର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେକ୍ଟର–୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବି. କର, ସୁଶ୍ରୀତା ଦାସଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନଲାଇନ ମୋଡ୍‌ରେ ପେଣ୍ଟିଂ, ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ଆରଏସ୍‌ପି ପରିଚାଳିତ ବିଦ୍ୟାଳୟ ଗୁଡ଼ିକର ୩ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୨୯ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜ୍ୟସ୍ତରୀୟ ନେହେରୁ କପ୍ ହକି ଉଦ୍‌ଯାପିତ

**ରାଉରକେଲା ଅଫିସ,୨୬।୧୦**

ରାଉରକେଲା ସ୍ଥିତ ହକି କ୍ରୀଡ଼ା ଛାତ୍ରାବାସ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ନେହେରୁ କପ୍ ହକି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅନ୍ତର୍ଜାତୀୟ ମହିଳା ହକି ତାରକା ଅଞ୍ଜନା ବାର୍ଲା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କାର ବିତରଣ କରିଥିଲେ। ବରିଷ୍ଠ ହକି ପ୍ରଶିକ୍ଷକ ସିଲଭୋଷ୍ଟାର ଟପ୍ପୋ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୩ଟି ଦଳ ଭାଗ ନେଇଥିଲେ। ଜୁନିୟର ମହିଳା ହକି ଦଳ ଭାବେ ସୁନ୍ଦରଗଡ଼ ଟାଉନ ହାଇସ୍କୁଲ ଚାମ୍ପିୟନ ହୋଇଥିବା ବେଳେ ରାଉରକେଲା ବିର୍ସାମୁଣ୍ଡା ବିଦ୍ୟାପୀଠ ରନର୍ସ ଅପ୍ ହୋଇଥିଲେ। ସେହିପରି ଜୁନିୟର ବାଳକ ଦଳ ଭାବେ ସୁନ୍ଦରଗଡ଼ ଟାଉନ ହାଇସ୍କୁଲ ଚାମ୍ପିୟନ ହୋଇଥିବା ବେଳେ ସମ୍ବଲପୁର ମଖାପଡ଼ା ରନର୍ସ ଅପ ହୋଇଥିଲେ। ସବ୍ ଜୁନିୟର ଦଳ ଭାବେ ପାନପୋଷ ମ୍ୟୁନିସିପାଲ ହାଇସ୍କୁଲ ଚାମ୍ପିୟନ ଓ ସୁନ୍ଦରଗଡ଼ ଟାଉନ ହାଇସ୍କୁଲ ରନର୍ସ ଅପ୍ ହୋଇଥିଲେ। ବିଭିନ୍ନ ବର୍ଗରେ ଚାମ୍ପିୟନ ହୋଇଥିବା ଦଳ ଦିଲ୍ଲୀରେ ହେବାକୁ ଥିବା ଜାତୀୟ ନେହେରୁ ହକି କପ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି।

### କହ୍ନେଇପାଲି କଲେଜରେ ସ୍ୱାଗତ ଉତ୍ସବ




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**କୁଚିଣ୍ଡା,୨୬।୧୦(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ କହ୍ନେଇପାଲି ଯୁକ୍ତ ଦୁଇ କଲେଜରେ ମଙ୍ଗଳବାର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଗୋଲାପ ଫୁଲ ଓ ଡଟ୍‌ପେନ୍ ଦେଇ ସ୍ୱାଗତ କରାଯାଇଥିଲା। କଲେଜ ଅଧକ୍ଷ ଡିଲେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କୁଚିଣ୍ଡା କଲେଜର ଦର୍ଶନ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ସୁଚିତ୍ରା ମିଶ୍ର ଶିକ୍ଷା ମଣିଷକୁ ଉଚିତ ମାର୍ଗଦର୍ଶନ କରିଥାଏ ବୋଲି କହିଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍ତମ ଚରିତ୍ର ଗଠନର କଲେଜ ହେଉଛି ପ୍ରକୃତ ପ୍ଲାଟଫର୍ମ ବୋଲି କହିଥିଲେ। ଅଧାପକ ପ୍ରଫୁଲ୍ଲ ପଣ୍ଡା ଅତିଥି ପରିଚୟ ଓ ଅଧାପକ ସୁବୋଧ ସାହୁ ଧନ୍ୟବାଦ ଦେଇଥିଲେ।

# ଏଥର ହେବନି ଆର୍‌ଏମ୍‌ସି ନିର୍ବାଚନ

**ରାଉରକେଲା ଅଫିସ୍, ୨୬।୧୦**

ରାଜ୍ୟରେ ପୌର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଅଦାଲତରେ ମାମଲା ବିଚାରାଧୀନ ଥିବାରୁ ଏବେ ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ନିର୍ବାଚନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ସେହିପରି ସମ୍ବଲପୁର ମହାନଗର ନିଗମ ସମେତ କେନ୍ଦ୍ରାପଡା ପୌରପାଳିକା, ନୂଆପଡା ଏନଏସି ଏବଂ ନବଗଠିତ ଓଡ଼ଗାଁ ଏନଏସିର ମାମଲା ଅଦାଲତରେ ବିଚାରାଧୀନ ଥିବାରୁ ସେସବୁ ପୌରସଂସ୍ଥାକୁ ନିର୍ବାଚନ ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି। ସୂଚନାଯୋଗ୍ୟ, ୨୦୧୮ରୁ ପର୍ଯ୍ୟାୟକ୍ରମେ ରାଜ୍ୟରେ ପୌରାଞ୍ଚଳରେ ନିର୍ବାଚିତ ପରିଷଦର କାର୍ଯ୍ୟକାଳ ଶେଷ ହୋଇଛି। ମାତ୍ର ନିର୍ବାଚନ ହେଉ ନ ଥିବାରୁ ସମସ୍ତ ପୌରପାଳିକାରେ ପ୍ରଶାସକଙ୍କୁ ନିଯୁକ୍ତି ଦିଆଯାଇଛି। ପୌରସଂସ୍ଥା ଏବଂ ମହାନଗର ନିଗମରେ ର୍ନିବାଚିତ ପ୍ରତିନିଧି ନ ଥିବାରୁ ଜନସାଧାରଣ ବିଭିନ୍ନ ସେବାରୁ ବଞ୍ଚିତ ହେଉଛନ୍ତି। ସହରାଞ୍ଚଳରେ ଲୋକମାନଙ୍କ ଗଣତାନ୍ତ୍ରିକ ଅଧିକାର କ୍ଷୁର୍ଣ୍ଣ ହେଉଥିବା ଅଭିଯୋଗ ହୋଇଛି। ଏବେ ରାଜ୍ୟର ୧୦୮ଟି ପୌରସଂସ୍ଥା ଏବଂ ୩ଟି ମହାନଗର ନିଗମରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ରାଉରକେଲା ଏବଂ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ଆଇନଗତ କାରଣରୁ ବାଦ୍ ପଡିଛି। ଏହି ଦୁଇଟି ମହାନଗର ନିଗମରେ ଶୀଘ୍ର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବାକୁ ସାଧାରଣରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ରାଉରକେଲା ମହାନଗର ନିଗମର କମିଶନର ଦିବ୍ୟଜ୍ୟୋତି ପରିଡାଙ୍କୁ ପଚାରିବାରୁ ଅଦାଲତରେ ମାମଲା ବିଚାରାଧୀନ ଥିବାରୁ ଏଥର ରାଉରକେଲା ମହାନଗର ନିଗମ ନିର୍ବାଚନ ପ୍ରକ୍ରିୟାରୁ ବାଦ୍ ପଡିଛି ବୋଲି କହିଥିଲେ।

### ମମିତା ହତ୍ୟା ଘଟଣାକୁ ନେଇ ବିକ୍ଷୋଭ

**ରାଉରକେଲା ଅଫିସ,୨୬।୧୦**

ମମିତା ମେହେର ହତ୍ୟା ଘଟଣାରେ ସମ୍ପୃକ୍ତ ଉକ୍ତ ସ୍କୁଲର ମାଲିକ ଗୋବିନ୍ଦ ସାହୁଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସମର୍ଥନ ଦେଇ ଆସୁଥିବା ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର ଓ ଗିରଫ ଦାବି ଜୋର୍ ଧରିଛି। ଏ ନେଇ ରାଉରକେଲା ଜିଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମଙ୍ଗଳବାର ଉପାଧ୍ୟକ୍ଷ ଦିବାକର ଦୀପଙ୍କ ନେତୃତ୍ୱରେ ସେକ୍ଟର–୧୯ ଆମ୍ବାଗାନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଜିଲା କଂଗ୍ରେସର ପୂର୍ବତନ ସଭାପତି ବୀରେନ ସେନାପତି, ପ୍ରଶାନ୍ତ ସେଠୀ, ସବୀର ହୁସେନ, କୀର୍ତ୍ତନ ଦାସ, କୈଳାସ ସାହୁ, ତୁଳସୀ ନାଗ, ଝୁନୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୭ ଅକ୍ଟୋବର, ୨୦୨୧



## ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ତଦାରଖ କଲେ ଜିଲା ଶିକ୍ଷା ଅଧିକାରୀ

କୁତ୍ରା, (ଡି.ଏନ.ଏ.)-ସୁନ୍ଦରଗଡ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟକୁ ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ ଷଡଙ୍ଗୀ ଆସି ରୂପାନ୍ତରୀକରଣ କାର୍ଯ୍ୟ ପରିଦର୍ଶନ କରିଥିଲେ। ଅନୁଷ୍ଠାନରେ ନିର୍ମିତ ହୋଇଥିବା ସ୍ମାର୍ଟ ପାଠାଗାର, ଇ-ଲାଇବ୍ରେରୀ ପ୍ରଭୃତି ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଇକୋ ପାର୍କ ଦେଖି ଖୁସି ହୋଇଥିଲେ। ଏହି ପରିଦର୍ଶନବେଳେ ଡିଏସଏସ ପ୍ରକାଶ ଚୌଧୁରୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ, ଲବଣୀଧର ଗର୍ଡିଆ, ବାବୁଲାଲ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ ।

# ଗହଣା ଦୋକାନୀଙ୍କ ସମେତ ୬ ଗିରଫ





ଖବରଦାତା ସମ୍ମିଳନୀରେ ପୋଲିସ ଓ ଗିରଫ ବ୍ୟକ୍ତି। ଜବତ ହୋଇଥିବା ସାମଗ୍ରୀ। (ଡାହାଣ)

ଦେବଗଡ଼,୨୬।୧୦(ଡି.ଏନ.ଏ)

### ଅବସରପ୍ରାପ୍ତ କର୍ମଚାରୀଙ୍କ ଘରୁ ଚୋରି ଘଟଣାର ପର୍ଦ୍ଦାଫାଶ

ଦେବଗଡ଼ ପୌରାଞ୍ଚଳ ରଙ୍ଗିଆଗୁଡା ସାହିର ଅବସରପ୍ରାପ୍ତ କର୍ମଚାରୀ କିଶୋର ଚନ୍ଦ୍ର ନନ୍ଦଙ୍କ ଘରୁ ହୋଇଥିବା ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ଦେବଗଡ଼ ଥାନା ପୋଲିସ। ଦେବଗଡ ଆଦର୍ଶ ଥାନା ପୋଲିସ ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରିବା ସହ ୨୧୫ ଗ୍ରାମ ୩୦୦ ମିଲି ଗ୍ରାମ ସୁନା ଓ ୮୦ ଗ୍ରାମ ରୂପା ସମେତ ଅନ୍ୟାନ ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଦେବଗଡ଼ ଆଦର୍ଶ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବଗଡ଼ ଏସ୍.ପି. ରାଜକିଶୋର ପାଇକରାୟ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନନ୍ଦ ଗତ ୧୦ ତାରିଖ ସପରିବାର ସମ୍ବଲପୁର ଜିଲାର ରେଢାଖୋଲରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ତେବେ ୧୨ ତାରିଖ ସେମାନେ ଘରକୁ ଫେରିବା ବେଳକୁ ତାଙ୍କ ଘରର ତାଲା ଏବଂ ଆଲମାରୀ ଭଙ୍ଗାଯାଇ ସୁନା ଓ ରୂପା ଅଳଙ୍କାର, ପିତଳ ମୂର୍ତ୍ତି ଓ ୩ଟି ମୋବାଇଲ ଫୋନ, ୫ଟି ଦାମୀ ଶାଢୀ, ନଗଦ ୬୬,୫୦୦ ଟଙ୍କା ସମେତ ମୋଟ ପ୍ରାୟ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଚୋରି ହୋଇଥିବା ଜଣାପଡିଥିଲା। ଫଳରେ ଗୃହକର୍ତ୍ତା ନନ୍ଦ ଏନେଇ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଚୋରି ମାମଲାରେ ରଙ୍ଗିଆଗୁଡା ସାହିର ସୁବାସ ବେହେରା, ଖପରସାହିର ଅରବିନ୍ଦ ଭୁକ୍ତା, ହାତୀଶାଳ ସାହିର ଓମ୍ ପାତ୍ର ଏବଂ ପିଙ୍କୁ ପାତ୍ରଙ୍କୁ ଗିରଫ କରିଥିଲା। ଏଥିସହ ଚୋରି ସୁନା ଅଳଙ୍କାର କ୍ରୟ କରିଥିବା ଅଭିଯୋଗରେ ଦେବଗଡ଼ ସହର ବଣିଆ ସାହିର ଏକ ଜଣାଶୁଣା ଗହଣା ଦୋକାନର ମାଲିକ ମନମୋହନ ସାହୁଙ୍କୁ ଗିରଫ କରିଥିଲା। ଅନୁରୂପ ଭାବେ ଚୋରି ମୋବାଇଲ କ୍ରୟ କରିଥିବା ଅଭିଯୋଗରେ ରାକେଶ ମେହେରଙ୍କୁ ମଧ୍ୟ ଗିରଫ କରାଯାଇଥିବା ଏସ୍‌ପି ପାଇକରାୟ ସୂଚନା ଦେଇଛନ୍ତି। ଘଟଣାର ଅଧିକ ତଦନ୍ତ ଜାରିରହିଛି ଓ ଅନ୍ୟାନ୍ୟ ଚୋରି ସାମଗ୍ରୀ ଜବତ ପାଇଁ ଉଦ୍ୟମ ଜାରି ରହିଥିବା ପ୍ରକାଶ କରିଛନ୍ତି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଅନ୍ୟାନ୍ୟ ଚୋରି ସାମଗ୍ରୀ ଠାବ କରିପାରିନାହିଁ।

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ: ଜେଲ ଗଲେ ବିବାହିତ ଯୁବକ

ଦେବଗଡ଼/ରିଆମାଳ,୨୬।୧୦ (ଡି.ଏନ୍.ଏ.)

ଜଣେ ବିବାହିତ ଯୁବକ ଅନ୍ୟ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ମଙ୍ଗଳବାର କୁଣ୍ଢେଇଗୋଳା ଥାନା ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଜେଲ ପଠାଯାଇଛି। ଯୁବକ ଜଣକ ହେଲେ କମାରପାଳ ଗାଁର କୁନା ଭୂତିଆ (୩୦)। ଦେଢ଼ବର୍ଷ ପୂର୍ବେ କୁନା ବିବାହ କରିଥିବାବେଳେ ତାଙ୍କର ଏକ ସନ୍ତାନ ରହିଛି। ଏହା ସତ୍ତ୍ୱେ ସେ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ଗତ ଜୁନ ୨୦ରେ ଯୁବତୀଙ୍କୁ ଘରୁ ନେଇ ପଳାଇଥିଲେ। କିଛିଦିନ ବାହାରେ ରହିବା ପରେ ଗାଁରେ ଆଣି ଛାଡି ଯାଇଥିଲେ। ଯୁବତୀ ଜଣକ ବିବାହ କରିବାକୁ ଜିଦ ଧରିବାରୁ କୁନା ଧମକଚମକ ଦେଇଥିଲେ। ଫଳରେ ପୀଡିତା ଜଣକ ପ୍ରତାରଣାର ଶିକାର ହୋଇଥିବା ଜାଣିବା ପରେ ରବିବାର କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ରେଜିଷ୍ଟ୍ରେଶନ କାର୍ଯ୍ୟ ୨୮ରୁ

ରାଜଗାଙ୍ଗପୁର, ୨୬।୧୦ (ଡି.ଏନ.ଏ.): ରାଜଗାଙ୍ଗପୁର ଓକିଲ ସଂଘର ଏକ ସାଧାରଣ ବୈଠକ ସଂଘର ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଥିଲା। କେତେକ ଦାବିକୁ ନେଇ ଓକିଲ ସଂଘ ଗତ ସେପ୍ଟେମ୍ବର ୪ରୁ ବିଭିନ୍ନ ରେଜିଷ୍ଟ୍ରେସନ କାର୍ଯ୍ୟ ବନ୍ଦ କରିଦେଇଥିଲେ ଓ ତାହା ଅଦ୍ୟାବଧି ବନ୍ଦ ପଡିରହିଥିଲା। ସାଧାରଣ ଜନତା ରେଜିଷ୍ଟ୍ରେସନ କାର୍ଯ୍ୟ ବନ୍ଦ ଯୋଗୁ ନାନାବିଧ ଅସୁବିଧା ଭୋଗ କରିବାରୁ ଓକିଲ ସଂଘ ସର୍ବସମ୍ମତ କ୍ରମେ ରେଜିଷ୍ଟ୍ରେସନ କାର୍ଯ୍ୟ ଆସନ୍ତା ୨୮ରୁ ପୁନର୍ବାର ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛି। ଯଦି ଭବିଷ୍ୟତରେ ଏପରି ସମସ୍ୟା ଉପୁଜେ ତେବେ ଓକିଲ ସଂଘ ଦୃଢ଼ ପଦକ୍ଷେପ ନେବେ ବୋଲି କହିଥିଲେ। ସଂଘର ସଭାପତି ମହମ୍ମଦ ମହସିନଙ୍କ ସଭାପତିତ୍ୱରେ ଏହି ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସମ୍ପାଦକ ବିକାଶ ସରପଟିଆ, ଉପସଭାପତି ଦିଲ୍ଲୀପ ସାହୁ, ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ନରେଶ ଧଳ, ମନୋଜ ସାହୁ, ଅଶୋକ ଅଗ୍ରୱାଲ, ଅଶୋକ ପାଣିଙ୍କ ସମେତ ଅନ୍ୟ ଆଇନଜୀବୀ ଉପସ୍ଥିତ ରହିଥିଲେ।

### ଭାଜପା ଜିଲା ପଦାଧିକାରୀଙ୍କୁ ଜୁଏଲ ଦେଲେ ମନ୍ତ୍ର

ସୁନ୍ଦରଗଡ, ୨୬।୧୦(ଡି.ଏନ.ଏ.):ଜିଲା ଭାଜପା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ଅଧକ୍ଷତାରେ ଜିଲା ପଦାଧିକାରୀ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଏମ୍‌ପି ତଥା ସଂସଦୀୟ ପ୍ରତିରକ୍ଷା କମିଟିର ଅଧକ୍ଷ ଜୁଏଲ ଓରାମ ଯୋଗଦେଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ରଣକୌଶଳ ଓ ଦଳୀୟ ସଙ୍ଗଠନ ଉପରେ ଗୁରୁତ୍ୱାରୋପ କରି ପ୍ରସ୍ତୁତ ରହିବାକୁ ମନ୍ତ୍ର ଦେଇଛନ୍ତି। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଯୋଗଦେଇ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ କିଭଳି ସଫଳତା ହାସଲ କରିବ ସେ ନେଇ ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଜାତୀୟ ପରିଷଦ ସଭ୍ୟ ପ୍ରେମସାଗର ଓରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଏମ୍‌ପିଙ୍କ ଜିଲା ପ୍ରତିନିଧି ବଟକିଶୋର ମିଶ୍ର, ପୂର୍ବତନ ଜାତୀୟ ପରିଷଦ ସଭ୍ୟ ମହେନ୍ଦ୍ର ମାଝି, ଜିଲା ସାଧାରଣ ସମ୍ପାଦକ ସୁଖିଲାଲ ମୁଣ୍ଡା, ଯଶବନ୍ତ ନାଏକ, ଅମୀର ନାଏକ, ଜିଲା ଉପସଭାପତି ସୁରେନ୍ଦ୍ର ଦେହୁରୀ, ବିଶିକେସନ ସା, ବସନ୍ତ ସାହୁ, ଫିଲିସିତା ଲାକ୍ରା, ଜିଲା ସମ୍ପାଦକ ଆଶିଷ ପଟେଲଙ୍କ ସହ ବହୁ ନେତୃମଣ୍ଡଳୀ ସାମିଲ ହୋଇଥିଲେ ।

## ରାସ୍ତା ମଝିରେ ଗାଡ଼ି ପାର୍କିଂକୁ ନେଇ ଗ୍ରାମବାସୀ ଅସନ୍ତୋଷ: ଥାନାରେ ଏତଲା

କୁତ୍ରା,୨୬।୧୦(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ବୁଡ଼ାକଟା ଗ୍ରାମରେ ଗାଡି ପାର୍କିଂକୁ ନେଇ ଗ୍ରାମବାସୀ ଉତକ୍ଷିପ୍ତ ହୋଇ ଥାନାରେ ଗାଡିମାଲିକଙ୍କ ବିରୋଧରେ ଏତଲା ଦେଇଛନ୍ତି। ଘଟଣାରୁ ପ୍ରକାଶ, ବୁଡ଼ାକଟା ଗ୍ରାମର ମୁଖ୍ୟ ରାସ୍ତାରେ ଦୁଇଜଣ ବ୍ୟବସାୟୀ ମଝି ରାସ୍ତାରେ ବେଆଇନ ଭାବରେ ତାଙ୍କ ଚାରିଚକିଆ ଗାଡିଗୁଡିକୁ ପାର୍କିଂକରନ୍ତି। ଫଳରେ ଗ୍ରାମର ଜନସାଧାରଣ ଯିବାଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। କେବଳ ବୁଡାକଟା ଗ୍ରାମ ନୁହେଁ ଆଖପାଖ ଗ୍ରାମ ଯଥା ଲତାଲଗା, ରଜାବସା,କର୍ମାବାହାଲ ପ୍ରମୁଖ ଗ୍ରାମର ଲୋକମାନେ ଏହି ରାସ୍ତାଦେଇ ରାଜ୍ୟ ରାଜପଥ,ବିରିଙ୍ଗାଟୋଲି ଗ୍ରାମ ପଞ୍ଚାୟତ, କୁତ୍ରା ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ପ୍ରମୁଖ ଜାଗାକୁ ଯାଇଥାନ୍ତି। ତେଣୁ ରାସ୍ତା ଜାମ ଥିବାରୁ ଲୋକଙ୍କୁ ବହୁ ହଇରାଣ ହେବାକୁ ପଡେ। ଏମିତିକି ଆମ୍ବୁଲାନ୍ସ ଆସିଲେ ମଧ୍ୟ ଘଣ୍ଟା ଘଣ୍ଟା ଧରି ଛିଡାହେବାକୁ ପଡେ। ଗ୍ରାମବାସୀ ବ୍ୟବସାୟିଙ୍କୁ ବହୁବାର ଏବାବଦରେ ଜଣେଇଥିଲେ ହେ କୌଣସି ସୁଫଳ ନ ମିଳିବାରୁ ଶେଷରେ ଗ୍ରାମର ଯୁବ ଗୋଷ୍ଠୀ ବିନୋଦ ପ୍ରଧାନ, ପିଣ୍ଟୁ ବାରିକ,କୋମଳ ପାଉଲେ, ରୋହିତ କୁମୁରା, ସାନୁଆ କଲସେର, ବାବଲୁ ବରିହା, ଲିଙ୍ଗରାଜ କୁମୁରା, ଶିବ ପ୍ରଧାନ, ଡିଲେ ନାଏକ, କରମସିଂ ସାଗର, ପିଲୁ ବୁଡା, ମନୋଜ ବୁଡା ପ୍ରମୁଖ କୁତ୍ରା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି କୁତ୍ରା ପୋଲିସ ଗ୍ରାମକୁ ଯାଇ ବ୍ୟବସାୟୀଙ୍କୁ ତାଗିତ କରିବା ସହିତ ଆଗକୁ ଯେମିତି ଏଭଳି ପରିସ୍ଥିତି ସୃଷ୍ଟି ନ ହୁଏ ସେନେଇ ତାଗିଦ କରିଛନ୍ତି।

## ନୂତନ ସେବା ସମବାୟ ସମିତି କାର୍ଯ୍ୟାଳୟ ଖୋଲାଯାଉ

ଦେବଗଡ଼, ୨୬।୧୦(ଡି.ଏନ.ଏ):ବାରକୋଟ ବ୍ଲକ ଦନ୍ତାରୀବାହାଲ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ନୂତନ ସେବା ସମବାୟ ସମିତି କାର୍ଯ୍ୟାଳୟ ଖୋଲିବା ପାଇଁ ସୋମବାର ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘର ସଭାପତି ସେମ ହେମ୍ବ୍ରମ ଓ ସମ୍ପାଦକ ଗୁଣନିଧି ବେହେରାଙ୍କ ନେତୃତ୍ୱରେ ଚାଷୀମାନେ ସ୍ଥାନୀୟ ଏଆରସିଏସ୍‌ଙ୍କୁ ସାକ୍ଷାତ କରିଥିଲେ। ଆଲୋଚନା କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

**URGENT REQUIRED**

District & Block Nodal Officer in each district of Odisha required for providing training & certification as per FSSAI, Govt. of India. Qualification: 10th, +2, Graduate with Computer Skill.

Contact: 8800319622, 9438383998

**WANTED**

Institute in Ganjam District needs -
- TEACHERS in Science, Math. for 7th to 10+2.
- MARKETING MANAGER

Contact: 7675964726 or atniranjan@gmail.com

**NEHRU YUVA KENDRA SANGATHAN, SAMBALPUR**

(Department of Youth Affairs, Ministry of Youth Affairs and Sports, Govt. of India)

**DECLAMATION CONTEST 2021-2022**

Nehru Yuva Kendra Sangathan is going to organize Declamation Contest on "Patriotism & Nation Building" with the theme - "Sabka Saath, Sabka Vikas, Sabka Vishwas, Sabka Prayas (Together we grow, Together we prosper, Together we try, Together we build strong and inclusive India)" at Block (Screening only), District, State & National level as part of Republic Day Celebration's - 2022. Eligible youth in the age group of 18-29 years may participate in the Block level screening and District Level Contests. Languages for the contest is Hindi or English. The 1st Prize winners from District level Contest would be invited to participate in next higher level of competition. The 1st, 2nd and 3rd Prize winners at District, State & National level Declamation Contest will be awarded cash prize & Certificates. For more details visit NYKS website - **www.nyks.nic.in** OR contact the office of District Youth Officer, Nehru Yuva Kendra, Sambalpur e-mail-**nyksambalpur@gmail.com** and Mob. 0663-2690258, 7978623491 (between 10.00 A.M. to 5.00 P.M. on working days) for submission of duly filled in application form and other details. Last date to receive application is **07.11.2021**.

**Sd./- by Marianus Bilung, Office of District Youth Officer, Nehru Yuva Kendra, Sambalpur, Anguliapara, Ainthapali, Sambalpur, Odisha - 768004**

**LIC** भारतीय जीवन बीमा निगम LIFE INSURANCE CORPORATION OF INDIA

**SAMBALPUR DIVISIONAL OFFICE "JEEVAN PRAKASH"**
**AINTHAPALI, SAMBALPUR-768004**

**WANTED OFFICE PREMISES ON LEASE**

LIC of India intends to hire office premises from the individual/ firms on lease basis admeasuring 1500 sq.ft Carpet area [ ± 5% variation in areas is acceptable] which are in ready- to- occupy condition preferably on Ground or Ground and First floor for Satellite Office at DEOGARH, Dist- Deogarh (Odisha)-768108. The preferred location of the premises shall be nearer to Railway Station/ Bus Stand. For complete details and bid documents please log on to **www.licindia.co.in** and go to **"Property"** and click on the link **"Advertisement for Requirment of office premises at DEOGARH (Odisha) on lease basis"**

LIC of India reserves the right to accept or reject any or all offers in full/ part without assigning any reasons whatsoever

Date. 27.10.2021 — **Sd/- Sr. Divisional Manager**

## ପିକ୍‌ଅପ୍ ଭ୍ୟାନ୍ ଲୁଟ୍ ଉଦ୍ୟମ ଘଟଣା, ୨ ଗିରଫ




ଗିରଫ ଦୁଇ ଯୁବକଙ୍କ ସହ ପୋଲିସ।

ସୁନ୍ଦରଗଡ଼, ୨୬।୧୦ (ଡି.ଏନ୍.ଏ.)

କରମଡିହି-ସବ୍‌ଡେଗା ରାସ୍ତାର ଡୁମେରବାହାଲ ନିକଟରେ ଚାଳକଙ୍କୁ ରିଭଲଭର ଦେଖାଇ ଗଛରେ ବାନ୍ଧି ପିକ୍‌ଅପ୍ ଭ୍ୟାନ ଲୁଟ୍ ଉଦ୍ୟମ ଘଟଣାରେ ସୁନ୍ଦରଗଡ ଟାଉନ୍ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପୋଲିସ ଏହି ଲୁଟେରାଙ୍କ ବିରୁଦ୍ଧରେ ଟାଉନଥାନାରେ ଏକ ମାମଲା (ନଂ.୨୯୦/ ୨୦୨୧) ରୁଜୁ କରିଛି। ଗିରଫ ଲୁଟେରା ୨ଜଣ ହେଲେ ଝାରସୁଗୁଡା ଏଲ୍‌ଆଇସି କଲୋନୀର ଅବିନାଶ ସାଗର (୨୩) ଓ ହେମସାଗର ଯାଦବ (୨୯)। ପୋଲିସ ସେମାନଙ୍କ ନିକଟରୁ ଏକ ବାଇକ୍, ୨ଟି ମୋବାଇଲ ଫୋନ୍, ଏକ ଖେଳନା ପିସ୍ତଲ ଓ ୫୦୦ଟଙ୍କା ଜବତ କରିଛି। ଏହା ସହ ଚୋରି ଉଦ୍ୟମ କରିଥିବା ଓଡି ୩୩ ଏବି ୫୦୮୮ ନଂ. ବିଶିଷ୍ଟ ପିକ୍‌ଅପ ଭ୍ୟାନକୁ ଉଦ୍ଧାର କରିଛି। ପୋଲିସ ସୂଚନା ଅନୁଯାୟୀ ଗତ ୨୧ ତାରିଖ ରାତିରେ କଟକରୁ ଏହି ପିକଅପ୍ ଭ୍ୟାନରେ ରଙ୍ଗ ବୋଝେଇ ହୋଇ ସବ୍‌ଡେଗାକୁ ଯାଉଥିଲା। ପିକ୍‌ଅପ୍ ଭ୍ୟାନର ଡ୍ରାଇଭର କାର୍ତ୍ତିକ ଚନ୍ଦ୍ର ସାହୁ ସୁନ୍ଦରଗଡ଼ ପାରିଜାତ ପାର୍କ ନିକଟରେ ଗାଡିରଖି ବିଶ୍ରାମ କରୁଥିଲେ। ଏହି ସମୟରେ ୨ଜଣ ଲୁଟେରା ଆସି ତାଙ୍କ ବାଇକ୍ ଖରାପ ହୋଇଥିବାରୁ ଡୁମେରବାହାଲ ଠାରେ ଛାଡି ଦେବାକୁ କହିଥିଲେ। ଏଥିପାଇଁ ଡ୍ରାଇଭରକୁ ଭଡା ବାବଦକୁ ୩ଶହ ଟଙ୍କା ଦେବାକୁ କହିଥିଲେ। ଗତ ୨୨ତାରିଖ ଭୋର ପ୍ରାୟ ୪ଟା ବେଳକୁ ପିକ୍‌ଅପ ଭ୍ୟାନ ସବ୍‌ଡେଗା ଅଭିମୁଖେ ବାହାରିବା ବେଳେ ଲୁଟେରାମାନେ ବାଇକ୍‌କୁ ପିକ୍‌ଅପ୍ ଭ୍ୟାନରେ ବୋଝେଇ କରି ସେଥିରେ ବସି ଯାଇଥିଲେ। ଡୁମେରବାହାଲ ନିକଟରେ ପୂର୍ବରୁ ଥିବା ଅନ୍ୟ ଜଣେ ଲୁଟେରା ଗାଡିକୁ ଅଟକାଇ ଥିଲେ। ଏହି ସମୟରେ ୩ଜଣ ଲୁଟେରା ମିଶି ଡ୍ରାଇଭର କାର୍ତ୍ତିକଙ୍କୁ ରିଭଲଭର ଦେଖାଇ ଭୟଭୀତ କରି ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ବାନ୍ଧି ଦେଇ ପିକ୍‌ଅପ ଭ୍ୟାନ ଧରି ଫେରାର୍ ହେବାକୁ ଉଦ୍ୟମ କରିଥିଲେ। ଭୋର ହେଉଥିବାରୁ ଡୁମେରବାହାଲ ଗ୍ରାମର କେତେଜଣ ବ୍ୟକ୍ତି ଦେଖି ପାଟିକରି ପହଞ୍ଚିବାରୁ ଲୁଟେରାମାନେ ଘଟଣାସ୍ଥଳ ଛାଡି ଦୌଡି ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଗଛରେ ବନ୍ଧା ହୋଇଥିବା ଡ୍ରାଇଭରଙ୍କୁ ଉଦ୍ଧାର କରି ପ୍ରଥମେ ସଦର ଥାନା ପୋଲିସକୁ ଏସମ୍ପର୍କରେ ଖବର ଦେଇଥିଲେ। ମାତ୍ର ଏହା ଟାଉନଥାନା ଅଞ୍ଚଳରେ ଘଟି ଥିବାରୁ ଡ୍ରାଇଭର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନା ଆଇଆଇସି ସୂର୍ଯ୍ୟକାନ୍ତି ଦାଶ ଓ ଏସଆଇ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଏହି ଘଟଣାର ତଦନ୍ତ କରି ଏହି ୨ଜଣ ଲୁଟେରାଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ଥିବା ପୋଲିସ ପ୍ରକାଶ କରିଛି।

## ଫୁଟ୍‌ବଲ ଟୁର୍ନାମେଣ୍ଟ, ଫଟାଟାଙ୍ଗର ଚାମ୍ପିୟନ

ବଡ଼ଗାଁ,୨୬।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଗରଗଡ଼ବାହାଲ ଗ୍ରାମରେ ସ୍ଥାନୀୟ ଫାଇଟର କ୍ଲବ ପକ୍ଷରୁ ଆୟୋଜିତ ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରଜାବସା ଓ ଫଟାଟାଙ୍ଗର ମଧ୍ୟରେ ହୋଇଥିଲା। ଫଟାଟାଙ୍ଗର ଟିମ୍ ୪-୨ ଗୋଲରେ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୋଲିସ ଇନ୍ସପେକ୍ଟର ଶିଶିର କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ପୂର୍ବତନ ସରପଞ୍ଚ ଭଗବାନ ଲାକ୍ରା, ସନାତନ, ପବିତ୍ର ହାହା, ଗୋବର୍ଦ୍ଧନ ହାହା, ମନୋଜ କୁମାର ବାଡ଼ା ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରାଜେଶ ଭୈସାଲ, ଭାନୁ ବାଙ୍କରା, ଥବିର, ସୋମୁ, ହାସଦା, ରମେଶ ମାଝୀ ଖେଳ ପରିଚାଳନା କରିଥିଲା ବେଳେ ଆୟୋଜକ କମିଟିର ପ୍ରଶାନ୍ତ ବାଗ୍, ଦେବଦତ୍ତ ପୁଷେଟ, ମୁକେଶ ଲାକ୍ରା, ସୁବାଷ ମାଝୀ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

**idco** Your power to grow — ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWER, BHUBANESWAR**

Tender Call Notice No. File No. IDCO/HO-P&C/O-3125/04/2021/V-1/17780 — Dated: 22.10.2021

**NOTICE INVITING TENDER THROUGH e-Procurement**

No. CAD-1555: **Name of the Work :** Supply, Installation, Testing & commissioning of 6 Nos. 16 Passenger & 2 Nos. Goods (1088 Kg.) Lifts with microprocessor controlled VVVF drive for a speed of 1.5 m/s including the cost of Comprehensive maintenance of lifts for 5 years after completion of guarantee period of one year at Office-cum-Commercial Complex, Badmal, Jharsuguda.

**Period of Completion: 3 (Three) Calendar Months**

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/EST/E-31/2021-22 | 17.00 hours of Dt.29.10.2021 | 17.00 hours of Dt.22.11.2021 |

Further details can be seen from the e-Procurement Portal: **www.tendersodisha.gov.in.** and Corrigendum if any will be published in Newspapers and can only be seen in the e-Procurement portal as well as in IDCO website.

**OIPR-14003/11/0084/2122** — **Sd./- Chief General Manager (P&C), IDCO, Bhubaneswar**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**CENTRAL RURAL WORKS CIRCLE, BHUBANESWAR**
**CORRIGENDUM**

No. 4849 — Date: 22.10.2021

**2nd Corrigendum to Bid Identification No. Tender - Online - C.C. 21 of 2021**
**Dated 21.09.2021 invited vide this office Lr. No. 4370 dated 21.09.2021**

No. O-859: The date of availability of tender, date of opening of Technical Bid & Financial Bid of PMGSY (Balance Works) invited vide this office N.I.T. No. Tender-Online-C.C.-21 of 2021 Dt.21.09.2021 issued vide this office Lr. No. 4370 Dt.21.09.2021 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & time of submission of original financial instrument along with affidavit regarding correctness of information | Date & time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.-21 of 2021 | 23.09.21 at 11.00 A.M. | 25.11.21 upto 5.00 P.M. | 23.11.21 upto 3.00 P.M. | 29.11.2021 to 01.12.2021 Upto 5.00 P.M. (During Office Hour) | 26.11.2021 at 11.00 A.M. | To be intimated lateron |

All other conditions remain unaltered.

OIPR-25082/11/0027/2122 — **Chief Construction Engineer, Central Rural Works Circle, Bhubaneswar**

**ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼**

ସଂଖ୍ୟା 2321/ ତାରିଖ 26.10.21

**ବିଜ୍ଞାପନ**

ଏତଦ୍ୱାରା ଟିଟିଲାଗଡ଼ ପୌର ପରିଷଦର ସମସ୍ତ ଜନସାଧାରଣ, ଦୋକାନୀ, ବ୍ୟବସାୟୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜଲାରାମ ଲଜ୍ ନିକଟସ୍ଥ ନୂତନ ନିର୍ମିତ ଦୋକାନ ଗୃହ (ଜଲାରାମ ମାର୍କେଟ କମ୍ପ୍ଲେକ୍ସ)ଗୁଡିକର ସିଲ୍‌ଡ ଟେଣ୍ଡର ନିମନ୍ତେ ନିମ୍ନମତେ ଓ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଦୋକାନ ଗୃହ ପାଇବା ପାଇଁ ଭାଗ ନେଇପାରିବେ। ଟେଣ୍ଡର କାଗଜାତ ପତ୍ରଗୁଡିକ କାର୍ଯ୍ୟାଳୟରୁ ଟ୧୦୦୦/- ମୂଲ୍ୟ ପଇଠ କରି କିମ୍ବା ଉକ୍ତ ସମାନ ରାଶିର ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ପଇଠ କରିପାରିବେ ଏବଂ ଫର୍ମ ପାଇପାରିବେ, ଯାହା ଅଣଫେରସ୍ତ ଅଟେ। ସଂରକ୍ଷିତ ନିଲାମ ଓ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟରେ ପୃଥକ୍ ଭାବେ କୌଣସି ଜାତୀୟକରଣ ବ୍ୟାଙ୍କ ମାଧ୍ୟମରେ ଯାହା Executive Officer, Titilagarh Municipalityଙ୍କ ନାମ ଅନୁସାରେ କାର୍ଯ୍ୟାଳୟରେ ପକାଇପାରିବେ। ସମସ୍ତ କାଗଜାତ ପତ୍ରଗୁଡିକ ସ୍ପିଡ୍ ପୋଷ୍ଟ / ରେଜିଷ୍ଟ୍ରେସନ ପୋଷ୍ଟ / କୋରିଅର ସର୍ଭିସ/ ବ୍ୟକ୍ତିଗତ ଭାବେ ଆବେଦନ ଫର୍ମରେ ସମସ୍ତ ତଥ୍ୟ ଉଲ୍ଲେଖ କରି ତା୧୦।୧୧।୨୦୨୧ ସମୟ ଅପରାହ୍ନ ୦୫ ଘଣ୍ଟା ମଧ୍ୟରେ ପକାଇପାରିବେ (ଛୁଟିଦିନ ବ୍ୟତୀତ)। ଏହି ନିଲାମ ପତ୍ରଗୁଡିକ ତା୧୧।୧୧।୨୦୨୧ ସମୟ ପୂର୍ବାହ୍ନ ୧୧ ଘଣ୍ଟାରେ କାର୍ଯ୍ୟାଳୟରେ ଖୋଲାଯିବ। ଉକ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଆବଶ୍ୟକସ୍ଥଳେ ରଦ୍ଦ କରିପାରିବେ।

| | |
|---|---|
| ଟେଣ୍ଡର କାଗଜାତ ପତ୍ରର ପ୍ରାପ୍ତ ସମୟ | ତା୨୭।୧୦।୨୦୨୧ରୁ ତା୧୦।୧୧।୨୦୨୧ ପର୍ଯ୍ୟନ୍ତ |
| ଟେଣ୍ଡର କାଗଜାତ ପତ୍ରର ଦାଖଲ ସମୟ | ତା୨୮।୧୦।୨୦୨୧ରୁ ତା୧୦।୧୧।୨୦୨୧ ପର୍ଯ୍ୟନ୍ତ, ସମୟ ଅପରାହ୍ନ ୦୫ ଘଣ୍ଟା ମଧ୍ୟରେ |
| ଟେଣ୍ଡର ଖୋଲିବାର ତାରିଖ ଓ ସମୟ | ତା୧୧।୧୧।୨୦୨୧ ସମୟ ପୂର୍ବାହ୍ନ ୧୧ ଘଣ୍ଟା |

**ଜଲାରାମ ମାର୍କେଟ କମ୍ପ୍ଲେକ୍ସ**

| କ୍ର. ନଂ. | ଦୋକାନ ଗୃହର ଆକାର | ଦୋକାନ ଗୃହର ନମ୍ବର | ଦୋକାନ ଗୃହର ସଂଖ୍ୟା | ଟେଣ୍ଡର ସଂରକ୍ଷିତ ରାଶି | ଅମାନତ ରାଶି | ମାସିକ ଭଡ଼ା |
|---|---|---|---|---|---|---|
| ୧ | ୧୦'.୦" x ୧୦'.୦" | ୧୯ରୁ ୨୩ | ୦୫ | ଟ୩,୫୦,୦୦୦ (ତିନି ଲକ୍ଷ ପଚାଶ ହଜାର ମାତ୍ର) | ଟ୩୫,୦୦୦ (ପଇଁତିରିଶ ହଜାର ମାତ୍ର) | ଟ୪,୫୦୦ (ଚାରି ହଜାର ପାଞ୍ଚଶହ ମାତ୍ର) |

ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ଟିଟିଲାଗଡ଼

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019

AIIMS/BBSR/ENGG/ELE-2021/BURN UNIT/120 — Dated: 25th Oct 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and Commissioning for Intercom System of New Constructed Burn Unit building at Hospital Complex, AIIMS, Bhubaneswar."** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.**

Sd/-
**Executive Engineer (Electrical)**
**AIIMS, Bhubaneswar**

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1540 — OSIC GST No. 21AAACO2101M1Z1

**QUOTATION CALL NOTICE**

Quotation Call Notice No.4494 — Dt.25.10.2021

Sealed quotations are invited from interested Firms / Persons having GST No. along with PAN for **sale of Non-moving / unserviceable materials** of about 57.51 MT strictly on **"as is where is basis"** lying at different Regional Branch Offices of the Corporation. The date of commencement of the tender is ***25.10.2021*** and the last date of submission of quotation through Registered Post/Speed Post is by ***08.11.2021*** by **2.00 P.M.**, the quotations will be opened on **the same day at 3:00 PM** in the presence of the representative of the Bidders. The detailed Quotation Call Notice can be downloaded from our website (**www.osicltd.in**). The undersigned reserves the right to either accept or reject any or all of the quotations without assigning any reason thereof.

Sd/-
OIPR-14073/11/0050/2122 — **MANAGING DIRECTOR**

**OFFICE OF THE NOTIFIED AREA COUNCIL, BINKA**
Dist.- Subarnapur (PIN - 767016)
Email ID: nacbinika@gmail.com, Phone/Fax: 06654-241113

**E-Tender Call Notice No. 2304/22.10.2021**
**Tender Reference No. BINKA-NAC-02/2021-22**

Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in.**

| | | | |
|---|---|---|---|
| 1 | Type of the work | : | Civil Work |
| 2 | No. of Works | : | 16 Nos. |
| 3 | Estimated Cost | : | As per DTCN |
| 4 | Period of Completion | : | As per DTCN |
| 5 | Date & time of Bidding from | : | Dtd.27.10.2021 after 10.00 A.M. |
| 6 | Last date & time for receipt online | : | Dtd.06.11.2021 upto 05.00 P.M. |
| 7 | Documents will be received by Post/O/o. Executive Officer on or before | : | Dtd.15.11.2021 upto 05.30 P.M. |
| 8 | Bids received shall be opened on | : | Dtd.16.11.2021 at 11.00 A.M. |
| 9 | Name and address of the Officer Inviting Bid | : | Executive Officer, Binka N.A.C. |

Further details can be seen from the procurement portal i.e. **www.tendersorissa.gov.in.**

**Sd./- Executive Officer**
**Notified Area Council, Binka**

# କପାରେ ପତ୍ରଡିଆଁ ପୋକ ଦମନ



ଚାଷ ହୋଇଥିବା କପାରେ ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ । କପା ଚାଷ ହୋଇଥିବା ଜମି/ସ୍ଥାନରେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ଚାରି ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ ।

# ମାଛ ଯାଆଁଳ ଛାଡ଼ିବା ପରେ...



ମାଛ ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନକୁ ପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ । ବର୍ଷା ଯୋଗୁଁ ପାଣି ଗୋଳିଆ ହୋଇଥିଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ । ଖାଦ୍ୟପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ଯଦି ଏବେ ପୋଖରୀରେ ଯାଆଁଳ ଛାଡୁଥାଆନ୍ତି ତେବେ ଜାତୀୟ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣିବା ଭଲ ।

# ଜୈବିକ ପଦ୍ଧତିରେ ମୂଳା ଚାଷ

''ମୂଳା ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଏକର ପ୍ରତି ୮-୧୦ଟନ୍ ଶଢ଼ା କମ୍ପୋଷ୍ଟ ପ୍ରୟୋଗ କରାଯାଏ । ୨କି.ଗ୍ରା ଆଜୋଟୋ ବ୍ୟାକ୍ଟରକୁ ୫୦ କିଗ୍ରା କମ୍ପୋଷ୍ଟ ସହିତ ମିଶାଇ ୪୮ ଘଣ୍ଟା ପରେ ଅର୍ଥାତ ବିହନ ବୁଣିବା ପୂର୍ବରୁ ସିଆରରେ ଦେଇ ମଞ୍ଜି ବୁଣାଯାଏ।''



ମାନସ ରଞ୍ଜନ ପଟ୍ଟନାୟକ

ଆଜିର ଦିନରେ ଚାଷୀମାନେ ଜୈବିକ ପଦ୍ଧତିରେ ଚାଷ କରିବାକୁ ଆଗେଇ ଆସିଲେଣି। ରାସାୟନିକ ସାର ବ୍ୟବହାର କରିବାକୁ ଆଉ ଆଗଭଳି ପସନ୍ଦ କରୁ ନାହାନ୍ତି। କାରଣ ଅଧିକ ରାସାୟନିକ ସାରର ବ୍ୟବହାର ଦ୍ୱାରା ଜମିର ଉର୍ବରତା କମିବା ସହିତ ବାୟୁମଣ୍ଡଳରେ ପ୍ରଦୂଷଣ ବଢ଼ି ଚାଲିଛି। ତେଣୁ ଜୈବିକ ସାର ଆଜିର ଚାଷୀ ଭାଇଙ୍କର ବନ୍ଧୁ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଶୀତ ଦିନିଆ ପନିପରିବା ମଧ୍ୟରେ ମୂଳା ଅନ୍ୟତମ। ଏହାର ଚାହିଦା ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ମଧ୍ୟ ଅଧିକ ରହିଛି। ଅପରପକ୍ଷରେ ମୂଳା ଫସଲକୁ ପ୍ରତ୍ୟେକ ଋତୁରେ ବି ଚାଷ କରାଯାଇପାରିବ। ଏହାକୁ ସାଲାଡ୍, ଭଜା, ତରକାରି, ଆଚାର ରୂପେ ବ୍ୟବହାର କରିପାରିବା।

**ମୃତ୍ତିକା :** ଉର୍ବର, ନିଗିଡ଼ା, ଦୋରସାରୁ ବାଲି ଦୋରସା ଏବଂ ପି.ଏଚ୍୫.୫-୬.୮ ଥିବା ମାଟି ବେଶ୍ ଉତ୍କୃଷ୍ଟ। ରାସାୟନିକ କ୍ଷେତଠାରୁ ୨୫ରୁ ୫୦ ଫୁଟ୍ ବ୍ୟବଧାନରେ ଜୈବିକ କ୍ଷେତ କରନ୍ତୁ। ଋତୁ ଅନୁସାରେ କିସମ ଚୟନ କରନ୍ତୁ।

ମୂଳାର ଉନ୍ନତ କିସମଗୁଡିକ ମଧ୍ୟରେ



ରହିଛି-ପୁଷାଚେତକୀ (ଗ୍ରୀଷ୍ମ ଋତୁରେ), ପୁଷାଦେଶୀ, ପୁଷାଚେତକୀ (ବର୍ଷା ଋତୁରେ) ଏବଂ ଶୀତ ଋତୁରେ କାପାନିଜ୍ ହ୍ୱାଇଟ୍, ପୁଷାରଶ୍ମି, ଆର୍କା ନିଷାନ୍ତ ବ୍ୟବହାର କରନ୍ତୁ।

**ବିହନ ପରିମାଣ :** ପ୍ରତି ଏକରରେ ୨-୩ କି.ଗ୍ରା ମଞ୍ଜି ବ୍ୟବହାର କରିପାରିବେ। ବୁଣିବା ପୂର୍ବରୁ ଟ୍ରାଇକୋଡର୍ମା ଭିରିଡ଼ (୫ଗ୍ରାମ +୨୦ମି.ଲି ପାଣି + ୧ କି.ଗ୍ରା ବିହନ)ରେ ବିହନ ବିଶୋଧନ କରନ୍ତୁ।

**ଖତସାର ପରିଚାଳନା :** ବୁଣିବାର ୧୫-୨୦ ଦିନରେ କୋଡ଼ା ଖୁସା କରି ଅନାବନା ଗଛ ମାଟିରେ ମିଶାଯାଏ। ଗଛକୁ ଗଛ ଦୂରତା ୬-୮ସେ.ମି. ଦରକାର। ତା'ପରେ ଗଛ ମୂଳକୁ ମାଟି ଟେକିବା ଆବଶ୍ୟକ। ୩୦-୪୦ ଦିନ ମଧ୍ୟରେ ଆଉ ଥରେ କୋଡ଼ା ଖୁସା କରି ଗଛ ମୂଳକୁ ମାଟି ଟେକି ଦିଅନ୍ତୁ। ଋତୁ ଓ ପାଗ ଅନୁସାରେ ୫-୧୦ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ।

**ଲଗାଇବା ପ୍ରଣାଳୀ :** ମୂଳା ଲଗାଇବାର ୩୦-୪୦ ସପ୍ତାହ ପୂର୍ବରୁ ଜମିକୁ ଚାଷ କରି ଏକର ପ୍ରତି ୧୨୦ କିଗ୍ରା କପା ଜଡ଼ା କିମ୍ବା ସୋରିଷ ପିଡ଼ିଆ, ୧୨୦ କିଗ୍ରା ରକ୍ ଫସଫେଟ୍ ଏବଂ ୪୦ କିଗ୍ରା କାଠ ପାଉଁଶ ମିଶାଯାଏ। ଅମ୍ଳୀୟ ମାଟିରେ ଏକର ପ୍ରତି ୨୦୦କିଗ୍ରା କାଗଜ କଳ ମଇଳା କିମ୍ବା ୮୦ କିଗ୍ରା ଜିପ୍‌ସମ ମିଶାଇଲେ ଭଲ। ଏଥିରେ ୨୦ କିଗ୍ରା ଛଣୀ ମଞ୍ଜି ବୁଣି ରୋପଣ ପୂର୍ବରୁ ଶଢ଼ା କମ୍ପୋଷ୍ଟ ସହିତ ମାଟିରେ ମିଶାନ୍ତୁ। ପଟାଳି କରିବା ପରେ ଧାଡ଼ିକୁ ଧାଡ଼ି ୩୦-୪୦ସେ.ମି. ବ୍ୟବଧାନରେ ଏବଂ ଗଛକୁ ଗଛ ୩-୪ସେ.ମି. ବ୍ୟବଧାନରେ ୧-୨ସେ.ମି. ଗଭୀରରେ କୃଷ୍ଣ ପକ୍ଷରେ ମଞ୍ଜି ପକାଇ ପାରବେ। ସମସ୍ତ ମଞ୍ଜିକୁ ଏକ ସମୟରେ ନ ଲଗାଇ ପର୍ଯ୍ୟାୟ କ୍ରମେ ୧୫-୨୦ଦିନ ବ୍ୟବଧାନରେ ଲଗାଇଲେ ବିକ୍ରିବଟା ସୁବିଧାରେ ହୋଇପାରିବ।

**ଧ୍ୟାନ ଦିଅନ୍ତୁ :** ଜମି ପ୍ରସ୍ତୁତ ସମୟରେ ଏକର ପ୍ରତି ୮-୧୦ଟନ୍ ଶଢ଼ା କମ୍ପୋଷ୍ଟ ପ୍ରୟୋଗ କରାଯାଏ। ୨କି.ଗ୍ରା ଆଜୋଟୋ ବ୍ୟାକ୍ଟରକୁ ୫୦ କିଗ୍ରା କମ୍ପୋଷ୍ଟ ସହିତ ମିଶାଇ ୪୮ ଘଣ୍ଟା ପରେ ବିହନ ବୁଣିବା ପୂର୍ବରୁ ସିଆରରେ ଦେଇ ମଞ୍ଜି ବୁଣାଯାଏ। ଏତତ୍ ବ୍ୟତୀତ ୧୫-୨୦ ଦିନରେ ଏକର ପ୍ରତି ୪୦ କି.ଗ୍ରା ଷ୍ଟେରାମିଲ୍ ଏବଂ ୧ ଟନ୍ ଜିଆ ଖତ ମିଶାଇବା ଆବଶ୍ୟକ।

**ରୋଗ ପୋକ ପରିଚାଳନା**

**ଚୁଟିଲା ରୋଗ**-ପ୍ରଥମ ଆକ୍ରାନ୍ତ ଗଛଗୁଡ଼ିକୁ ଯଥା ଶୀଘ୍ର ଉପାଡ଼ି ନଷ୍ଟ କରି ଦିଅନ୍ତୁ। ଜଉପୋକ ନିୟନ୍ତ୍ରଣ କରନ୍ତୁ ।

**ସୋରିଷ କରଡ଼ ମାରି :** ଫସଲରେ ନିମ୍ବ ମଞ୍ଜି ରସ ଉଦ୍ଧୃତାଂଶ (୫%) ସ୍ପ୍ରେ କରାଯାଏ ।

**ଜଉପୋକ :** ନିମତେଲ(୩%) ସ୍ପ୍ରେ କରନ୍ତୁ।

**ଅମଳ :** ବୁଣିବାର ୪୫-୬୦ ଦିନରେ ଅମଳ କରିପାରିବେ। ଉପରୋକ୍ତ ପଦ୍ଧତି ଅନୁସାରେ ଚାଷ କଲେ ଏକର ପ୍ରତି ୫୦-୮୦ କ୍ୱିଣ୍ଟାଲ୍ ମୂଳା ଅମଳ ହୋଇପାରିବ।

*-ପ୍ରିନ୍ସିପାଲ୍, ଆଗ୍ରୋ ପଲିଟେକ୍‌ନିକ୍ ସେଣ୍ଟର, ଓ.ୟୁ.ଏ.ଟି, ବୌଦ୍ଧ, ମୋ : ୯୪୩୯୬୩୮୦୦୪*

# ଜୋଆର ଚାଷ



ପରେଶ କୁମାର ପଣ୍ଡା



ଜୋଆରର ଇଂଲିଶ ନାମ 'ସୋର୍‌ଗମ। ଆମ ରାଜ୍ୟର ଜଳବାୟୁରେ ଏହି ଚାଷ ଭଲ ହୋଇଥାଏ। ବିଶେଷକରି ଆଭ୍ୟନ୍ତରୀଣ ପାହାଡ଼ିଆ ଅଞ୍ଚଳ ଓ ଜିଲାଗୁଡ଼ିକରେ ଏହାର ଚାଷ ଭଲ ଭାବରେ କରାଯାଇପାରିବ। ଧାନ ବଦଳରେ ଉଚ୍ଚ ଜମିରେ ଏହାର ଚାଷ ବର୍ଷତମାମ କରାଯାଇପାରେ। ଜୋଆର ଫସଲ ୩ ମାସରୁ ୪ ମାସ ମଧ୍ୟରେ ଅମଳ ହୋଇଥାଏ।

**ବିହନ :** ନିଗିଡା, ଦୋରସା ବା ମଟାଳ ମାଟିରେ ଏହାର ଚାଷ ଭଲ ହୋଇଥାଏ। ପାଣି ଜମି ନ ରହିବା ଦରକାର। ଜୋଆରର ନୂତନ ଅଧିକ ଅମଳକ୍ଷମ କିସମଗୁଡ଼ିକ (କମ୍ପୋଜିଟ୍) ମଧ୍ୟରେ ରହିଛି ସିଏମଭି-୧୫, ଉତ୍ତରା, ହରିଆନା ଜୋଆର-୫୧୩, ବସୁଧା (ସଙ୍କର) ମଧ୍ୟରେ ସି.ଏଚ.ଏସ.-୨୦ ଏମ.ଏଫ. ଅନ୍ୟତମ। ଏକର ପ୍ରତି ୪ କିଗ୍ରା ବିହନ ଦରକାର ପଡିଥାଏ।

**ଜମି ପ୍ରସ୍ତୁତି:** ଜମିକୁ ୩-୪ ଥର ଭଲ ଭାବରେ ଚାଷ କରି ଗୁଣ୍ଡ ଓ ସମତୁଲ କରାଯାଏ। ଭଲ ଲାଗୁଥିବା ମୃତ୍ତିକାରେ



କ୍ଲୋରପାଇରିଫସ୍ ୧.୫ ପ୍ରତିଶତ ଗୁଣ୍ଡର ୧୦ କିଗ୍ରା ଏକର ପ୍ରତି ଶେଷ ଓଡ ଚାଷ ବେଳେ ମାଟିରେ ମିଶାଇ ଦିଆଯାଏ। ଶୀତଋତୁରେ ଅକ୍ଟୋବର ମଧ୍ୟ ଭାଗରୁ ନଭେମ୍ବର ମଧ୍ୟରେ, ଖରାଦିନେ ଜାନୁୟାରୀରୁ ଫେବୃୟାରୀ ୧୫ ତାରିଖ ମଧ୍ୟରେ ଏବଂ ବର୍ଷା ଋତୁରେ ଜୁନ୍ ମାସ ମଧ୍ୟରେ ବୁଣିବା ଭଲ। ଧାଡିକୁ ଧାଡି ୪୫ ସେମି ଓ ଗଛକୁ ଗଛ ୧୫ ସେମି ଦୂରତା ରଖି ବୁଣିବା ଆବଶ୍ୟକ। ମଞ୍ଜି ବୁଣା ଯନ୍ତ୍ରରେ ଗଛ ଆବଶ୍ୟକୀୟ ଦୂରତାରେ ଓ ଠିକ୍ ଗଭୀରରେ ବୁଣା ଯାଇଥାଏ। ବୁଦା ପ୍ରତି ଗୋଟିଏ ଗଛ ରହିଲେ ଭଲ। ଏକର ପ୍ରତି ୨୦ କୁଇଣ୍ଟାଲ ଖତ ସହ୨୪:୧୨:୧୨ କିଗ୍ରା ଯବକ୍ଷାରଜାନ:ଫସଫରସ:ପଟାସ ଦିଆଯାଏ। ଅର୍ଥାତ୍, ଡି.ଏ.ପି. ୨୬ କିଗ୍ରା, ୟୁରିଆ ୪୨ କିଗ୍ରା ଓ ପଟାସ ସାର ୨୦ କିଗ୍ରା ଏକର ପ୍ରତି ଦରକାର ପଡିଥାଏ। ସାର ପ୍ରୟୋଗ ବ୍ୟତୀତ ବାଜରା ଫସଲ ପରି କରାଯାଏ।

**ଜଳ ପରିଚାଳନା:** ଗଛ ଉଠିବାର ୨-୩ ସପ୍ତାହ ଏବଂ ପଞ୍ଚମ ସପ୍ତାହ ବେଳକୁ ମୂଳରେ ହାଲୁକା ଭାବେ ଖୁସାଇ ଘାସ ବଛାଯାଏ। ନଚେତ୍ ତୃଣନାଶକ ପ୍ରୟୋଗ କରି ବାଜରା ଫସଲ ପରି ଘାସ ନିୟନ୍ତ୍ରଣ କରାଯାଏ।

ପିଲ ମାରିବା, କେଣ୍ଡା ବାହାରିବା ଓ ଦାନା ଧରିବା ଜଳସେଚନର ସଙ୍କଟକାଳ। ଶୀତ ଓ ଖରାଦିନେ ବାଜରା ଫସଲ ପରି ୫ଟି ଜଳସେଚନ ଦରକାର କରିଥାଏ। ବର୍ଷାଦିନିଆ ଫସଲରେ ଯଦି ବର୍ଷା ନ ହୁଏ ତେବେ ଜଳସେଚନ କରିବା ଆବଶ୍ୟକ। ବାଜରା ଫସଲ ପରି ଏହି ଫସଲରେ ଅନ୍ତଃ ବା ମିଶ୍ରିତ ଫସଲ ଚାଷ କରାଯାଏ।

**ରୋଗପୋକ ନିୟନ୍ତ୍ରଣ :** ବାଜରା ଫସଲ ପରି ଏହି ଫସଲର ରୋଗପୋକ ପରିଚାଳନା ବ୍ୟବସ୍ଥା ଗ୍ରହଣ କରି ଫସଲକୁ ସୁରକ୍ଷା ଦିଆଯାଏ। ଅମଳ ଅବସ୍ଥା ଓ ଅମଳ ପରିମାଣ ବାଜରା ଫସଲ ପରି ହୋଇଥାଏ।

**ବିହନ ପ୍ରମାଣନ:** ବିହନ ଉତ୍ପାଦନ ନିମନ୍ତେ ପିଣ୍ଡ ଓ ପ୍ରାମାଣିକ ଫସଲରେ ଯଥାକ୍ରମେ ୨୦୦ ମିଟର, ୧୦୦ ମିଟର ବିଲଗନ ଦୂରତା ରଖିବା ଜରୁରୀ। ସର୍ବନିମ୍ନ ୩ଟି କ୍ଷେତ୍ର ପରିଦର୍ଶନ (ବାଜରା ବିହନ ଫସଲ ପରି) କରାଯାଏ। ଅନ୍ୟ କ୍ଷେତ୍ର ଓ ବିହନ ପରିମାପକ ବାଜରା ବିହନ ଫସଲ ପରି ହେବା ଆବଶ୍ୟକ।



*-ବ୍ଲକ କୃଷି ଅଧିକାରୀ, ଯାଜପୁର*
*ମୋ : ୭୨୦୫୦୯୬୦୮୦*

# ଗୋରୁଙ୍କ ଯତ୍ନ

- ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।
- ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ ।
- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ସାହାଣ ଓ ବଜବଜିଆ ଭଳି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ଆଉ ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।



# ଢିପ ଜମିରେ ଧାନ ଚାଷ କରିଥିଲେ...



ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରି ବଛାବଛି ଓ ଖେଲୁଆ କାମ ସାରି ଦିଅନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବାପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ। କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ଢ଼ିପଜମି ଧାନରେ ପତ୍ରାଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ। ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍/୧ ଲିଟର ପାଣିରେ) ବା କାସୁଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ପାଇଁ ଧାନ ରୁଆ ହେବାର ୩-୪ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ଔଷଧଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣି ଦିଅନ୍ତୁ।

# କୋଳଥରେ ସାର ପ୍ରୟୋଗ

କୋଳଥ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡିକୁ ଧାଡି ୩୦ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୫କି.ଗ୍ରା. ଯବକ୍ଷାରଜାନ, ୧୦କିଗ୍ରା. ଫସଫରସ ପ୍ରୟୋଗ କରନ୍ତୁ। ବୁଣିବାର ଦିନକ ପରେ ଘାସମରା ଔଷଧ ପେଣ୍ଡିମେଥାଲିନ୍ ଏକର ପ୍ରତି ୦.୩୦ କିଗ୍ରା. ହିସାବରେ କ୍ରିୟାଶୀଳ ଉପାଦାନ ସିଞ୍ଚନ କରନ୍ତୁ। କୋଳଥର ଉର୍ମି ଡିଏସ୍-୧-୨,ଡି.ଏସ୍୧-୨-୨ ଆଦି କିସମ ସଂଗ୍ରହ କରି ଶୀଘ୍ର ବୁଣାବୁଣି ଶେଷ କରନ୍ତୁ। ଏକର ପ୍ରତି ୨୦କିଗ୍ରା ବିହନ ବ୍ୟବହାର କରନ୍ତୁ।

# ମୁଖ୍ୟ କୋଚ୍ ପାଇଁ ଦ୍ରାବିଡଙ୍କ ଆବେଦନ

**ନୂଆଦିଲ୍ଲୀ,୨୬।୧୦**

ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାବିଡ୍ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ପଦ ପାଇଁ ମଙ୍ଗଳବାର ଆବେଦନ କରିଛନ୍ତି। ଫଳରେ ସେ ଏହି ହାଇପ୍ରୋଫାଇଲ ପଦରେ ନିଯୁକ୍ତି ପାଇବା ଏକ ପ୍ରକାର ନିଶ୍ଚିତ ହୋଇଛି। ଦ୍ରାବିଡ୍ ଏବେ ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ) ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। ଦ୍ରାବିଡ୍ ଏକ ବଡ଼ନାମ ହୋଇଥିବାରୁ ମୁଖ୍ୟ କୋଚ୍ ପାଇଁ ସବୁଠାରୁ ଯୋଗ୍ୟ ବ୍ୟକ୍ତି ବିବେଚିତ ହେଉଛନ୍ତି। ସେ

### ଏନ୍‌ସିଏ ଦୌଡ଼ରେ ଲକ୍ଷ୍ମଣ

ଆବେଦନ କରିଥିବାରୁ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ପାଇଁ ମୁଖ୍ୟ କୋଚ୍ ଚୟନ ନେଇ ଆଉ ସେତେଟା ସମସ୍ୟା ରହିବ ନାହିଁ। କୋଚ୍ ପଦ ପାଇଁ ସେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହାଙ୍କର ପ୍ରଥମ ଓ ଏକମାତ୍ର ପସନ୍ଦ ବୋଲି ବିଶ୍ୱସ୍ତସୂତ୍ରରୁ ଜଣାଯାଇଛି।

ମଙ୍ଗଳବାର ଆବେଦନ କରିବାର ଶେଷ ତାରିଖ ହୋଇଥିବା ବେଳେ ଦ୍ରାବିଡ୍ ଔପଚାରିକ ଭାବେ ଆବେଦନ କରିଛନ୍ତି। ଏନ୍‌ସିଏରେ ଥିବା ତାଙ୍କ ସାଥୀ କର୍ମଚାରୀ ବୋଲିଂ କୋଚ୍ ପାରାସ ମହାମ୍ବ୍ରେ ଓ ଫିଲ୍ଡିଂ କୋଚ୍ ଅଭୟ ଶର୍ମା ମଧ୍ୟ ପୂର୍ବରୁ ଆବେଦନ କରିସାରିଛନ୍ତି ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। କିଛିଦିନ ତଳେ ଦ୍ରାବିଡ୍ ଆଇପିଏଲ୍ ଫାଇନାଲ ଖେଳାଯିବା ଅବସରରେ ଦୁବାଇରେ ବିସିସିଆଇ ପଦସ୍ଥ ଅଧିକାରୀମାନଙ୍କୁ ଭେଟିଥିଲେ। ଏହି ଅବସରରେ ସେ ଗାଙ୍ଗୁଲି ଓ ଶାହାଙ୍କୁ ଭେଟିଥିଲେ। ଉଲ୍ଲେଖଥାଉ କି, ଚଳିତ ଟି୨୦ ବିଶ୍ୱକପ୍ ଶେଷ ହେବା ପରେ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ କାର୍ଯ୍ୟକାଳ ଶେଷ ହେବ। ଦ୍ରାବିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତୀୟ କ୍ରିକେଟର ନୂଆ ଯୁଗ ଆରମ୍ଭ ହେବ। ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜରେ ସେ ନୂଆକରି ଦାୟିତ୍ୱ ନେବେ। ଏହି ସିରିଜରେ ରୋହିତ ଶର୍ମା ନୂଆ ଟି୨୦ ଅଧିନାୟକ ଭାବେ ଟିମ୍ ଇଣ୍ଡିଆର ଦାୟିତ୍ୱ ମଧ୍ୟ ନେବେ।

ସେହିପରି ପୂର୍ବତନ ବ୍ୟାଟର ଭିଭିଏସ୍ ଲକ୍ଷ୍ମଣ ଏନ୍‌ସିଏର ମୁଖ୍ୟ ଭାବେ ପୁଣିଥରେ ଦାୟିତ୍ୱ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ଦ୍ରାବିଡ୍ ଏନ୍‌ସିଏ ମୁଖ୍ୟ ଭାବେ ପଦ ଛାଡିବା ପରେ ଏହି ପଦ ଖାଲି ହେବ। ଯଦି ସେ ଏନ୍‌ସିଏ ମୁଖ୍ୟ ଭାବେ ନିଯୁକ୍ତ ପାଆନ୍ତି ତାହାହେଲେ ଲକ୍ଷ୍ମଣ ଆଇପିଏଲ୍ ଦଳ ସନରାଇଜର୍ସ ହାଇଦ୍ରାବାଦର ମେଣ୍ଟର ପଦ ଛାଡିବେ ବୋଲି ଶୁଣିବାକୁ ମିଳିଛି। କେବଳ ସେତିକି ନୁହେଁ ସେ କମେଣ୍ଟ୍ରି ଓ ଗଣମାଧ୍ୟମରେ ସ୍ତମ୍ଭ ଲେଖିବା କାର୍ଯ୍ୟ ମଧ୍ୟ ଛାଡିବେ। ଭାରତୀୟ କ୍ରିକେଟର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏନ୍‌ସିଏ ମୁଖ୍ୟ ଓ ଜାତୀୟ କୋଚ୍ ମିଳିତ ଭାବେ କାର୍ଯ୍ୟ କରିବେ। ଦ୍ରାବିଡ୍ ଓ ଲକ୍ଷ୍ମଣ ପୂର୍ବରୁ ସାଉଥଜୋନ ଓ ଭାରତ ପାଇଁ ପାଖାପାଖି ଦେଢ ଦଶନ୍ଧି ଧରି ସାଥୀ ହୋଇ ଖେଳି ଆସିଛନ୍ତି। ଲକ୍ଷ୍ମଣ ପରିବାର ସହ ହାଇଦ୍ରାବାଦ୍‌ରେ ରହୁଥିବାରୁ ତାଙ୍କ ପାଇଁ ଏନ୍‌ସିଏର ଦାୟିତ୍ୱ ନେବା ଅପେକ୍ଷାକୃତ ସହଜ ହେବ। ଲକ୍ଷ୍ମଣ ଅନିଚ୍ଛୁକ ଥିଲେ ମଧ୍ୟ ବିସିସିଆଇ ତାଙ୍କୁ ଏହି ପଦ ପାଇଁ ପୁଣିଥରେ ପ୍ରସ୍ତାବ ଦେଇଛି। ଯଦି ଲକ୍ଷ୍ମଣ ଏହି ପ୍ରସ୍ତାବ ଗ୍ରହଣ ନ କରନ୍ତି ତା'ହେଲେ ଅନିଲ କୁମ୍ବଲେଙ୍କୁ ବିସିସିଆଇ ତରଫରୁ ପ୍ରସ୍ତାବ ଦିଆଯାଇପାରେ। ଦ୍ରାବିଡ୍ ବେଙ୍ଗାଲୁରୁରେ ରହୁଥିବାରୁ ଏନ୍‌ସିଏ ପାଇଁ କାର୍ଯ୍ୟକରିବା ତାଙ୍କୁ ବେଶ୍ ସହଜ ହେଉଥିଲା। ଯଦି ଲକ୍ଷ୍ମଣ ଏନ୍‌ସିଏ ମୁଖ୍ୟ ଭାବେ ମନୋନୀତ ହୁଅନ୍ତି ତେବେ ତାଙ୍କୁ ବେଙ୍ଗାଲୁରୁରେ ଅତିକମ୍‌ରେ ୨୦୦ ଦିନ ରହିବାକୁ ହେବ ଓ ଏଥିପାଇଁ ହାଇଦ୍ରାବାଦ୍‌ରୁ ବେଙ୍ଗାଲୁରୁ ସିଫ୍ଟ କରିବାକୁ ହେବ।




ରାହୁଲ ଦ୍ରାବିଡ୍ ଓ ଭିଭିଏସ୍ ଲକ୍ଷ୍ମଣ।

# ଇକୋର୍ସା ୧୭୪ରେ ଅଲଆଉଟ୍

**ଭୁବନେଶ୍ୱର,୨୬।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

କଟକର ରେଭେନ୍ସା କ୍ରିକେଟ ଗ୍ରାଉଣ୍ଡରେ କଳାହାଣ୍ଡି କପ୍ ସୁପରଲିଗ୍ ଫାଇନାଲ ମ୍ୟାଚ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ୨ ଦିନିଆ ଫାଇନାଲ ମୁକାବିଲାରେ କଟକ ଏ' ଓ ଇକୋର୍ସା ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି କଟକ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଇକୋର୍ସା ପ୍ରଥମ ଦିବସରେ ୫୮.୧ ଓଭରରେ ୧୭୪ ରନକରି ଅଲଆଉଟ ହୋଇଛି। ଦଳ ତରଫରୁ ଅଙ୍କିତ ଯାଦବ ୧୪୯ ବଲରୁ ୯୪ ରନର ଲଢୁଆ ଇନିଂସ ଖେଳି ଆଉଟ ହୋଇଛନ୍ତି। ସେ ମାତ୍ର ୬ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଛନ୍ତି। ସେହିପରି ସୁଜିତ ଲେଙ୍କା ୫୮ଟି ବଲ୍ ଖେଳି ୨୧ ରନ ସଂଗ୍ରହ କରିଛନ୍ତି। ବୋଲିଂରେ କଟକ ତରଫରୁ ଶୁଭମ ନାୟକ ୪୮ ରନ ଦେଇ ୩, ଜାମଲା ମହାପାତ୍ର ୪୯ ରନ ଦେଇ ୩

### କଳାହାଣ୍ଡି କପ୍ ଫାଇନାଲ

ଓ ସିଦ୍ଧାର୍ଥ ସିହ୍ନା ୨ଟି ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମ ଦିବସରେ କଟକ ଖେଳାଳିଙ୍କ ପ୍ରଭାବ ଦେଖିବାକୁ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଇକୋର୍ସ ୫୮.୧ ଓଭରରେ ୧୭୪ ଅଲଆଉଟ (ଅଙ୍କିତ ଯାଦବ– ୯୪, ସୁଜିତ ଲେଙ୍କା– ୨୧, ଶୁଭମ ନାୟକ– ୩/୪୮, ଜାମଲା ମହାପାତ୍ର– ୩/୪୯, ସିଦ୍ଧାର୍ଥ ସିହ୍ନା– ୨/୨୦)।



ଶତକରୁ ଅଳ୍ପକେ ବଞ୍ଚିତ ଅଙ୍କିତ ଯାଦବ।

# ଫିଲ୍ଡିଂ କୋଚ୍ ପଦ ଦୌଡ଼ରେ ରାତ୍ରା

**ମୁମ୍ବାଇ,୨୬।୧୦**

ଭାରତୀୟ କ୍ରିକେଟ ଦଳର ଫିଲ୍ଡିଂ କୋଚ୍ ପଦ ପାଇଁ ପୂର୍ବତନ କ୍ରିକେଟର ତଥା ଉଇକେଟକିପର ଅଜୟ ରାତ୍ରା ଦୌଡ଼ରେ ସାମିଲ ହୋଇଛନ୍ତି। ଏହି ପଦ ପାଇଁ ସେ ବିସିସିଆଇ ନିକଟରେ ଆବେଦନ କରିଛନ୍ତି। ଫରିଦାବାଦ୍‌ରେ ଜନ୍ମିତ ୩୯ ବର୍ଷୀୟ ରାତ୍ରା ଭାରତ ପାଇଁ ୧୨ଟି ଦିନିକିଆରେ ପ୍ରତିନିଧିତ୍ୱ କରିଥିବା ବେଳେ ୯୯ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି।

ଯଦି ସୁଯୋଗ ମିଳେ ତାହାଲେ ଟିମ୍ ଇଣ୍ଡିଆ ପାଇଁ କିଛି କରିବାକୁ ଚାହିଁବି ବୋଲି ହରିୟାଣା ତରଫରୁ ଘରୋଇ କ୍ରିକେଟ ଖେଳିଥିବା ରାତ୍ରା କହିଛନ୍ତି। କୋଚିଂରେ ରାତ୍ରାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି। ନଭେମ୍ବର ୪ ତାରିଖରୁ ଆରମ୍ଭ ହେବାକୁ ଥିବା ସୟଦ ମୁସ୍ତାକ ଅଲି ଟ୍ରଫିରେ ସେ ଆସାମର ମୁଖ୍ୟ କୋଚ୍ ଦାୟିତ୍ୱ ସମ୍ଭାଳିବେ। ଆଇପିଏଲ୍ ପାଇଁ ସେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ କାର୍ଯ୍ୟ କରିଛନ୍ତି ଓ ଅତୀତରେ ଭାରତୀୟ ମହିଳା ଦଳ ପାଇଁ ମଧ୍ୟ କାର୍ଯ୍ୟ କରିଛନ୍ତି। ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ମଧ୍ୟ ସେ ଭାରତୀୟ ଉଇକେଟକିପରମାନଙ୍କ ସହ ନିୟମିତ ଭାବେ ଦାୟିତ୍ୱ ବହନ କରିଆସିଛନ୍ତି। ସେ ଋଦ୍ଧିମାନ ଶାହା ଓ ରିଷଭ ପନ୍ତଙ୍କ ସହ କାର୍ଯ୍ୟ କରିଛନ୍ତି। ଉଲ୍ଲେଖଥାଉ କି, ବିସିସିଆଇ କୋଚିଂ ନେଇ ବିଭିନ୍ନ ପଦ ପାଇଁ ଦରଖାସ୍ତ ଆହ୍ୱାନ କରିଛି।



ଅଜୟ ରାତ୍ରା

# ଋତୁରାଜ ମହାରାଷ୍ଟ୍ରର ନେତୃତ୍ୱ ନେବେ

**ପୁଣେ,୨୬।୧୦**

ନଭେମ୍ବର ୪ରୁ ଆରମ୍ଭ ହେବାକୁ ଯାଉଥିବା ସୟଦ ମୁସ୍ତାକ ଅଲି ଟ୍ରଫିରେ ଭାରତର ନୂଆ ବ୍ୟାଟିଂ ସେନସେସନ ଋତୁରାଜ ଗାଏକ୍ୱାଡ ମହାରାଷ୍ଟ୍ରର ନେତୃତ୍ୱ ନେବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଟି୨୦ ଫର୍ମାଟ୍‌ରେ ଏହି ଟୁର୍ନାମେଣ୍ଟ ଆୟୋଜନ ହୋଇଥାଏ। ମହାରାଷ୍ଟ୍ର

### ସୟଦ ମୁସ୍ତାକ ଅଲି ଟ୍ରଫି

ଏଲିଟ୍ ଗ୍ରୁପ୍ ଏ'ରେ ସ୍ଥାନ ପାଇଛି। ଦଳ ଲକ୍ଷ୍ନୌରେ ତା'ର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବ। ତାମିଲନାଡୁ ବିପକ୍ଷର ମହାରାଷ୍ଟ୍ର ପ୍ରଥମ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ।

ସଦ୍ୟ ସମାପ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଋତୁରାଜ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ପ୍ରତିନିଧିତ୍ୱ କରି ସର୍ବାଧିକ ରନ ସଂଗ୍ରହ କରି ଅରେଞ୍ଜ କ୍ୟାପ ହାସଲ କରିଥିଲେ। ନୌସାଦ ଶେଖଙ୍କୁ ଉପ– ଅଧିନାୟକ ଦାୟିତ୍ୱ ମିଳିଛି। କୋଲକାତା ନାଇଟ ରାଇଡର୍ସର ରାହୁଲ ତ୍ରିପାଠୀ ଗ୍ରୋନ୍ ଇଞ୍ଜୁରିରୁ ମୁକୁଳିପାରି ନ ଥିବାରୁ ନୌସାଦଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ସିନିୟର ବ୍ୟାଟର କେଦାର ଯାଦବ ଓ ଅନ୍ୟତମ ଆକ୍ରମଣାତ୍ମ ଓପନର ଯଶ ନହର ମଧ୍ୟ ଏହି ଦଳରେ ଦଳରେ ସ୍ଥାନ ପାଇଛନ୍ତି। ରାହୁଲ ତ୍ରିପାଠୀ, ସିଦ୍ଧେଶ ବୀର ଓ ରାଜବର୍ଦ୍ଧନ ହଙ୍ଗରେକରଙ୍କ ବଦଳରେ ସ୍ୱପ୍ନୀଳ ଗୁଗାଲ, ପବନ ଶାହ ଓ ଜଗଦୀଶ ଜୋପ ଦଳରେ ସ୍ଥାନ ପାଇଛନ୍ତି। ବୋଲିଂ ବିଭାଗରେ ଡାହାଣ ହାତୀ ମିଡିୟମ ପେସର ପ୍ରଦୀପ ଦଧେ, ବାମହାତୀ ସ୍ପିଡଷ୍ଟାର ମୁକେଶ ଚୌଧୁରୀ ଓ ସତ୍ୟଜିତ ବଚ୍ଛାଭଙ୍କୁ ଦଳରେ ସ୍ଥାନ ମିଳିଛି।



ଋତୁରାଜ ଗାଏକ୍ୱାଡ

# ଅଧିନାୟକତ୍ୱ କରିବେ ହରମନପ୍ରୀତ

**ନୂଆଦିଲ୍ଲୀ, ୨୬।୧୦ (ପି.ଟି.):** ଆସନ୍ତାବର୍ଷ ଫେୟାରବ୍ରେକ୍ସ ଉଦ୍‌ଘାଟନୀ ଆମନ୍ତ୍ରଣୀୟ ଟି୨୦ ଟୁର୍ନାମେଣ୍ଟ ହେବ। ଆୟୋଜକଙ୍କ ତରଫରୁ ମଙ୍ଗଳବାର ଘୋଷଣା କରାଯାଇଛି। ଭାରତୀୟ ମହିଳା ସୀମିତ ଓଭର ଦଳର ଅଧିନାୟିକା ହରମନପ୍ରୀତ ପ୍ରତିଯୋଗିତାରେ ଭାଗ ନେବାକୁଥିବା ଏକ ଦଳର ନେତୃତ୍ୱ ନେବେ। ଟୁର୍ନାମେଣ୍ଟ ଅନ୍ତର୍ଜାତୀୟ କ୍ରିକେଟ କମିଟି ଦ୍ୱାରା ମଞ୍ଜୁରୀ ପାଇଛି। ଏହା କ୍ରିକେଟ ହଂକଂର ସହଯୋଗରେ ହଂକଂରେ ମେ' ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବ। ଟୁର୍ନାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିବେ। ଏଥିରେ ବିଶ୍ୱର ବିଭିନ୍ନ ଦେଶର ଖେଳାଳି ଭାଗ ନେବେ।

# ହାରିଲା ଓଡ଼ିଶା

**ଭୁବନେଶ୍ୱର,୨୬।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ରାୟପୁର ଷ୍ଟାଡିୟମରେ ଚାଲିଥିବା ସିନିୟର ପୁରୁଷ ୱାର୍ମଅପ୍ ଟି୨୦ ସିରିଜରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ଘରୋଇ ଛତିଶଗଡ଼ଠାରୁ ୩୪ ରନରେ ପରାସ୍ତ ହୋଇଛି। ଟସ୍ ଜିତି ଛତିଶଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଶଶାଙ୍କ ଚନ୍ଦ୍ରକର ୩୦ ବଲରୁ ୪୭, ଅମନଦୀପ ଖାରେ ୨୮ ବଲରୁ ଅପରାଜିତ ୪୫ ରନ ସଂଗ୍ରହ କରିଥିବା ବେଳେ ବୋଲିଂରେ ଓଡ଼ିଶା ପାଇଁ ବିକାଶ ରାଉତ ଓ ଜୟନ୍ତ ବେହେରା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ଓଡ଼ିଶା ୨୦ ଓଭରରେ ୭ ଉଇକେଟ ହରାଇ ୧୩୭ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଦଳ ତରଫରୁ ଗୋବିନ୍ଦ ପୋଦ୍ଦାର ୩୫ ବଲରୁ ୪୩ ଓ ରାଜେଶ ଧୂପର ୨୩ ବଲରୁ ୨୫ ରନ ସଂଗ୍ରହ କରିଥିଲେ।

# ଏଏଫ୍‌ସି ମହିଳା ଏସିଆନ୍ କପ୍ ଡ୍ର କୁଆଲାଲମ୍ପୁରରେ

**ନୂଆଦିଲ୍ଲୀ, ୨୬।୧୦ (ପି.ଟି.):** ଆସନ୍ତା ବର୍ଷର ଏଏଫ୍‌ସି ମହିଳା ଏସିଆନ କପ୍ ଫୁଟ୍‌ବଲ ଭାରତରେ ଜାନୁୟାରୀ ୨୦ରୁ ଫେବୃୟାରୀ ୬ ପର୍ଯ୍ୟନ୍ତ ହେବ, କିନ୍ତୁ ପ୍ରତିଯୋଗିତାର ଡ୍ର' ଗୁରୁବାର କୁଆଲାଲମ୍ପୁରରେ ହେବ। ଏସିଆର ଏହି ପ୍ରମୁଖ ଜାତୀୟ ଟିମ୍ ପ୍ରତିଯୋଗିତା ଲାଗି ଚାଇନିଜ ତାଇପେ, ଇଣ୍ଡୋନେସିଆ, ଇସ୍‌ଲାମିକ୍ ରିପବ୍ଲିକ ଅଫ୍ ଇରାନ, କୋରିଆ ରିପବ୍ଲିକ, ମ୍ୟାନମାର, ଫିଲିପାଇନ୍ସ, ଥାଇଲାଣ୍ଡ ଓ ଭିଏତନାମ ଆଦି ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ଜାପାନ, ଅଷ୍ଟ୍ରେଲିଆ, ଚାଇନା ଓ ଆୟୋଜକ ଭାରତ ସହ ଯୋଗ ଦେଇଛନ୍ତି। ଟୁର୍ନାମେଣ୍ଟର ଶ୍ରେଷ୍ଠ ୫ ଦଳ ୨୦୨୩ ଫିଫା ମହିଳା ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଏହାର ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ଆୟୋଜନ କରୁଛନ୍ତି। ଇଣ୍ଟର କନଫେଡେରେଶନ ପ୍ଲେ–ଅଫ୍ ମ୍ୟାଚ ଖେଳିବା ଲାଗି ଏସିଆରୁ ଶ୍ରେଷ୍ଠ ଦୁଇ ପ୍ଲେଅଫ୍ ଦଳ ଭାଗ ନେବେ।

# ଆଇବା ଆଥଲେଟ୍ସ କମିଟି ସଦସ୍ୟ ଦୌଡ଼ରେ ଲଭଲିନା, ଶିବ

**ନୂଆଦିଲ୍ଲୀ, ୨୬।୧୦ (ପି.ଟି.)**

ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଆଇବା) ଆଥଲେଟ୍ସ କମିଟିରେ ଏସିଆରୁ ପ୍ରତିନିଧିତ୍ୱ ପାଇଁ ଦୌଡ଼ରେ ଭାରତର ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ଲଭଲିନା ବର୍ଗୋହେନ୍ ଓ ୫ଥର ଏସିଆନ ପଦକ ବିଜେତା ଶିବ ଥାପା ଅନ୍ୟତମ ରହିଛନ୍ତି। ପୁରୁଷ ଓ ମହିଳା ବିଶ୍ୱ ଚାମ୍ପିୟନଶିପ୍ ବେଳେ ଭୋଟିଂ ଜରିଆରେ ଏହି କମିଟି ଗଠନ କରାଯିବ। ବର୍ତ୍ତମାନ ବେଲ୍‌ଗ୍ରେଡ୍‌ଠାରେ ପୁରୁଷ ବିଶ୍ୱ ଚାମ୍ପିୟନଶିପ୍ ଚାଲିଛି। ସେଠାରେ ଥାପା ୬୩.୫କେଜି କାଟେଗୋରିରେ ମୁକାବିଲା କରୁଛନ୍ତି। ଆସାମର ଏହି ବକ୍ସର ଇଭେଣ୍ଟରେ ଜଣେ ପୂର୍ବତନ ବ୍ରୋଞ୍ଜ ପଦକ ବିଜେତା। ମହିଳା ଇଭେଣ୍ଟ ଡିସେମ୍ବରରେ ତୁର୍କୀରେ ଆୟୋଜିତ ହେବ। ଟୋକିଓ ଅଲିମ୍ପିକ୍ସ ପ୍ରଦର୍ଶନକୁ ଭିତ୍ତି କରି ବର୍ଗୋହେନ ଭାରତରୁ ପ୍ରତିନିଧିତ୍ୱ କରିପାରିବେ। ଆଇବା ୫ଟି କନ୍‌ଫେଡେରେଶନରୁ ୩୪ଟି ପ୍ରାର୍ଥିପତ୍ର ପାଇଛି। ତନ୍ମଧ୍ୟରୁ ଏଥିକ୍ସ କମିଟି ପାଇଁ ୨୭ଜଣଙ୍କର ଯୋଗ୍ୟତା ରହିଛି। ଦୁଇ ଭାରତୀୟଙ୍କ ପକ୍ଷରୁ ଯଦି ଜଣେ କେହି ନିର୍ବାଚିତ ହୁଅନ୍ତି ତେବେ କ୍ରମାଗତ ଦ୍ୱିତୀୟ ଥର ଏହି ପ୍ୟାନେଲରେ ଦେଶରୁ ଜଣେ ପ୍ରତିନିଧିତ୍ୱ କରିବା ସୁଯୋଗ ପାଇବେ। ପୂର୍ବରୁ ପୂର୍ବତନ ବିଶ୍ୱ ଚାମ୍ପିୟନ ଏଲ. ସରିତା ଦେବ ୨୦୧୯ରେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ସେତେବେଳେ ମହମ୍ମଦ ମୁସ୍ତାଶାନେ କାମଚଳା ସଭାପତି ଦାୟିତ୍ୱରେ ରହିଥିଲେ। ଏସିଆନ ବ୍ଲକରୁ ୩ ମହିଳା ଓ ୪ ପୁରୁଷ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ବର୍ଗୋହେନ୍ ଜଣେ ପୂର୍ବତନ ବିଶ୍ୱଚାମ୍ପିୟନ ଓ ଦୁଇଥର ଏସିଆନ୍ ପଦକ ବିଜେତା ଉତ୍ତରକୋରିଆର ପ୍ୟାଙ୍ଗ ଚୋଲ ମି' ଏବଂ ଦୁଇଥର ବିଶ୍ୱ ଚାମ୍ପିୟନ ଓ ବର୍ତ୍ତମାନର ଏସିଆନ ସ୍ୱର୍ଣ୍ଣ ବିଜୟିନୀ କାଜାଖସ୍ତାନର ନେଜିମ୍ କିଜାଇବେଙ୍କଠାରୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ସେହିପରି ଥାପାଙ୍କୁ ବର୍ତ୍ତମାନ ଅଲିମ୍ପିକ ଚାମ୍ପିୟନ ଉଜ୍‌ବେକିସ୍ତାନର ବାଖୋଦିର ଜାଲୋଲଭ୍, ପାକିସ୍ତାନର ଆୱାଇସ୍ ଅଲି ଖାଁ ଏବଂ ଦୁଇଥର ବିଶ୍ୱ ଏବଂ ଏସିଆନ ଚାମ୍ପିୟନଶିପ୍ ପଦକ ବିଜେତା କାଜାଖସ୍ତାନର ଆବ୍ଲେଖହାନ୍ ଜୁସୁପୋଭ୍‌ଙ୍କଠାରୁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ। ଆଥଲେଟ୍ସ କମିଟି ୧୦ଜଣ ସଦସ୍ୟଙ୍କୁ ନେଇ ଗଠିତ ହେବ। ନବ ନିର୍ବାଚିତ ଚେୟାରମ୍ୟାନ ଓ ଭାଇସ୍‌ଚେୟାରମ୍ୟାନ ଆଇବା ବୋର୍ଡ ଅଫ୍ ଡିରେକ୍ଟର୍ସର ଭୋଟିଂ ସଦସ୍ୟ ହେବେ ବୋଲି ଆଇବା କହିଛି।




ଲଭଲିନା ବର୍ଗୋହେନ୍ ଓ ଶିବ ଥାପା।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ଶତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୭ ଅକ୍ଟୋବର, ୨୦୨୧



## ପିକ୍‌ଅପ ଭ୍ୟାନ ଧକ୍କାରେ ବାପପୁଅ ଗୁରୁତର

ବେଲପଡା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଥାନା କାନୁଟ ନର୍ସରି ନିକଟରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ପିକ୍‌ଅପ ଭ୍ୟାନ୍ ଧକ୍କାରେ ବାଇକରେ ଯାଉଥିବା ବାପପୁଅ ଗୁରତର ହୋଇଛନ୍ତି। ସ୍ଥାନୀୟ ଲୋକେ ବାପପୁଅଙ୍କୁ ଉଦ୍ଧାର କରି ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଛି। ଆହତ ମାନେ ହେଲେ ବେଲପଡା ବ୍ଲକ ଭରୁଆପାଲି ଗାଁର ହରେକୃଷ୍ଣ ପୁଟେଲ ଓ ତାଙ୍କ ପୁଅ ଲୋକେଶ (୬)। ଦୁହେଁ ବେଲପଡାରୁ ନିଜ ଘର ଅଭିମୁଖେ ଯାଉଥିବା ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ପିକଅପ ଭ୍ୟାନକୁ ନେଇ ଡ୍ରାଇଭର ଫେରାର ହୋଇ ଯାଇଥିଲେ।

## ଆଜି କ'ଣ କେଉଁଠି

ଡୁଙ୍ଗୁରିପାଲି
- କୋଶଲ ସେନା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ:ଏମଇ ସ୍କୁଲ ସାମନା ପୁରୁଣା କରତ ମିଲ ପରିସର, ସମୟ: ସକାଳ ୮ଟାରୁ।

## ସଂକ୍ଷେପରେ

### ଯାଦବ ସମାଜ ପରିଚାଳନା କମିଟି ଗଠିତ

ଗୁଡ଼ଭେଲା,୨୬।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ତେନ୍ତୁଲିଖୁଣ୍ଟି ଯାଦବ ଭବନରେ ପଞ୍ଚାୟତସ୍ତରୀୟ ଯାଦବ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଦବ ସମାଜ ଗୁଡଭେଲା ବ୍ଲକ ସଭାପତି ଛବିଳ ମନହୀରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସର୍ବସମ୍ମତିକ୍ରମେ ନୂତନ ପରିଚାଳନା କମିଟି ଗଠିତ ହୋଇଥିଲା। ସଭାପତିଭାବେ ବଳରାମ ମନହୀରା, ଉପସଭାପତି ଥବିର ମନହୀରା, ସମ୍ପାଦକ ତ୍ରିନାଥ ଚନ୍ଦନ, ସହସମ୍ପାଦକ ଟେମନ୍ତ ମନହୀରା, କୋଷାଧକ୍ଷ ପଦବୀରେ ପ୍ରେମରାଜ ହେର୍ଣ୍ଣାଙ୍କୁ ମନୋନୟନ କରାଯାଇଛି। ଯୋଗୀନ୍ଦ୍ର ଗହୀର, କିଶୋର ଚନ୍ଦ୍ର ନାଗ, ମନ ଷାଣ୍ଡ, କୁଶ ଘିଭେଲାଙ୍କୁ ଉପଦେଷ୍ଟା ଭାବେ ରଖାଯାଇଛି। ସମାଜରୁ ଯୌତୁକ ଭଳି କୁସଂସ୍କାର ଦୂର କରିବା ପାଇଁ କର୍ମକର୍ତ୍ତାମାନେ ଶପଥ ପାଠ କରିଥିଲେ। ଏଥିପୂର୍ବରୁ ଯାଦବ ଭବନ ନିର୍ମାଣ ପାଇଁ ଜମି ଦାନ କରିଥିବା ସ୍ୱର୍ଗତ ଡମ୍ବରୁଧର ବାଗଙ୍କ ବିୟୋଗରେ ଏକ ଶୋକବ୍ୟକ୍ତ କରାଯାଇ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

### କ୍ରିକେଟ ଧମାକା: ଭାଲିଆମୁଣ୍ଡା ଚାମ୍ପିୟନ

ଲୋଇସିଂହା,୨୬।୧୦(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଗଲାପାଲି ଜୟ ମା' ଦୁର୍ଗା କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଏକଦିବସୀୟ କ୍ରିକେଟ ଧମାକା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ ଅଗଲାପାଲି ଓ ଭାଲିଆମୁଣ୍ଡା ମଧ୍ୟରେ ହୋଇଥିଲା। ଫାଇନାଲ ଖେଳ ୧୦ଓଭର ବିଶିଷ୍ଟ ହୋଇଥିଲା। ଅଗଲାପାଲି ପ୍ରଥମେ ବ୍ୟାଟିଂ କରି ୧୪ରନ ସଂଗ୍ରହ କରିଥିଲା। ବିନା ଉଇକେଟରେ ଭାଲିଆମୁଣ୍ଡା ୧୫ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଚମରା ଚୁହାନ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଉଦଘାଟନୀ ମ୍ୟାଚକୁ ମାନସ ରଞ୍ଜନ ବାବୁ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

### ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ, ଉପାଧ୍ୟକ୍ଷ ଚୟନ

ବିନିକା,୨୬।୧୦(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଆଖିଦାଦର ୟୁପି ସ୍କୁଲ ପରିଚାଳନା ସମିତି ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଚୟନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଧେଶ୍ୟାମ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶ୍ୱମିତ୍ର ଭୂଏ ପରିଚାଳନା କମିଟି ଅଧ୍ୟକ୍ଷ, ସସ୍ମିତା ଭୂଏ ଉପାଧ୍ୟକ୍ଷା ମନୋନୀତ ହୋଇଛନ୍ତି।

### ଉନ୍ନତୀକରଣ ନାମରେ ଖେଳ ପଡ଼ିଆ ନଷ୍ଟ

**କ୍ରୀଡ଼ାପ୍ରେମୀଙ୍କ ଅଭିଯୋଗ**

ଗୁଡ଼ଭେଲା,୨୬।୧୦(ଡି.ଏନ.ଏ.) ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ହାଇସ୍କୁଲ ଖେଳ ପଡିଆକୁ ସ୍ଥାନୀୟ ଏନଏସି ପକ୍ଷରୁ ଉନ୍ନତୀକରଣ କରାଯାଉଛି। ହେଲେ ଏଥିପାଇଁ ପଡିଆର ପରିବେଶକୁ ନଷ୍ଟ କରି ଦିଆଯାଇଥିବା କ୍ରୀଡାପ୍ରେମୀ ବିଶ୍ୱଜିତ ପ୍ରଧାନ, ଦୟାରାମ କଏଣ୍ଡା, ଆଶୁତୋଷ ପ୍ରଧାନ, ବାଦଲ ମାଝି, ସଂକେତ ପ୍ରଧାନ ପ୍ରମୁଖ ମଙ୍ଗଳବାର ଗଣମାଧମ ଆଗରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ପ୍ରାୟ ଏକ ବର୍ଷ ହେଲା ଖେଳ ପଡିଆର ଉନ୍ନତୀକରଣ କରାଯାଉଛି। ଏଥିପାଇଁ ପଡିଆର ଏଣେ ତେଣେ ଗାତ ଖୋଳାଯାଇ ମାଟି ପକା ଯାଇଛି। ଏଥି ସହ ପଡିଆ ନଷ୍ଟ ହେବା ସହ ସେଠାରେ ଖେଳି ହେଉନାହିଁ। ବିଭିନ୍ନ ଚାକିରି ପାଇଁ ଯୁବତୀଯୁବକମାନେ ଅଭ୍ୟାସ କରି ପାରୁ ନାହାନ୍ତି। ଏନେଇ ଜିଲାପାଳ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକାଧିକ ଥର ଭେଟି ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଅନ୍ୟୋନୋପାୟ ହୋଇ ସେମାନେ ଗଣମାଧମକୁ ଜଣାଇଲେ ବୋଲି କହିଛନ୍ତି। ଏ ସମ୍ପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କୁ ପଚାରିବାରୁ କାମ ଚାଲିଛି, ଖୁବଶୀଘ୍ର ସମାପ୍ତ ହେବ ବୋଲି କହିଛନ୍ତି।

# ତହସିଲ ଅଫିସ ଘେରିଲେ ଚାଷୀ

**ନଅଗାଁ(କ) ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବି**

ଲୋଇସିଂହା,୨୬।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ) ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବି କରି ମଙ୍ଗଳବାର ପଞ୍ଚାୟତ ଅଧୀନ ବିଭିନ୍ନ ଗାଁର ଚାଷୀମାନେ ତହସିଲ ଅଫିସ ଘେରାଉ କରିଥିଲେ। ପରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଦାବିପତ୍ର ତହସିଲଦାର ସୁଚିତା ପୁଷ୍ପାଙ୍କୁ ପ୍ରଦାନ କରାଯାଇଥିଲା। ସେଠାରେ ଅନୁଷ୍ଠି ବିକ୍ଷୋଭ ସଭାରେ ଚାଷୀମାନେ କହିଥିଲେ ଯେ, ମୁଡାପାଲି, ଡୁଡୁକାମୁଣ୍ଡା, ଅଇଁଳାପାଲି, ହଳଦୀପଦର, ଗଣ୍ଡପାଲି, କଁଟିପାଲି, ତେଲେନପାଲିକୁ ନେଇ ଗଠିତ ନଅଗାଁ(କ) ପଞ୍ଚାୟତ ଏକ ମରୁଡି ପ୍ରପୀଡିତ ଅଞ୍ଚଳ। ଚଳିତ ବର୍ଷ ବର୍ଷାଭାବରୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମଗୁଡିକ ଅଙ୍ଗନଦୀ ତଟରେ ଥାଇ ସୁଦ୍ଧା ଜଳସେଚନର ବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ମରୁଡିର ସମ୍ମୁଖୀନ ହେବାକୁ ପଡୁଛି। ଏହାର ପ୍ରତିକାର ବ୍ୟବସ୍ଥା ସରକାରୀସ୍ତରରେ ଗ୍ରହଣ କରାଯାଉନାହିଁ। ଏଣୁ ପଞ୍ଚାୟତକୁ ଚଳିତବର୍ଷ ସମ୍ପୂର୍ଣ୍ଣ ମରୁଡି ଘୋଷାଣା କରାଯାଉ। ଏଥିସହ ଚାଷୀଙ୍କ ସମ୍ପୂର୍ଣ୍ଣ କୃଷିଋଣ ଛାଡ ଏବଂ ମରୁଡିର ସ୍ଥାୟୀ ପ୍ରତିକାର ପାଇଁ ଅଙ୍ଗନଦୀରେ ଏକ ବୃହତ ମେଗା ଜଳ ପ୍ରକଳ୍ପ ନିର୍ମାଣ କରାଯାଉ ବୋଲି ଚାଷୀମାନେ ଦାବି କରିଥିଲେ। ମୋତିଲାଲ ସରାଫ, କରୁଣାକର ଶାହା, ପ୍ରଭାକର ପଣ୍ଡା, ରାଜେନ୍ଦ୍ର କୁମାର ନିଆଲଙ୍କ ନେତୃତ୍ୱରେ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିପୂର୍ବରୁ ଚାଷୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ତହସିଲ ଅଫିସ ଅଭିମୁଖେ ଯାଇଥିଲେ।



ମରୁଡି ଘୋଷଣା ଦାବିରେ ଆଗଲପୁରରେ ବାହାରିଥିବା ଚାଷୀଙ୍କ ଶୋଭାଯାତ୍ରା।

# ଆଇଆର୍‌ବି ବଲାସିଙ୍ଗା ଚାମ୍ପିୟନ

**ନବୀନ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ**

ବାଉଁଶୁଣୀ,୨୬।୧୦(ଡି.ଏନ.ଏ.)

ବୌଦ୍ଧ ବ୍ଲକ ତାଳସରଡ଼ା ପଞ୍ଚାୟତ ଅନ୍ତର୍ଗତ ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବିଜୟା ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ନବୀନ ସ୍ମାରକୀ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ସଂଗ୍ରାମପୁର ଓ ଆଇଆର୍‌ବି ବଲାସିଙ୍ଗା ମଧ୍ୟରେ ହୋଇଥିଲା। ଏଥିରେ ଆଇଆର୍‌ବି ବଲାସିଙ୍ଗା ପେନାଲ୍‌ଟି ସୁଟ୍ ଆଉଟ୍‌ରେ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳ ପରେ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ କଟକ ଓ ରାଉରକେଲା ମଧ୍ୟରେ ହୋଇଥିଲା। ଏଥିରେ ରାଉରକେଲା ଦଳ ଟାଇବ୍ରେକର୍ ୫-୦ ଗୋଲରେ କଟକକୁ ପରାଜିତ କରିଥିଲା। ଏହି ଖେଳରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର ଯୋଗ ଦେଇଥିଲେ। ଏହାଛଡା ତାଲସରଡା ପଞ୍ଚାୟତ ସମିତି ସଭ୍ୟା ଜିତାଞ୍ଜଳି ମହାକୁଡ଼, ପୂର୍ବତନ ସରପଞ୍ଚ କବିତା ପଟ୍ଟନାୟକ, ଭୁଲକୁ ଝାଙ୍କର, ପୂର୍ବତନ ଜିଲା ପରିଷଦ ସଭ୍ୟା ଯଶ୍ୱିନ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତ ମେହେର, ଅରବିନ୍ଦ ମହାକୁଡ଼ ଏଥିରେ ସହଯୋଗ କରିଥିଲେ। ଉଗ୍ରସେନ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ। ନୟନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମେହେର ସମାଜର ପ୍ରତିବାଦ ଶୋଭାଯାତ୍ରା

**ମମିତା ମେହେର ହତ୍ୟା ଘଟଣା**

ଅମରପାଲି/ କଣ୍ଟାବାଞ୍ଜି/ ବେଲପଡ଼ା,୨୬।୧୦(ଡି.ଏନ.ଏ)

କଳାହାଣ୍ଡି ଜିଲା କେଗାଁ ଥାନା ଅଧୀନ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ଘଟଣାକୁ ନେଇ ରାସ୍ତାକୁ ଓହ୍ଲାଇଛି ମେହେର ଭୁଲିଆ ସମାଜ। ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଓ ବେଲପଡାରେ ସମାଜ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ମେହେର ସମାଜ ତରଫରୁ ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ସହ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଫାଶୀ ଏବଂ ଘଟଣାରେ ସମ୍ପୃକ୍ତ ଥିବା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି କରାଯାଇଛି। ଏନେଇ ଏକ ପ୍ରତିବାଦ ଶୋଭାଯାତ୍ରା ବୀରମହାରାଜପୁର ଉପଖଣ୍ଡ ମେହେର ସମାଜ ପକ୍ଷରୁ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାତଦଫା ସମ୍ବଳିତ ଦାବିପତ୍ର ବୀରମହାରାଜପୁର ଉପଜିଲାପାଳଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ମୃତା ମମିତା ମେହେରଙ୍କ ପରିବାରକୁ ୨କୋଟି ଟଙ୍କାର କ୍ଷତିପୂରଣ ସହିତ ତାଙ୍କ ଭାଇଙ୍କୁ ସରକାରୀ ଚାକିରି ବ୍ୟବସ୍ଥା, ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସମ୍ପତ୍ତି ବ୍ୟାଜାପ୍ତି କରି ଏହାର ଅର୍ଦ୍ଧେକ ଅଂଶ ପୀଡିତାଙ୍କ ପରିବାରକୁ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ସମାଜର କର୍ମକର୍ତ୍ତାମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ବାହାରି ସହର ପରିକ୍ରମା କରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ଆଗାମୀ ଦିନରେ ସମାଜ ପକ୍ଷରୁ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲା ମେହେର(ଭୁଲିଆ)ସମାଜ ସଭାପତି ସୌମିତ୍ରୀ ମେହେରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ମେହେର ଭୁଲିଆ ସମାଜ ବୀରମହାରାଜପୁର କେନ୍ଦୁପାଲି ଆଞ୍ଚଳିକ କମିଟି ସଭାପତି ତ୍ରିଲୋଚନ ମେହେର, ସମ୍ପାଦକ ଶତ୍ରୁଘ୍ନ ମେହେର, କୋଷାଧ୍ୟକ୍ଷ ପୀତାମ୍ବର ମେହେର, ହୃଷିକେଶ ମହେର ସାମିଲ ଥିଲେ।

କଣ୍ଟାବାଞ୍ଜିରେ ସମାଜ ପକ୍ଷରୁ ସ୍ଥାନୀୟ ତହସିଲଦାର ଅଶୋକ କୁମାର ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମମିତାଙ୍କ ପରିବାରକୁ କ୍ଷତପୂରଣ ବାବଦକୁ ୨କୋଟିର ଆର୍ଥିକ ସହାୟତା, ମମିତାଙ୍କ ଭାଇଙ୍କୁ ସରକାରୀ ଚାକିରି ଦେବା ପାଇଁ ଏଥିରେ ଉଲ୍ଲେଖ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାରେ ଭୁଲିଆ ସମାଜ କଣ୍ଟାବାଞ୍ଜି ଶାଖା ସଭାପତି ଯୁବରାଜ ମେହେର, ହୃଷିକେଶ ମେହେର, ନରେନ୍ଦ୍ର ମେହେରଙ୍କ ସହ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକ ଭୁଲିଆ ସମାଜ କର୍ମକର୍ତ୍ତା ସାମିଲ ଥିଲେ।

ବେଲପଡା ଗ୍ରାମାଞ୍ଚଳ କେନ୍ଦ୍ର ବୋର୍ଡ ଭୁଲିଆ ସମାଜ ସଭାପତି ଚୂଡାମଣି ମହେରଙ୍କ ନେତୃତ୍ୱରେ ବିଡିଓ ଓ ତହସିଲଦାରଙ୍କୁ ଏହିମର୍ମରେ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମେହେର ସମାଜର ରାଧେଶ୍ୟାମ ମେହେର, ସତ୍ୟନାରାୟଣ ମେହେର, ଲକ୍ଷ୍ମଣ ମେହେର, ଡାଲିମ୍ବ ମେହେର, ଚିତ୍ରସେନ ମେହେରଙ୍କ ସମେତ ଶତାଧିକ ମହିଳା ପୁରୁଷ ସାମିଲ ଥିଲେ।




କଣ୍ଟାବାଞ୍ଜି: ଶୋଭାଯାତ୍ରାରେ ତହସିଲ ଅଭିମୁଖେ ଯାଉଛନ୍ତି ଭୁଲିଆ ସମାଜ କର୍ମକର୍ତ୍ତା।

# ସାଧୁତା, ସ୍ୱଚ୍ଛତା ବଜାୟ ରଖିବାକୁ ସଂକଳ୍ପ

ସୋନପୁର,୨୬।୧୦(ନି.ପ୍ର.)

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୁଣ୍ୟ ଜନ୍ମ ତିଥି ଅବସରରେ ସମଗ୍ର ଦେଶରେ ସ୍ପେଶାଲ ଭିଜିଲାନ୍ସ କମିଶନରଙ୍କ ନିର୍ଦ୍ଦେଶରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି। ଏହିକ୍ରମରେ ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲାରେ ସପ୍ତାହ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ମଙ୍ଗଳବାର ଜିଲା ପ୍ରଶାସନ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀଙ୍କୁ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଦୁର୍ନୀତିର ମଳୋତ୍ପାଟନ କରିବା ପାଇଁ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିନାଦ୍ୱିଧାରେ ଏବଂ ବିବେକାନୁମୋଦିତଭାବେ କର୍ତ୍ତବ୍ୟ ସମ୍ପାଦନ କରି ଜନସାଧାରଣଙ୍କୁ ମୂଲ୍ୟବୋଧ ଭିତ୍ତିକ ସେବା ଯୋଗାଇଦେବା ପାଇଁ ଦାଶ ଶପଥ ପାଠ କରାଇଥିଲେ। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର, ସହକାରୀ ଜିଲାପାଳ, ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ଭିଜିଲାନ୍ସ ବିଭାଗର ତୁଷାର କାନ୍ତ ମହାପାତ୍ର, ନନ୍ଦ କିଶୋର ବର୍ଗର୍ତ୍ତି, ବିଷ୍ଣୁପ୍ରସାଦ ଜାଲ ଓ ଦିଲ୍ଲିପ କୁମାର ଭୂୟାଁ ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି ଜିଲା ପୋଲିସ ମୁଖ୍ୟାଳୟ ଓ ରିଜର୍ଭ ପୋଲିସ ଅଫିସରେ ଭିଜିଲାନ୍ସ ସଚେତନତା ସପ୍ତାହ ମଙ୍ଗଳବାର ପାଳିତ ହୋଇଯାଇଛି। ଏସ୍‌ପି ସୀତାରାମ ଶତପଥୀ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ।




ଏସ୍‌ପି ସୀତାରାମ ଶତପଥୀ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଉଛନ୍ତି।

# କଫ ସିରପ୍ ଜବତ, ୨ ଗିରଫ

ପଦ୍ମପୁର ୨୬.୧୦:(ଡିଏନଏ)

କଫ ସିରପ ଚାଲାଣ କରୁଥିବା ବେଳେ ପଦ୍ମପୁର ଥାନା ପୋଲିସ ମଙ୍ଗଳବାର ବରିକେଲ ଗାଁ ମୁଣ୍ଡରେ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଇକମାଳ ସଡକପଡାର ଥବୀର ପ୍ରଧାନ ଓ ନରସିଂହପଡାର କିଶୋର ହଂସ। ସେମାନଙ୍କଠାରୁ ଏକ ବାଇକ୍ (ନଂ.ଓଡି୧୭କେ/୪୩୭୪), ୨୦ଲିଟର କଫ ସିରପ ମିଶ୍ରଣ ଜାର, ୪୦ଟି ଏସକଫ ବୋତଲ, ୨ଷ୍ଟ୍ରିପ ଏଲପ୍ରାଜିନ ଟାବଲେଟ, ନଗଦ ୨୫୬୦ ଟଙ୍କା, ଗୋଟିଏ ମୋବାଇଲ ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ.୨୪୩/୨୧) ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଜଳଯୋଗାଣ କର୍ମଚାରୀଙ୍କ ବୈଠକ

ସରଣ୍ଡା,୨୬।୧୦(ଡି.ଏନ.ଏ)

ଅତାବିରା ବ୍ଲକ ସରଣ୍ଡା ଶିବମନ୍ଦିରରେ ମଙ୍ଗଳବାର ଏସ୍ଇଏମ୍ ଓ ଗ୍ରାମୀଣ ଜଳଯୋଗାଣ କର୍ମଚାରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତାବିରା ବ୍ଲକ ସଙ୍ଗଠନର ସଭାପତି ଦୁର୍ଗାପ୍ରସାଦ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଚୂଡାମଣି ଦୀପଙ୍କ ସମେତ ବ୍ଲକର ୨୪ଟି ପଞ୍ଚାୟତରେ କାର୍ଯ୍ୟରତ ଜଳଯୋଗାଣ କର୍ମଚାରୀମାନେ ଯୋଗ ଦେଇଥିଲେ। ଜଳଯୋଗାଣ କର୍ମଚାରୀଙ୍କ ପ୍ରମୁଖ ଦାବିଗୁଡିକୁ ସରକାର ଶୁଣୁ ନ ଥିବାରୁ ସେମାନେ ଅତାବିରା ବ୍ଲକର ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଣ ବନ୍ଦ କରିଛନ୍ତି। ଦାବି ପୂରଣ ନ ହେଲେ ଅତାବିରା ବ୍ଲକରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜଳଯୋଗାଣ ବନ୍ଦ ରହିବ ବୋଲି ସଂପାଦକ ଦୀପ ଜଣାଇଛନ୍ତି। ଏ ନେଇ ମଙ୍ଗଳବାର ଅତାବିରା ବିଡ଼ିଓଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି।

# ଇନ୍ଦ୍ରାବତୀ ଦକ୍ଷିଣ କେନାଲ: ପାଣି ଅଭାବରୁ ଧାନଚାଷ ନଷ୍ଟ ଆଶଙ୍କା

**ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ**

ଜୁନାଗଡ,୨୬।୧୦(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଇନ୍ଦ୍ରାବତୀ ଦକ୍ଷିଣ କେନାଲ ଅଧୀନରେ ଥିବା ତଳଜାରିଙ୍ଗ ଓ ଜୁନାଗଡ ଡିଷ୍ଟ୍ରିବ୍ୟୁଟାରୀ ଅଞ୍ଚଳରେ ଚାଷ ହୋଇଥିବା ଧାନ ଫସଲ ଏବେ କେନାଲ ପାଣି ଅଭାବରୁ ମରିବାକୁ ବସିଲାଣି। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ଚାଷୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ସୁଫଳ ମିଳି ପାରିନାହିଁ। ବର୍ତ୍ତମାନ ଧାନ ଫସଲ ପାଇଁ ପାଣିର ଆବଶ୍ୟକତା ରହିଛି। ଆଉ କିଛି ଦିନ ମଧ୍ୟରେ ଯଦି କେନାଲ ପାଣି ନ ଆସେ ତାହେଲେ ଧାନ ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ଯାହାକୁ ନେଇ ଚାଷୀ ମହଲରେ ଭାଳେଣି ପଡିଯାଇଛି। ଯଥାଶୀଘ୍ର କେନାଲରେ ପାଣି ଦେବା ପାଇଁ ସ୍ଥାନୀୟ ଚାଷୀ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଓ ଦକ୍ଷିଣ କେନାଲ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଦାବି ପୂରଣ ନ ହେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସେମାନେ ଜୁନାଗଡ ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



ଚାଷୀମାନେ ସମସ୍ୟା ଜଣାଇବାକୁ ଥାନାକୁ ଆସିଛନ୍ତି।

# ସଙ୍କୁଳସ୍ତରୀୟ ଯୁବ ରେଡକ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ପାଇକମାଳ,୨୬।୧୦(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ସ୍ଥିତ ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜଠାରେ ରେଡ଼କ୍ରସର ସଙ୍କୁଳସ୍ତରୀୟ ତିନିଦିନିଆ ତାଲିମ ଓ ଶିକ୍ଷା ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏଥିରେ ଶ୍ୟାମଲାଲ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡକ୍ରସ ପତାକା ଉତ୍ତୋଳନ କରଥିଲେ। ଏହି ଅବସରରେ ଯୁକ୍ତ ୩ ମହାବିଦ୍ୟାଳୟର ଅଧକ୍ଷ ଲୋହିତ କୁମାର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଥମ ଅଧିବେଶନରେ ଝାରବନ୍ଧ ଡିଗ୍ରୀ କଲେଜର ଅଧାପକ ଖ୍ୟାତିମୟ ତ୍ରିପାଠୀ ବିଶେଷଜ୍ଞ ଭାବେ ଯୋଗଦେଇ ରେଡ଼କ୍ରସ୍‌ର ଇତିହାସ, ଲକ୍ଷ୍ୟ, ଆଭିମୁଖ୍ୟ ବୁଝାଇଥିଲେ। ଦ୍ୱିତୀୟ ଅଧିବେଶନରେ ପାଇକମାଳ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ପ୍ରଫେସର ଡକ୍ଟର ମାନଭଞ୍ଜନ ପଣ୍ଡା ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ପରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିବିରରେ ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜ, ବିନ୍ଧ୍ୟବାସିନୀ ଜୁନିୟର କଲେଜ, ମାଣ୍ଡୋସିଲ ଡିଗ୍ରୀ କଲେଜ, ମାଣ୍ଡୋସିଲ ଜୁନିୟର କଲେଜ, ଝାରବନ୍ଧ ଡିଗ୍ରୀ କଲେଜ, ଝାରବନ୍ଧ ଜୁନିୟର କଲେଜ, ଜୁନିୟର କଲେଜର ମୋଟ ୮ଜଣ କାଉନସେଲର ଓ ୨୨ଜଣ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି। ଚିନ୍ତାମଣି ମିଶ୍ର, ଦୟାସାଗର ନାୟକ, ସବିତା ଭୋଇ, ରଶ୍ମି ମହାଲିଙ୍ଗ, ଡେକାନ୍ତ ନାୟକ, ପ୍ରେମସାଗର ସାହୁ, ଅଧାପକ ଦେବରାଜ ସାହୁ, ଅଧାପିକା ପୁଷ୍ପମଞ୍ଜରୀ ପ୍ରଧାନ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ଅଧାପକ ପ୍ରଭାତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲିସ ଉପରକୁ ଶାଢ଼ି, ଚୂଡ଼ି ଫିଙ୍ଗିଲେ

**ମମିତା, ଗୋବିନ୍ଦ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଦାବି**

ବରଗଡ଼ ଅଫିସ୍,୨୬।୧୦

କଳାହାଣ୍ଡି ଜିଲା ଗୋଲମୁଣ୍ଡା ବ୍ଲକ ମହାଲିଙ୍ଗ ଘରୋଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ମମିତା ମେହେର ଏବଂ ବରଗଡ଼ ସହର ଉପକଣ୍ଠ ତୋରା ଗ୍ରାମର ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଦାବି ନେଇ ଆନ୍ଦୋଳନ ଜୋର୍ ଧରିଛି। ଉଭୟ ମାମଲାରେ ପୋଲିସର ଅପାରଗତା ଅଭିଯୋଗ ନେଇ ବରଗଡ଼ ଜିଲା ଭାଜପା ମହିଳା ମୋର୍ଚ୍ଚା ମଙ୍ଗଳବାର ଅଭିନବ ପ୍ରତିବାଦ କରିଥିଲା। ମହିଳା ମୋର୍ଚ୍ଚାର ଶତାଧିକ କର୍ମୀ ବିକ୍ଷୋଭ ଶୋଭାଯାତ୍ରାରେ ଆସି ବରଗଡ଼ ଟାଉନ ଥାନା ଘେରାଉ କରିବା ସହିତ ପୋଲିସ ଉପରକୁ ଶାଢ଼ି, ଚୂଡ଼ି ଫିଙ୍ଗିଥିଲେ।

ବରଗଡ଼ ଗୋଶାଳା ଛକରୁ ଜିଲା ମହିଳା ମୋର୍ଚ୍ଚାର ସଭାନେତ୍ରୀ ସୁନନ୍ଦା ମେହେର ଏବଂ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କୁ ନେତୃତ୍ୱରେ ମହିଳା ମୋର୍ଚ୍ଚାର କର୍ମୀମାନେ ବିକ୍ଷୋଭ ଶୋଭାଯାତ୍ରାରେ ବରଗଡ଼ ଟାଉନ ଥାନାକୁ ଆସିଥିଲେ। ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଥାନା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଫଳରେ କିଛି ସମୟ ଧରି ମହିଳା ମୋର୍ଚ୍ଚା କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଶେଷରେ ମହିଳା ମୋର୍ଚ୍ଚା କର୍ମୀମାନେ ଶାଢ଼ି, ଚୂଡ଼ି, ଅଳିତା, ପାନିଆ ଆଦି ଥାନା ଭିତରକୁ ଫିଙ୍ଗି ପ୍ରତିବାଦ କରିଥିଲେ।




ଭାଜପା ମହିଳା ମୋର୍ଚ୍ଚାର ବିକ୍ଷୋଭ ଶୋଭାଯାତ୍ରା।

# ସଂରକ୍ଷଣ ଦାବିରେ ରାସ୍ତା ଅବରୋଧ

କୋକସରା,୨୬।୧୦(ଡି.ଏନ.ଏ.)

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଛୁଆବର୍ଗମାନଙ୍କୁ ୨୭ ଭାଗ ସ୍ଥାନ ସଂରକ୍ଷଣ ପ୍ରଦାନ ଦାବିରେ ପଛୁଆବର୍ଗ ଜାତି ସମୂହ ପକ୍ଷରୁ ୧୨ ଘଣ୍ଟିଆ କଳାହାଣ୍ଡି ବନ୍ଦ ପାଳନ କରାଯାଇଛି। ସୋମବାର ଜିଲାର ବିଭିନ୍ନ ସ୍ଥାନରେ ବନ୍ଦ ପାଇଁ ଆନ୍ଦୋଳନକାରୀ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଅବରୋଧ କରିଥିଲେ। କୋକସରା ବ୍ଲକର କୋକସରା, ମୋଟେର ଠାରେ ପଛୁଆ ବର୍ଗ ସଂଗଠନ ପକ୍ଷରୁ ୨୬ ନଂ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। କୋକସରାଠାରେ ଯାଦବ ସଭାପତି ବିନୋଦ ବିହାରୀ ରାଉତ, ଶିବ ପ୍ରସାଦ ପ୍ରଧାନୀ, ନବୀନ ନାଏକ, ମିନିକେତନ ପ୍ରଧାନୀ, ପ୍ରହ୍ଲାଦ ଚଣ୍ଡି, ସୁଶାନ୍ତ ବେହେରା, ତ୍ରିଭୁବନ ନାଏକ, ପ୍ରମୋଦ ପ୍ରଧାନୀ, ନିମାଇଁ ଧଙ୍ଗଡ଼ା ମାଝୀ, ମଣିଜର ପୋଡ଼, ମଙ୍ଗଲୁ ଚରଣ ଭାଟି, ନରେନ୍ଦ୍ର ପ୍ରଧାନୀ, ଅନୀଲ ପ୍ରଧାନୀ, ଧନସିଂ ବାଗ, ଜିଲା ପରିଷଦ ସଭ୍ୟା ହେମାଙ୍ଗିନୀ ହଂସ ବନ୍ଦ ପାଳନରେ ସାମିଲ ଥିଲେ। ଅଲ ଓଡିଶା ସିଡ୍ୟୁଲ କାଷ୍ଟରୁ ଧବଳେଶ୍ୱର ନାଗ, ଦଶରଥ ବାଗ ସମର୍ଥନ କରିଥିଲେ। ମୋଟେରଠାରେ ବଙ୍କିମ ଦାସ, ହିରଣ୍ୟ ବେହେରା, ସୁଦର୍ଶନ ବେହେରା, ମଣ୍ଟୁ ନାଏକଙ୍କ ସମେତ ପଛୁଆ ବର୍ଗର ଶତାଧିକ ଜନସାଧାରଣ ଆନ୍ଦୋଳନରେ ସାମିଲ ହୋଇ ବନ୍ଦକୁ ସଫଳ କରିଥିଲେ।

## ବରଗଡ଼ରେ ଗ୍ରାହକ ପଞ୍ଚାୟତ ବୈଠକ

ବରଗଡ଼ ଅଫିସ୍: ବରଗଡ଼ରେ ସୋମବାର ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଧାମାଧବ ବହିଦାର, ପ୍ରୀତମ ସିଂ, ସ୍ୱରୂପ ଭୋଇ, ବିକ୍ରମ ପଣ୍ଡା, ତ୍ରିନାଥ କାଲସା, ନରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ପ୍ରକାର ଗ୍ରାହକଙ୍କ ସୁରକ୍ଷା, ଆଇନ, ଗ୍ରାହକ ସେବାଜନିତ ବିବାଦ ସରଳୀକୃତ ସମାଧାନ ଏବଂ ଶୋଷଣମୁକ୍ତ ଉପଭୋକ୍ତା ସମାଜ ଗଠନ ଉପରେ ଆଲୋଚନା ହୋଇଥିଲା ।

## ଆଜି କ'ଣ କେଉଁଠି

ଡୁଙ୍ଗୁରିପାଲି

- କୋଶଲ ସେନା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ:ଏମଇ ସ୍କୁଲ ସାମନା ପୁରୁଣା କରତ ମିଲ ପରିସର, ସମୟ: ସକାଳ ୮ଟାରୁ।

## ସଂକ୍ଷେପରେ

### ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

ପଦ୍ମପୁର ୨୬।୧୦(ଡି.ଏନ.ଏ): ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ମଙ୍ଗଳବାର ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ବରିକେଲ, ସିଂହନପୁର, ଚାରପାଲି ଗାଁ ସଫେଇ, ପରିବେଶ ସୁରକ୍ଷା, ବନୀକରଣ, ବେଟି ପଢ଼ାଓ, ବେଟି ବଚାଓ ଆଦି କାର୍ଯ୍ୟକ୍ରମ ଉପରେ ଲୋକମାନଙ୍କୁ ସଚେତନ କରିଥିଲେ। ଅଧକ୍ଷ ଡ. ଲଳିତେନ୍ଦୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କେନ୍ଦୁପତ୍ର ବିଭାଗ ବନଖଣ୍ଡ ଅଧିକାରୀ ବାସିଲ ବାର୍ଲା ମୁଖ୍ୟଅତିଥି, ବିଇଓ ଜନକଲାଲ ମେହେର ମୁଖ୍ୟବକ୍ତା, ଡ. ସରୋଜ ନାଏକ, ପ୍ରାଧ୍ୟାପକ ସରୋଜ ପ୍ରଧାନ, ଡ. ବିରଞ୍ଚି ସାହୁ, ଅଧାପକ ତୋଷବନ୍ତ ବାରିକ, ବିଶ୍ୱରାଜ ପାତ୍ର, ଅଧାପିକା ରୀନା ଧର୍ମବିନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ସେବା କାମରେ ନିୟୋଜିତ ହୋଇ ସମାଜ ଗଠନରେ ସହାୟକ ହୁଅନ୍ତୁ ବୋଲି ବକ୍ତବ୍ୟ ଦେଇଥିଲେ । ଅଧାପକ ସରୋଜ ଟିଗା ସଭା ସଂଯୋଜନା, ଡ. ଦୁଃଖିଶ୍ୟାମ ସାହୁ ସ୍ୱାଗତ ଭାଷଣ ଏବଂ ଅଧାପିକା ବୁନିଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍କୁଲ ପରିଚାଳନା କମିଟି ଅଧକ୍ଷ, ଉପାଧକ୍ଷ ଚୟନ

ବିନିକା,୨୬।୧୦(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଆଖିଦାଦର ୟୁପି ସ୍କୁଲ ପରିଚାଳନା ସମିତି ଅଧକ୍ଷ ଏବଂ ଉପାଧକ୍ଷ ଚୟନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଧେଶ୍ୟାମ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶ୍ୱମିତ୍ର ଭୂଏ ପରିଚାଳନା କମିଟି ଅଧକ୍ଷ, ସସ୍ମିତା ଭୂଏ ଉପାଧକ୍ଷା ମନୋନୀତ ହୋଇଛନ୍ତି।

### ବାଲି ବୋଝେଇ ହାଇୱାକୁ ଲକ୍ଷେ ଜରିମାନା



ଅତାବିରା,୨୬।୧୦(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ବାଲି ଚୋରାଚାଲାଣ ବଢ଼ିବାରେ ଲାଗିଛି। ମଙ୍ଗଳବାର ଗୋଡ଼ଭଗା କ୍ୟାମ୍ପରେ ଅତାବିରା ତହସିଲଦାର ଚଢ଼ାଉ କରି ୨ଟି ବାଲି ବୋଝେଇ ହାଇୱାକୁ ଧରିଛନ୍ତି। ଉଭୟ ଗାଡ଼ି ମାଲିକଙ୍କଠାରୁ ୫୦ହଜାର ଟଙ୍କା ଲେଖାଏଁ ଅର୍ଥାତ୍ ୧ଲକ୍ଷ ଟଙ୍କା ଜରିମାନା ଅସୁଲି ହୋଇଥିବା ତହସିଲଦାର ଭୋଇ ସୂଚନା ଦେଇଛନ୍ତି। ଅତାବିରା ଅଞ୍ଚଳର ବିଭିନ୍ନ ନଈନାଳରୁ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏ ଦିଗରେ ଜିଲା ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

### ମାସ୍କ, ସାନିଟାଇଜର ବାଣ୍ଟିଲେ ଶିକ୍ଷକ



ବରଗଡ଼ ଅଫିସ୍,୨୬।୧୦: ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଡୁମୁରିପାଣି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦିବସ କୁମାର ସାହୁ ମଙ୍ଗଳବାର ଛାତ୍ରୀଛାତ୍ରଙ୍କୁ ମାସ୍କ, ସାନିଟାଇଜର ବଣ୍ଟନ କରିଛନ୍ତି। ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜିତ ଭୋଇ ବିଦ୍ୟାଳୟକୁ ଆସି ତାହା ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିଥିଲେ। ସ୍କୁଲ ଓ ଗଣଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ପ୍ରଥମ ଦୁଇଦିନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ବିଭିନ୍ନ ପ୍ରତିଯୋଗିତା ହୋଇଛି। ଏହି କ୍ରମରେ ଉକ୍ତ ବିଦ୍ୟାଳୟରେ ହୋଇଥିବା ବ୍ୟବସ୍ଥାକୁ ଦେଖି ଗୋଷ୍ଠୀ ଶିକ୍ଷାଧିକାରୀ ଭୋଇ ଖୁସି ବ୍ୟକ୍ତ କରିଥିଲେ। କରୋନା କାଳରେ ଦିବସ ପ୍ରତି ମାସରେ ନିଜସ୍ୱ ୫ହଜାର ଟଙ୍କା ଖର୍ଚ୍ଚ କରି ୨ଜଣ ଶିକ୍ଷକଙ୍କ ମାଧ୍ୟମରେ ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ପାଠପଢ଼ା ବ୍ୟବସ୍ଥା କରିଥିବା ଜାଣି ଗୋଷ୍ଠୀ ଶିକ୍ଷା ଅଧିକାରୀ ତାଙ୍କୁ ପ୍ରଶଂସା କରିଥିଲେ ।

# ଏସ୍‌ପିଙ୍କୁ ଭେଟିଲା ଅଭିଭାବକ ମହାସଂଘ

ବରଗଡ଼ ଅଫିସ୍,୨୬।୧୦

ବରଗଡ଼ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ମଙ୍ଗଳବାର ଓଡ଼ିଶା ଅଭିଭାବକ ମହାସଂଘ ବରଗଡ଼ ଜିଲା ଶାଖାର ଏକ ପ୍ରତିନିଧି ଦଳ ବରଗଡ଼ ଏସ୍‌ପି ରାହୁଲ ଜୈନଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ୭ଦଫା ଦାବି କରାଯାଇଛି। ଦାବି ସମୂହ ବିଚାରକୁ ନେଇ ସେ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ମହାସଂଘ ପକ୍ଷରୁ ନିବେଦନ କରାଯାଇଛି। ଜିଲାରେ ଅବାଧରେ ଚାଲିଥିବା ନିଶା କାରବାର ଯୋଗୁ ଆପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଫଳରେ ନିଶା କାରବାର ରୋକିବାକୁ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ସେହିପରି ପୋଲିସ ହେପାଜତରେ ଥିବାବେଳେ ତୋରା ଗ୍ରାମର ଗୋବିନ୍ଦ କୁମ୍ଭାର ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ, କାର୍ଯ୍ୟାନୁଷ୍ଠାନ, ଟ୍ରାଫିକ ସମସ୍ୟାର ନିୟନ୍ତ୍ରଣ, ସହରର ପ୍ରତି ଛକରେ ସିସିଟିଭି ସଂଯୋଗ, ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯିବା, ନିୟମିତ ବ୍ୟବଧାନରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ବୈଠକ, ଜିଲାର ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକର ଶିକ୍ଷା ପଦ୍ଧତି ଓ ଆବାସିକ ବ୍ୟବସ୍ଥା ଉପରେ ନଜର ରଖିବା ଆଦି ଦାବି ହୋଇଛି। ଆବାହକ ବିମଳ କୁମାର ଦାଶ, ସୁଜିତ ମିଶ୍ର, ଶିବାନନ୍ଦ ମଟାରୀ, ସୁଶାନ୍ତ ହୋତା, ସୁରସେନ ବହିଦାର, ଅନ୍ତର୍ଯାମୀ ସେଠ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଏସ୍‌ପିଙ୍କୁ ଫେରାଦ ହୋଇଥିବା ଅଭିଭାବକ ମହାସଂଘର ପ୍ରତିନିଧିବୃନ୍ଦ।

# ଆଇଆର୍‌ବି ବଲାସିଙ୍ଗା ଚାମ୍ପିୟନ

ବାଉଁଶୁଣୀ,୨୬।୧୦(ଡି.ଏନ.ଏ.)

### ନବୀନ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

ବୌଦ୍ଧ ବ୍ଲକ ତାଳସରଡ଼ା ପଞ୍ଚାୟତ ଅନ୍ତର୍ଗତ ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବିଜୟା ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ନବୀନ ସ୍ମାରକୀ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ସଂଗ୍ରାମପୁର ଓ ଆଇଆର୍‌ବି ବଲାସିଙ୍ଗା ମଧ୍ୟରେ ହୋଇଥିଲା। ଏଥିରେ ଆଇଆର୍‌ବି ବଲାସିଙ୍ଗା ପେନାଲ୍ଟି ସୁଟ୍ ଆଉଟ୍‌ରେ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳ ପରେ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ କଟକ ଓ ରାଉରକେଲା ମଧ୍ୟରେ ହୋଇଥିଲା। ଏଥିରେ ରାଉରକେଲା ଦଳ ଟାଇବ୍ରେକର୍ ୫-୦ ଗୋଲରେ କଟକକୁ ପରାଜିତ କରିଥିଲା। ଏହି ଖେଳରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବ୍ଲକ ଉପାଧକ୍ଷ ମନୋରଞ୍ଜନ ପୁରୋହିତ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର ଯୋଗ ଦେଇଥିଲେ। ଏହାଛଡା ତାଲସରଡା ପଞ୍ଚାୟତ ସମିତି ସଭ୍ୟା ଜିତାଞ୍ଜଳି ମହାକୁଡ଼, ପୂର୍ବତନ ସରପଞ୍ଚ କବିତା ପଟ୍ଟନାୟକ, ଭୁଲକୁ ଝାଙ୍କର, ପୂର୍ବତନ ଜିଲା ପରିଷଦ ସଭ୍ୟା ଯସ୍ମିନ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତ ମେହେର, ଅରବିନ୍ଦ ମହାକୁଡ଼ ଏଥିରେ ସହଯୋଗ କରିଥିଲେ। ଉଗ୍ରସେନ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ। ନୟନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମମିତା ହତ୍ୟା ମାମଲା: ବରପାଲି ବନ୍ଦକୁ ସମର୍ଥନ

ବରପାଲି,୨୬।୧୦(ଡି.ଏନ.ଏ)

କଳାହାଣ୍ଡି ଜିଲା ଗୋଲମୁଣ୍ଡା ବ୍ଲକ ମହାଲିଙ୍ଗର ଏକ ଘରୋଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ମମିତା ମେହେର ଅପହରଣ, ହତ୍ୟା ମାମଲାର ନିରପେକ୍ଷ ତଦନ୍ତ, ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଏବଂ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସମସ୍ତ ସମ୍ପତ୍ତି ବ୍ୟାଜ୍ୟାପ୍ତ ଦାବି ନେଇ ମଙ୍ଗଳବାର ବରପାଲି ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ଡାକରାକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିଲା। ଦୋକାନ, ବଜାର ସବୁ ବନ୍ଦ ରହିଥିଲା। ଏହାସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୃଥକ ଭାବେ ବରପାଲିର ମେହେର ସମାଜ ଏବଂ ଭାଜପା ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପଦ୍ମଲୋଚନ ସାହୁ, ପ୍ରମୋଦ ଛତର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ପୂର୍ବରୁ ବରପାଲି କଂଗ୍ରେସ ପକ୍ଷରୁ ମଧ୍ୟ ଅନୁରୂପ ଦାବି ହୋଇଥିଲା।



ବରପାଲି ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ସାଧୁତା, ସ୍ୱଚ୍ଛତା ବଜାୟ ରଖିବାକୁ ସଂକଳ୍ପ

ସୋନପୁର,୨୬।୧୦(ନି.ପ୍ର.)

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୂଣ୍ୟ ଜନ୍ମ ତିଥି ଅବସରରେ ସମଗ୍ର ଦେଶରେ ସ୍ପେଶାଲ ଭିଜିଲାନ୍ସ କମିଶନରଙ୍କ ନିର୍ଦ୍ଦେଶରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି। ଏହିକ୍ରମରେ ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲାରେ ସପ୍ତାହ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ମଙ୍ଗଳବାର ଜିଲା ପ୍ରଶାସନ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀଙ୍କୁ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଦୁର୍ନୀତିର ମଳୋତ୍ପାଟନ କରିବା ପାଇଁ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିନାଦ୍ୱିଧାରେ ଏବଂ ବିବେକାନୁମୋଦିତଭାବେ କର୍ତ୍ତବ୍ୟ ସମ୍ପାଦନ କରି ଜନସାଧାରଣଙ୍କୁ ମୂଲ୍ୟବୋଧ ଭିତ୍ତିକ ସେବା ଯୋଗାଇଦେବା ପାଇଁ ଦାଶ ଶପଥ ପାଠ କରାଇଥିଲେ। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର, ସହକାରୀ ଜିଲାପାଳ, ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ଭିଜିଲାନ୍ସ ବିଭାଗର ତୁଷାର କାନ୍ତ ମହାପାତ୍ର, ନନ୍ଦ କିଶୋର ବରର୍ତ୍ତି, ବିଷ୍ଣୁପ୍ରସାଦ ଜାଲ ଓ ଦିଲ୍ଲିପ କୁମାର ଭୂୟାଁ ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି ଜିଲା ପୋଲିସ ମୁଖ୍ୟାଳୟ ଓ ରିଜର୍ଭ ପୋଲିସ ଅଫିସରେ ଭିଜିଲାନ୍ସ ସଚେତନତା ସପ୍ତାହ ମଙ୍ଗଳବାର ପାଳିତ ହୋଇଯାଇଛି। ଏସ୍‌ପି ସୀତାରାମ ଶତପଥୀ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ।




ଏସ୍‌ପି ସୀତାରାମ ଶତପଥୀ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଉଛନ୍ତି।

# କଫ ସିରପ୍ ଜବତ, ୨ ଗିରଫ

ପଦ୍ମପୁର ୨୬.୧୦:(ଡିଏନଏ)

କଫ ସିରପ ଚାଲାଣ କରୁଥିବା ବେଳେ ପଦ୍ମପୁର ଥାନା ପୋଲିସ ମଙ୍ଗଳବାର ବରିକେଲ ଗାଁ ମୁଣ୍ଡରେ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଇକମାଳ ସଡକପଡାର ଥବୀର ପ୍ରଧାନ ଓ ନରସିଂହପଡାର କିଶୋର ହଂସ। ସେମାନଙ୍କଠାରୁ ଏକ ବାଇକ୍ (ନଂ.ଓଡି୧୭କେ/୪୩୭୪), ୨୦ଲିଟର କଫ ସିରପ ମିଶ୍ରଣ ଜାର, ୪୦ଟି ଏସକଫ ବୋତଲ, ୨ଷ୍ଟ୍ରିପ ଏଲପ୍ରାଓିନ ଟାବଲେଟ, ନଗଦ ୨୫୬୦ ଟଙ୍କା, ଗୋଟିଏ ମୋବାଇଲ ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ.୨୪୩/୨୧) ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଚିଟଫଣ୍ଡ୍ ଠକେଇ, ଜମାକାରୀଙ୍କ ସମାବେଶ

ବରଗଡ଼ ଅଫିସ୍,୨୬।୧୦

ଚିଟଫଣ୍ଡ ଠକେଇର ସମ୍ମୁଖୀନ ହୋଇଥିବା ଜମାକାରୀମାନେ ଏପର୍ଯ୍ୟନ୍ତ ସେମାନଙ୍କ ଜମାରାଶି ଫେରସ୍ତ ପାଇନାହାନ୍ତି। ଚିଟ୍‌ଫଣ୍ଡ ସଂସ୍ଥାଗୁଡ଼ିକ ନାନା ପ୍ରଲୋଭନ ଦେଖାଇ ପ୍ରଥମେ ଠକିଲେ ଏବଂ ପରବର୍ତ୍ତୀ ସମୟରେ ସରକାର ଭୂଆଁ ବୁଲାଇ ଜମାକାରୀଙ୍କୁ ଠକିଛନ୍ତି। ଏଭଳି ଅଭିଯୋଗ କରି ସରକାରଙ୍କ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଜମାକାରୀମାନେ ପୁଣି ରଣନୀତି ଆରମ୍ଭ କରିଛନ୍ତି। ଏହି କ୍ରମରେ ମଙ୍ଗଳବାର ବରଗଡ଼ ସମତା ଭବନରେ ଜମାକାରୀଙ୍କ ଏକ ସମାବେଶ ହୋଇଥିଲା। ପ୍ରକୃତ ଜମାକାରୀଙ୍କ ଟଙ୍କା ଫେରସ୍ତ ଦାବିରେ ଜିଲାବ୍ୟାପୀ ପ୍ରତି ତହସିଲସ୍ତରରେ ଗଣ ସତ୍ୟାଗ୍ରହ ପାଇଁ ସମାବେଶରେ ନିଷ୍ପତ୍ତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ନଭେମ୍ବର ୧୦ରେ ପଦ୍ମପୁର ତହସିଲ ଏବଂ ୧୧ରେ ବରଗଡ଼ ତହସିଲସ୍ତରରେ ଗଣ ସତ୍ୟାଗ୍ରହ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ଜିଲାର ୧୨ତହସିଲ ଅନ୍ତର୍ଗତ ଶତାଧିକ ଜମାକାରୀ ଉପସ୍ଥିତ ଥିଲେ। କ୍ଷତିଗ୍ରସ୍ତ ମିଳିତ ମଞ୍ଚର ରାଜ୍ୟ ସଭାପତି ଜୟନ୍ତ ଦାସ, ସମ୍ପାଦକ ମଧୁସୂଦନ ବିଶ୍ୱାଳ, ଅନୁରାଧା ସୁବୁଦ୍ଧି, ସୁଧାଂଶୁ ବେହେରା, କୃଷକ ନେତା ଲିଙ୍ଗରାଜ ପ୍ରଧାନ, ରମେଶ ମହାପାତ୍ର, ଝାରସୁଗୁଡ଼ାର ଯୁବନେତା ଜୀବନ ସାର୍ଥକ ଦାସ, ଗୌରୀ ଶଙ୍କର ସାହୁ, ସୁଶାନ୍ତ ମହାପାତ୍ର, ସୁଶାନ୍ତ ଆଚାର୍ଯ୍ୟ, ସୋମେଶ ପଟେଲ, ଜଗନ୍ନାଥ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଚିଟ୍‌ଫଣ୍ଡ ଠକେଇର ଶିକାର ହୋଇଥିବା ଜମାକାରୀମାନେ ସେମାନଙ୍କ ଜମାରାଶି ଯେଭଳି ଫେରି ପାଇବେ, ସେ ନେଇ ବୈଠକରେ ଆଲୋଚନା ହୋଇଥିଲା।

# ଜଳଯୋଗାଣ କର୍ମଚାରୀଙ୍କ ବୈଠକ

ସରଣ୍ଡା,୨୬।୧୦(ଡି.ଏନ.ଏ)

ଅତାବିରା ବ୍ଲକ ସରଣ୍ଡା ଶିବମନ୍ଦିରରେ ମଙ୍ଗଳବାର ଏସ୍‌ଇଏମ୍ ଓ ଗ୍ରାମୀଣ ଜଳଯୋଗାଣ କର୍ମଚାରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତାବିରା ବ୍ଲକ ସଙ୍ଗଠନର ସଭାପତି ଦୁର୍ଗାପ୍ରସାଦ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଚୂଡ଼ାମଣି ଦୀପଙ୍କ ସମେତ ବ୍ଲକର ୨୪ଟି ପଞ୍ଚାୟତରେ କାର୍ଯ୍ୟରତ ଜଳଯୋଗାଣ କର୍ମଚାରୀମାନେ ଯୋଗ ଦେଇଥିଲେ। ଜଳଯୋଗାଣ କର୍ମଚାରୀଙ୍କ ପ୍ରମୁଖ ଦାବିଗୁଡ଼ିକୁ ସରକାର ଶୁଣୁ ନ ଥିବାରୁ ସେମାନେ ଅତାବିରା ବ୍ଲକର ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଣ ବନ୍ଦ କରିଛନ୍ତି। ଦାବି ପୂରଣ ନ ହେଲେ ଅତାବିରା ବ୍ଲକରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜଳଯୋଗାଣ ବନ୍ଦ ରହିବ ବୋଲି ସଂପାଦକ ଦୀପ ଜଣାଇଛନ୍ତି। ଏ ନେଇ ମଙ୍ଗଳବାର ଅତାବିରା ବିଡ଼ିଓଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି ।

# ସଙ୍କୁଳସ୍ତରୀୟ ଯୁବ ରେଡକ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ପାଇକମାଳ,୨୬।୧୦(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ସ୍ଥିତ ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜଠାରେ ରେଡ଼କ୍ରସର ସଙ୍କୁଳସ୍ତରୀୟ ତିନିଦିନିଆ ତାଲିମ ଓ ଶିକ୍ଷା ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏଥିରେ ଶ୍ୟାମଲାଲ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡକ୍ରସ ପତାକା ଉତ୍ତୋଳନ କରଥିଲେ। ଏହି ଅବସରରେ ଯୁକ୍ତ ୩ ମହାବିଦ୍ୟାଳୟର ଅଧକ୍ଷ ଲୋହିତ କୁମାର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧାପକ ପ୍ରଦୀପ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଥମ ଅଧିବେଶନରେ ଝାରବନ୍ଧ ଡିଗ୍ରୀ କଲେଜର ଅଧାପକ ଖ୍ୟାତିମୟ ତ୍ରିପାଠୀ ବିଶେଷଜ୍ଞ ଭାବେ ଯୋଗଦେଇ ରେଡ଼କ୍ରସ୍‌ର ଇତିହାସ, ଲକ୍ଷ୍ୟ, ଆଭିମୁଖ୍ୟ ବୁଝାଇଥିଲେ। ଦ୍ୱିତୀୟ ଅଧିବେଶନରେ ପାଇକମାଳ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ପ୍ରଫେସର ଡକ୍ଟର ମାନଭଞ୍ଜନ ପଣ୍ଡା ପ୍ରାଥମିକ ଚିକସା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ପରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିବିରରେ ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜ, ବିନ୍ଧ୍ୟବାସିନୀ ଜୁନିୟର କଲେଜ, ମାଣ୍ଡୋସିଲ ଡିଗ୍ରୀ କଲେଜ, ମାଣ୍ଡୋସିଲ ଜୁନିୟର କଲେଜ, ଝାରବନ୍ଧ ଡିଗ୍ରୀ କଲେଜ, ଝାରବନ୍ଧ ଜୁନିୟର କଲେଜ, ଜୁନିୟର କଲେଜର ମୋଟ ୮ଜଣ କାଉନସେଲର ଓ ୨୨ଜଣ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି। ଚିନ୍ତାମଣି ମିଶ୍ର, ଦୟାସାଗର ନାୟକ, ସବିତା ଭୋଇ, ରଶ୍ମି ମହାଲିଙ୍ଗ, ଡେକାନ୍ତ ନାୟକ, ପ୍ରେମସାଗର ସାହୁ, ଅଧାପକ ଦେବରାଜ ସାହୁ, ଅଧାପିକା ପୁଷ୍ପମଞ୍ଜରୀ ପ୍ରଧାନ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ଅଧାପକ ପ୍ରଭାତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣି ଅଭାବରୁ ଧାନ ଚାଷ ନଷ୍ଟ ଆଶଙ୍କା

ଜୁନାଗଡ,୨୬।୧୦(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଇନ୍ଦ୍ରାବତୀ ଦକ୍ଷିଣ କେନାଲ ଅଧୀନରେ ଥିବା ତଳଜାରିଙ୍ଗ ଓ ଜୁନାଗଡ ଡିଷ୍ଟ୍ରିବ୍ୟୁଟାରୀ ଅଞ୍ଚଳରେ ଚାଷ ହୋଇଥିବା ଧାନ ଫସଲ ଏବେ କେନାଲ ପାଣି ଅଭାବରୁ ମରିବାକୁ ବସିଲାଣି। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ଚାଷୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ଯ କୌଣସି ସୁଫଳ ମିଳି ପାରିନାହିଁ। ବର୍ତ୍ତମାନ ଧାନ ଫସଲ ପାଇଁ ପାଣିର ଆବଶ୍ୟକତା ରହିଛି। ଆଉ କିଛି ଦିନ ମଧ୍ୟରେ ଯଦି କେନାଲ ପାଣି ନ ଆସେ ତାହେଲେ ଧାନ ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ଯାହାକୁ ନେଇ ଚାଷୀ ମହଲରେ ଭାଳେଣି ପଡିଯାଇଛି। ଯଥାଶୀଘ୍ର କେନାଲରେ ପାଣି ଦେବା ପାଇଁ ସ୍ଥାନୀୟ ଚାଷୀ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଓ ଦକ୍ଷିଣ କେନାଲ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଦାବି ପୂରଣ ନ ହେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସେମାନେ ଜୁନାଗଡ ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ଗଠିତ

ବାଉଁଶୁଣୀ,୨୬।୧୦(ଡି.ଏନ.ଏ.)

ବୌଦ୍ଧ ବ୍ଲକ ତେଲିବନ୍ଧ ଗ୍ରାମ ପଞ୍ଚାୟତସ୍ଥିତ ଚନ୍ଦ୍ରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମାତାପିତା ଓ ଶିକ୍ଷକ ସଂଘ ବୈଠକ ଛାତ୍ର ଅଭିଭାବକ ରଙ୍କଧର କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଶିକ୍ଷା ଷ୍ଟାଣ୍ଡିଙ୍ଗ କମିଟିର ଉପାଧକ୍ଷ ଧନଞ୍ଜୟ ପ୍ରଧାନ, ଷ୍ଟାଣ୍ଡିଙ୍ଗ କମିଟି ସଦସ୍ୟ ଅଶୋକ କୁମାର ଘିବେଲା ଓ ସୁବାସ ରଣା , ଗଣମାଧ୍ୟମ ପ୍ରତନିଧି ନବକୁମାର ମେହେର ଉପସ୍ଥିତ ଥିଲେ। ସିଆରସି ସି ରାଜକୁମାର ପ୍ରଧାନ ବିଦ୍ୟାଳୟ ପରିଚାଳନା କମିଟି ଗଠନ ଉପରେ ଆଲୋଚନା କରିଥିଲେ। ପିତାମାତାଙ୍କ ମଧ୍ଯରୁ ଫଗୁ ସେଠୀ, ରଞ୍ଜନ ପ୍ରଧାନ, ଆଶୁତୋଷ ଜେନା, ବ୍ରଜମୋହନ ପ୍ରଧାନ, ଉମେଶ ଜେନା, ରଙ୍କଧର କର୍ଣ୍ଣ, ଝିଲି ସେଠୀ, ସଂଯୁକ୍ତା ପଣ୍ଡା, ଅଞ୍ଜଳୀ ସାହୁ, ସରୋଜିନୀ କର୍ଣ୍ଣ, ଅହଲ୍ୟା ସେଠୀ ଓ ଗୌରୀ ସ୍ୱାଇଁ ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ । ବ୍ରଜମୋହନ ପ୍ରଧାନ ଚେୟାର ପର୍ସନ ଓ ସଂଯୁକ୍ତା ପଣ୍ଡା ଭାଇସ ଚେୟାର ପର୍ସନ ଭାବରେ ମନୋନୀତ ହୋଇଥିଲେ । ଅତିଥିମାନେ ପିଲାମାନେ ନିୟମିତ ପାଠ ପଢି ଆସିବା ଓ ବିଦ୍ୟାଳୟ ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା ଉପରେ ବକ୍ତବ୍ୟ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତବାସ ନାୟକ ଧନ୍ୟବାଦ ଦେଇଥିଲେ।

# ପୋଲିସ ଉପରକୁ ଶାଢ଼ି, ଚୁଡ଼ି ଫିଙ୍ଗିଲେ

ବରଗଡ଼ ଅଫିସ୍,୨୬।୧୦

### ମମିତା, ଗୋବିନ୍ଦ କୁମ୍ଭାର ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଦାବି

କଳାହାଣ୍ଡି ଜିଲା ଗୋଲମୁଣ୍ଡା ବ୍ଲକ ମହାଲିଙ୍ଗ ଘରୋଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ମମିତା ମେହେର ଏବଂ ବରଗଡ଼ ସହର ଉପକଣ୍ଠ ତୋରା ଗ୍ରାମର ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଦାବି ନେଇ ଆନ୍ଦୋଳନ ଜୋର୍ ଧରିଛି। ଉଭୟ ମାମଲାରେ ପୋଲିସର ଅପାରଗତା ଅଭିଯୋଗ ନେଇ ବରଗଡ଼ ଜିଲା ଭାଜପା ମହିଳା ମୋର୍ଚ୍ଚା ମଙ୍ଗଳବାର ଅଭିନବ ପ୍ରତିବାଦ କରିଥିଲା। ମହିଳା ମୋର୍ଚ୍ଚାର ଶତାଧିକ କର୍ମୀ ବିକ୍ଷୋଭ ଶୋଭାଯାତ୍ରାରେ ଆସି ବରଗଡ଼ ଟାଉନ ଥାନା ଘେରାଉ କରିବା ସହିତ ପୋଲିସ ଉପରକୁ ଶାଢ଼ି, ଚୁଡ଼ି ଫିଙ୍ଗିଥିଲେ।

ବରଗଡ଼ ଗୋଶାଳା ଛକରୁ ଜିଲା ମହିଳା ମୋର୍ଚ୍ଚାର ସଭାନେତ୍ରୀ ସୁନନ୍ଦା ମେହେର ଏବଂ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କୁ ନେତୃତ୍ୱରେ ମହିଳା ମୋର୍ଚ୍ଚାର କର୍ମୀମାନେ ବିକ୍ଷୋଭ ଶୋଭାଯାତ୍ରାରେ ବରଗଡ଼ ଟାଉନ ଥାନାକୁ ଆସିଥିଲେ। ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଥାନା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଫଳରେ କିଛି ସମୟ ଧରି ମହିଳା ମୋର୍ଚ୍ଚା କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଶେଷରେ ମହିଳା ମୋର୍ଚ୍ଚା କର୍ମୀମାନେ ଶାଢ଼ି, ଚୂଡ଼ି, ଅଳିତା, ପାନିଆ ଆଦି ଥାନା ଭିତରକୁ ଫିଙ୍ଗି ପ୍ରତିବାଦ କରିଥିଲେ।




ଭାଜପା ମହିଳା ମୋର୍ଚ୍ଚାର ବିକ୍ଷୋଭ ଶୋଭାଯାତ୍ରା।

## ସ୍କୁଲ ପରିଚାଳନା କମିଟି ଗଠିତ

ପଦ୍ମପୁର,(ଡିଏନଏ): ପଦ୍ମପୁର ଏନଏସି ଅଧୀନ କଣ୍ଡାପଡ଼ା ସ୍ଥିତ ଚନ୍ଦ୍ରାବତୀ ମେହେର ବିଦ୍ୟାଳୟରେ ଯୁଧିଷ୍ଠିର ବାରିକଙ୍କ ସଭାପତିତ୍ୱରେ ମଙ୍ଗଳବାର ଶିକ୍ଷକ ଓ ଅଭିଭାବକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ଶିକ୍ଷାବର୍ଷ ପାଇଁ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇଥିଲା। ସର୍ବସମ୍ମତି କ୍ରମେ କଣ୍ଢୁରାଣୀ କରିହା ସଭାପତି, ରୂପେଶ୍ୱରୀ ତାଣ୍ଡିଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିଲା। ସିଆରସିସି ଶେଷଦେବ ସାହୁ, ବାବୁଲୁ ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ବିବେକାନନ୍ଦ ମହାପାତ୍ର, ସହକାରୀ ଶିକ୍ଷକ ବିଭୂତି ସତପଥି, ନଳିନୀ ସାହୁ, ସଙ୍ଗୀତା ଲୁହାର, ଦମୟନ୍ତୀ ମେହେର, ଅଞ୍ଜଳି ଦାଶ, ଅଞ୍ଜଳି ସାହୁ, ଅପର୍ଣ୍ଣା ପାତ୍ର, ପୂଜା ପୁରବୀ ବହିଦାର, ବାବିନା ଚାନ୍ଦ ଉପସ୍ଥିତ ଥିଲେ।

# ସୁବର୍ଣ୍ଣପୁର ଜିଲା: ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ

ସୋନପୁର,୨୬।୧୦(ନି.ପ୍ର.)

ଆପତ୍ତି ଅଭିଯୋଗ ପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲାସ୍ତରରେ ୱାର୍ଡମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ଏବଂ ବ୍ଲକ ଅଧକ୍ଷ ପଦବି ଲାଗି ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଜିଲାରେ ପ୍ରକାଶିତ ସଂରକ୍ଷିତ ତାଲିକା ଅନୁଯାୟୀ ମୋଟ ୧୩ଟି ଜିଲା ପରିଷଦ ଆସନରୁ ୩ଟି ଅନୁସୂଚିତ ଜାତି, ଗୋଟିଏ ଅନୁସୂଚିତ ଜନଜାତି, ୨ଟି ପଛୁଆ ବର୍ଗ ଓ ୭ଟି ଅଣସଂରକ୍ଷିତ ରହିଛି । ସେହିପରି ୭ଟି ଆସନ ମହିଳା ମାନଙ୍କ ପାଇଁ ସଂରକ୍ଷିତ ଅଛି । ଜିଲା ପରିଷଦ ସଭ୍ୟ ଆସନରେ ଉଲୁଣ୍ଡା ଜୋନ୧ ଅନୁସୂଚିତ ଜାତି ମହିଳା, ଜୋନ-୨ ପଛୁଆବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଡୁଙ୍ଗୁରିପାଲି ଜୋନ-୧ ଅଣସଂରକ୍ଷିତ ମହିଳା, ଜୋନ-୨ ଅନୁସୂଚିତ ଜନଜାତି ମହିଳା ଓ ଜୋନ-୩ ଅଣସଂରକ୍ଷିତ ରହିଛି । ତରଭା ଜୋନ-୧ ପଛୁଆବର୍ଗ, ଜୋନ-୨ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ବିନିକା ଜୋନ-୧ ଅନୁସୂଚିତ ଜାତି ମହିଳା ଓ ଜୋନ-୨ ଅଣସଂରକ୍ଷିତ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ଜଣାପଡିଛି। ବୀରମହାରାଜପୁର ଜୋନ-୧ ଅଣସଂରକ୍ଷିତ, ଜୋନ-୨ ଅଣସଂରକ୍ଷିତ ମହିଳାଙ୍କ ପାଇଁ ରହିଛି। ସେହିପରି ସୋନପୁର ଜୋନ-୧ ଅଣସଂରକ୍ଷିତ ଓ ଜୋନ-୨ ଅଣସଂରକ୍ଷିତ ରହିଛି। ଜିଲାର ୬ଟି ପଞ୍ଚାୟତ ସମିତି ଅଧକ୍ଷ ସଂରକ୍ଷଣ ଆସନ ତାଲିକା ମଧ ପ୍ରକାଶ ପାଇଛି । ଏଥିରେ ଉଲୁଣ୍ଡା ଅନୁସୂଚିତ ଜାତି ମହିଳା, ଡୁଙ୍ଗୁରିପାଲି ଅନୁସୂଚିତ ଜନଜାତି ମହିଳା, ତରଭା ଅଣସଂରକ୍ଷିତ ମହିଳା, ବିନିକା ଅଣସଂରକ୍ଷିତ, ବୀରମହାରାଜପୁର ଅନୁସୂଚିତ ଜାତି ଓ ସୋନପୁର ଅଣସଂରକ୍ଷିତ ରହିଛି । ସେହିପରି ଜିଲାର ୧୦୯ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ସମସ୍ତ ୱାର୍ଡ ସଭ୍ୟଙ୍କ ଚୂଡ଼ାନ୍ତ ଆସନ ସଂରକ୍ଷଣ ତାଲିକା ମଧ ପ୍ରକାଶ ପାଇଛି। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ଏବେ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି।

# ମେହେର ସମାଜର ପ୍ରତିବାଦ ରାଲି

ଅମରପାଲି,୨୬।୧୦(ଡି.ଏନ.ଏ)



ବୀରମହାରାଜପୁରରେ ଉପଖଣ୍ଡ ମେହେର ସମାଜ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା।

**ମମିତା ମେହେର ହତ୍ୟା ଘଟଣା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ମେହେର ସମାଜ ତରଫରୁ ମହାଲିଙ୍ଗ ସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣାର ପ୍ରତିବାଦ କରାଯାଇଛି। ଉକ୍ତ ହତ୍ୟା ଘଟଣାର ସିବିଆଇ ତଦନ୍ତ ସହ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଫାଶୀ ଏବଂ ଘଟଣାରେ ସମ୍ପୃକ୍ତ ଥିବା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ଏକ ପ୍ରତିବାଦ ଶୋଭାଯାତ୍ରା ବୀରମହାରାଜପୁର ଉପଖଣ୍ଡ ମେହେର ସମାଜ ପକ୍ଷରୁ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାତଦଫା ସମ୍ବଳିତ ଦାବିପତ୍ର ବୀରମହାରାଜପୁର ଉପଜିଲାପାଳଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ମୃତା ମମିତା ମେହେରଙ୍କ ପରିବାରକୁ ୨କୋଟି ଟଙ୍କାର କ୍ଷତିପୂରଣ ସହିତ ତାଙ୍କ ଭାଇଙ୍କୁ ସରକାରୀ ଚାକିରି ବ୍ୟବସ୍ଥା, ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସମ୍ପତ୍ତି ବ୍ୟାଜାପ୍ତି କରି ଏହାର ଅର୍ଦ୍ଧେକ ଅଂଶ ପୀଡିତାଙ୍କ ପରିବାରକୁ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ସମାଜର କର୍ମକର୍ତ୍ତାମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ବାହାରି ସହର ପରିକ୍ରମା କରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ଆଗାମୀ ଦିନରେ ସମାଜ ପକ୍ଷରୁ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୁବର୍ଣ୍ଣପୁର ଜିଲା ମେହେର(ଭୁଲିଆ)ସମାଜ ସଭାପତି ସୌମିତ୍ରୀ ମେହେରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ମେହେର ଭୁଲିଆ ସମାଜ ବୀରମହାରାଜପୁର କେନ୍ଦୁପାଲି ଆଞ୍ଚଳିକ କମିଟି ସଭାପତି ତ୍ରିଲୋଚନ ମେହେର, ସମ୍ପାଦକ ଶତ୍ରୁଘ୍ନ ମେହେର, କୋଷାଧ୍ୟକ୍ଷ ପୀତାମ୍ବର ମେହେର, ହୃଷିକେଶ ମହେର, ପରେଶ କୁମାର ମେହେର, ବେଦବ୍ୟାସ ମେହେର, ସାଫି ମେହେର ସାମିଲ ଥିଲେ।

# ମା'ଙ୍କ ହତ୍ୟାକାରୀକୁ ଧରିବା ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୁଅ

ବୌଦ୍ଧ,୨୬।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲା ପୁରୁଣାକଟକ ଥାନା ରାଜିଙ୍ଗ ଗ୍ରାମର ରାସେଶ୍ୱରୀ ସାମଲଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଏଥିସହ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ମଙ୍ଗଳବାର ମୃତାଙ୍କ ପୁଅ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୁଅ ବିଭୀଷଣ ସାମଲଙ୍କ ଅଭିଯୋଗ ଅନୁଯାୟୀ, ଗତ ସେପ୍ଟେମ୍ବର ୨୯ ତାରିଖ ରାତିରେ ରାଜିଙ୍ଗ ଗ୍ରାମର ରାସେଶ୍ୱରୀ ତାଙ୍କ ଘର ଦାଣ୍ଡପିଣ୍ଡାରେ ବସି ପୂଜା ଦେଖୁଥିଲେ। କିନ୍ତୁ ପରଦିନ ଅର୍ଥାତ ୩୦ ତାରିଖରେ ତାଙ୍କର ମୃତଦେହ ନିଜ ଘର ପଛପଟେ ଥିବା ଏକ କୂଅରୁ ଉଦ୍ଧାର କରାଯାଇଥିଲା। କୂଅ ଉପରେ ପଡିଥିବା ଲୁହା ଗ୍ରୀଲ ଏପଟ ସେପଟ ହୋଇ ନ ଥିବା ବେଳେ ଭିତରୁ ମହିଳାଙ୍କ ମୃତଦେହ ଉଦ୍ଧାର ହେବା ନେଇ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ଏନେଇ ବିଭୀଷଣ ପୁରୁଣାକଟକ ଥାନାରେ ଲିଖିତ ଜଣାଇବା ପରେ ପୋଲିସ ଅଭିଯୋଗ ରଖି ନ ଥିଲା। ଅଭିଯୋଗ ଲେଖାଯିବା ପରେ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତେବେ ତଦନ୍ତରେ କୌଣସି ଅଗ୍ରଗତି ନ ହେବାରୁ ମୃତାଙ୍କ ପୁଅ ଏସପି ଜ୍ଞାନ ରଞ୍ଜନ ମହାନ୍ତିଙ୍କୁ ଭେଟି ଅଭିଯୋଗ କରିଥିବା ଜଣାଯାଇଛି। ଘଟଣା ଦିନ ମହିଳା ଜଣକ ଲଗାଇଥିବା ସମସ୍ତ ସୁନା ଗହଣା ଗାଏବ ହୋଇ ଯାଇଥିବା ବେଳେ ତାଙ୍କ ଚପଲ କୂଅଠାରୁ କିଛି ଦୂରରେ ପଡିଥିବା ଗ୍ରାମର ଜଣେ ମହିଳା ସୂଚନା ଦେଇଥିବା ପରିବାର ପକ୍ଷରୁ କୁହାଯାଇଛି। କିନ୍ତୁ ପୋଲିସ ଏହାକୁ ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ କରାଯାଇଛି। ପୁରୁଣାକଟକ ଥାନା ଅଧିକାରୀ ଜ୍ୟୋତ୍ସ୍ନା କାଉଁରୀ କହିଛନ୍ତି ଘଟଣାର ତଦନ୍ତ ଚାଲୁ ରହିଛି।

## ଚୋରା ଗଞ୍ଜେଇ ସହ ବୋଲେରୋ ଜବତ: ଦୁଇ ଗିରଫ

କେସିଙ୍ଗା, ୨୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହରଠାରୁ ୧ କି.ମି. ଦୂର ଏଫସିଆଇ ନିକଟରେ ଏକ ବୋଲେରୋ ଗାଡିରୁ ୬୧ କେଜି ୧୩୨ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ମନୁ କୁମାର ଓ ମଙ୍ଗେ କୁମାରଙ୍କୁ ଗିରଫ କରାଯାଇଛି। ଉକ୍ତ ବୋଲେରୋ (ନଂ ଓଆର ୦୫ଏଇ ୧୩୦୬) ଯୋଗେ ଜୟପୁରଠାରୁ ରାଞ୍ଚି ଅଭିମୁଖେ ଗଞ୍ଜେଇ ଚାଲାଣ ହେବା ନେଇ କୌଣସି ସୂତ୍ରରୁ କେସିଙ୍ଗା ପୋଲିସ ଖବର ପାଇ ଏଫସିଆଇ ଛକ ନିକଟରେ ଜଗିଥିଲା। ପୋଲିସ କର୍ମଚାରୀମାନେ ଉକ୍ତ ବୋଲେରୋ ଅଟକାଇ ଯାଞ୍ଚ କରି ସେଥିରୁ ଗଞ୍ଜେଇ ସହ ଗାଡିକୁ ଜବତ କରିଥିଲେ।

**URGENT REQUIRED**
District & Block Nodal Officer in each district of Odisha required for providing training & certification as per FSSAI, Govt. of India. Qualification: 10th, +2, Graduate with Computer Skill.
Contact: 8800319622, 9438383998

**WANTED**
Institute in Ganjam District needs -
- TEACHERS in Science, Math. for 7th to 10+2.
- MARKETING MANAGER
Contact: 7675964726 or atniranjan@gmail.com

# ମମିତା ହତ୍ୟା ଘଟଣା: କଂଗ୍ରେସର ଧାରଣା

ଲାଞ୍ଜିଗଡ,୨୬।୧୦(ଡି.ଏନ.ଏ.)

ମମିତା ମେହେର ହତ୍ୟାକାଣ୍ଡର ସିବିଆଇ ତଦନ୍ତ ସହ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଫାଶୀ ଏବଂ ଘଟଣାରେ ଛନ୍ଦି ହୋଇ ପଡିଥିବା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ମଙ୍ଗଳବାର କଳାହାଣ୍ଡି ଜିଲା କଂଗ୍ରେସ ଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତିନିଦିନ ଧରି ଧାରଣା ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲାର ୧୩ ଗୋଟି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ଧାରଣାରେ ବସିଛନ୍ତି। ଲାଞ୍ଜିଗଡ ବ୍ଲକ କଂଗ୍ରେସ ସଭାପତି ହରିହର କୁମାରଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଠାରୁ ଗୁରୁବାର ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବା ସହ ତୁରନ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ବ୍ଲକ ସଭାପତି କୁମାର ଚେତାବନୀ ଦେଇଛନ୍ତି। ଧାରଣାରେ ବ୍ଲକ ମହିଳା ସଭାନେତ୍ରୀ ଉର୍ମିଳା ନାଗ, ଉଦ୍ଧବ ମାଝୀ,ମୁଲୁ ମାଝୀ, ସୁଧୀର ହରିଜନ, ରାମନାଥ ହରିଜନ,ଉମ୍ବରୁଧର ସାହୁ, ଦିନେଶ ହରିଜନ, ଭୀମସେନ ସାହୁ,ବେଣୁଧର ବେହେରା, ଇଲୋଚନ ସାହୁଙ୍କ ସମେତ ଦଳୀୟ କର୍ମୀ ମାନେ ସାମିଲ ଥିଲେ।

**NEHRU YUVA KENDRA SANGATHAN, SAMBALPUR**
(Department of Youth Affairs, Ministry of Youth Affairs and Sports, Govt. of India)
**DECLAMATION CONTEST 2021-2022**
Nehru Yuva Kendra Sangathan is going to organize Declamation Contest on "Patriotism & Nation Building" with the theme - "Sabka Saath, Sabka Vikas, Sabka Vishwas, Sabka Prayas (Together we grow, Together we prosper, Together we try, Together we build strong and inclusive India)" at Block (Screening only), District, State & National level as part of Republic Day Celebration's - 2022. Eligible youth in the age group of 18-29 years may participate in the Block level screening and District Level Contests. Languages for the contest is Hindi or English. The 1st Prize winners from District level Contest would be invited to participate in next higher level of competition. The 1st, 2nd and 3rd Prize winners at District, State & National level Declamation Contest will be awarded cash prize & Certificates. For more details visit NYKS website - **www.nyks.nic.in** OR contact the office of District Youth Officer, Nehru Yuva Kendra, Sambalpur e-mail-**nyksambalpur@gmail.com** and Mob. 0663-2690258, 7978623491 (between 10.00 A.M. to 5.00 P.M. on working days) for submission of duly filled in application form and other details. Last date to receive application is **07.11.2021**.
**Sd./- by Marianus Bilung, Office of District Youth Officer, Nehru Yuva Kendra, Sambalpur, Anguliapara, Ainthapali, Sambalpur, Odisha - 768004**

**LIC SAMBALPUR DIVISIONAL OFFICE "JEEVAN PRAKASH"**
**AINTHAPALI, SAMBALPUR-768004**
**WANTED OFFICE PREMISES ON LEASE**
LIC of India intends to hire office premises from the individual/ firms on lease basis admeasuring 1500 sq.ft Carpet area [ ± 5% variation in areas is acceptable] which are in ready- to- occupy condition preferably on Ground or Ground and First floor for Satellite Office at DEOGARH, Dist- Deogarh (Odisha)-768108. The preferred location of the premises shall be nearer to Railway Station/ Bus Stand. For complete details and bid documents please log on to **www.licindia.co.in** and go to **"Property"** and click on the link **"Advertisement for Requirment of office premises at DEOGARH (Odisha) on lease basis"**
LIC of India reserves the right to accept or reject any or all offers in full/ part without assigning any reasons whatsoever
Date. 27.10.2021 — **Sd/- Sr. Divisional Manager**

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
AIIMS/BBSR/ENGG/ELE-2021/BURN UNIT/120 — Dated: 25th Oct 2021
**NOTICE INVITING E-TENDER**
The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and Commissioning for Intercom System of New Constructed Burn Unit building at Hospital Complex, AIIMS, Bhubaneswar."** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.**
Sd/-
Executive Engineer (Electrical)
AIIMS, Bhubaneswar

# ସମସ୍ତ ସରକାରୀ କାର୍ଯ୍ୟରେ ସାଧୁତା ବଜାୟ ରଖିବାକୁ ଆହ୍ୱାନ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶପଥ ପାଠ କରାଯାଉଛି ।

**ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ**

ବୌଦ୍ଧ,୨୬।୧୦(ସ୍ୱ.ପ୍ର.)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ଶପଥ ପାଠ ଉତ୍ସବ ମଙ୍ଗଳବାର ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଲିୟାରସିଂହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲାପାଳ ମିଶ୍ର ଏହି ସପ୍ତାହ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ସମସ୍ତ ସରକାରୀ ସେବା ସାଧୁତା ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଜିଲାପାଳ ସମସ୍ତ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲାପାଳ ଅଶ୍ୱନୀ କୁମାର ମେହେର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର, ସହକାରୀ ଜିଲାପାଳ ଅବନୀକାନ୍ତ ସାହୁ, ଝରଣା ପ୍ରଧାନ, ନିଜାରତ ଅଧିକାରୀ ବିରଞ୍ଚି ନାରାୟଣ ଧରୁଆ, ଜିଲା ସମାଜ ମଙ୍ଗଳ ଅଧିକାରୀ ଲକ୍ଷପତି ଭୋଇ, ଜିଲା ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାସ ,ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା, ଅଫିସ ସୁପରିଟେଣ୍ଡେଣ୍ଟ ଜେମସ ନାଏକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସତ୍ୟବ୍ରତ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିସହ ଜିଲାର ସମସ୍ତ କାର୍ଯ୍ୟାଳୟ, ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁରୂପ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀମାନେ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ।

**idco** | **ODISHA NEW OPPORTUNITIES**
**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWER, BHUBANESWAR**
Tender Call Notice No. File No. IDCO/HO-P&C/O-3125/04/2021/V-1/17780 — Dated: 22.10.2021
**NOTICE INVITING TENDER THROUGH e-Procurement**
No. CAD-1555: **Name of the Work :** Supply, Installation, Testing & commissioning of 6 Nos. 16 Passenger & 2 Nos. Goods (1088 Kg.) Lifts with microprocessor controlled VVVF drive for a speed of 1.5 m/s including the cost of Comprehensive maintenance of lifts for 5 years after completion of guarantee period of one year at Office-cum-Commercial Complex, Badmal, Jharsuguda.
**Period of Completion: 3 (Three) Calendar Months**

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/EST/E-31/2021-22 | 17.00 hours of Dt.29.10.2021 | 17.00 hours of Dt.22.11.2021 |

Further details can be seen from the e-Procurement Portal: **www.tendersodisha.gov.in.** and Corrigendum if any will be published in Newspapers and can only be seen in the e-Procurement portal as well as in IDCO website.
**OIPR-14003/11/0084/2122** — **Sd./- Chief General Manager (P&C), IDCO, Bhubaneswar**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**CENTRAL RURAL WORKS CIRCLE, BHUBANESWAR**
**CORRIGENDUM**
No. 4849 — Date: 22.10.2021
**2nd Corrigendum to Bid Identification No. Tender - Online - C.C. 21 of 2021**
**Dated 21.09.2021 invited vide this office Lr. No. 4370 dated 21.09.2021**
No. O-859: The date of availability of tender, date of opening of Technical Bid & Financial Bid of PMGSY (Balance Works) invited vide this office N.I.T. No. Tender-Online-C.C.-21 of 2021 Dt.21.09.2021 issued vide this office Lr. No. 4370 Dt.21.09.2021 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & time of submission of original financial instrument along with affidavit regarding correctness of information | Date & time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.-21 of 2021 | 23.09.21 at 11.00 A.M. | 25.11.21 upto 5.00 P.M. | 23.11.21 upto 3.00 P.M. | 29.11.2021 to 01.12.2021 Upto 5.00 P.M. (During Office Hour) | 26.11.2021 at 11.00 A.M. | To be intimated lateron |

All other conditions remain unaltered.
**OIPR-25082/11/0027/2122** — **Chief Construction Engineer, Central Rural Works Circle, Bhubaneswar**

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1540 — OSIC GST No. 21AAACO2101M1Z1
**QUOTATION CALL NOTICE**
Quotation Call Notice No.4494 — Dt.25.10.2021
Sealed quotations are invited from interested Firms / Persons having GST No. along with PAN for **sale of Non-moving / unserviceable materials** of about 57.51 MT strictly on **"as is where is basis"** lying at different Regional Branch Offices of the Corporation. The date of commencement of the tender is ***25.10.2021*** and the last date of submission of quotation through Registered Post/Speed Post is by ***08.11.2021*** by **2.00 P.M.**, the quotations will be opened on **the same day at 3:00 PM** in the presence of the representative of the Bidders. The detailed Quotation Call Notice can be downloaded from our website (**www.osicltd.in**). The undersigned reserves the right to either accept or reject any or all of the quotations without assigning any reason thereof.
Sd/-
OIPR-14073/11/0050/2122 — **MANAGING DIRECTOR**

# ଆନ୍ଦୋଳନକୁ ଓହ୍ଲାଇଲା କୃଷକ ସଂଘ




ଚାଷୀମାନେ ଏକ ଶୋଭାଯାତ୍ରାରେ ବିନିକା ସହରରେ ପରିକ୍ରମା କରୁଛନ୍ତି।

- ଶୋଭାଯାତ୍ରାରେ ସାମିଲ ହେଲେ ୧୬ ପଞ୍ଚାୟତର ଚାଷୀ
- ୧୧ଦଫା ପୂରଣ ନ ହେବା ଯାଏ ସଂଗ୍ରାମ ଜାରି ରହିବ

ବିନିକା,୨୬।୧୦(ଡି.ଏନ୍.ଏ.)

ବିଭିନ୍ନ ଦାବି ନେଇ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ୧୬ପଞ୍ଚାୟତର ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗଣେଷ କୃଷକ ସଂଘ ସଭାପତି ଅଜିତ କୁମାର ପଣ୍ଡାଙ୍କ ନେତୃତ୍ୱରେ ମଙ୍ଗଳବାର ଚାଷୀମାନେ ଯୋଗେଶ୍ୱର ମନ୍ଦିରରେ ଏକ ବୈଠକରେ ସାମିଲ ହୋଇଥିଲେ। ସଂଗଠନ ଉପଦେଷ୍ଟା ପ୍ରମୋଦ ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ ସେଠାରୁ ଏକ ଶୋଭାଯାତ୍ରାରେ ଚାଷୀମାନେ ଏକ ଶୋଭାଯାତ୍ରାରେ ତହସିଲ ଅଭିମୁଖେ ଯାଇଥିଲେ। ସଂଗଠନ ସମ୍ପାଦକ ଆଶିଷ ମଲ୍ଲିକ, ଆବାହକ ଦେବାଶିଷ ଦାଶ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ତହସିଲ ଅଫିସ ସମ୍ମୁଖରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ଦଫା ସମ୍ବଳିତ ଦାବିପତ୍ର ତହସିଲଦାର ଅଲେଖ ଘୁଟାଙ୍କୁ ପ୍ରଦାନ କରାଯାଇଥିଲା।

ପ୍ରମୁଖ ଦାବିଗୁଡିକ ହେଲା ଧାନ ବିକ୍ରି ଅବଧିରେ ପୂର୍ଣ୍ଣକାଳୀନ ଟୋକନ ବ୍ୟବସ୍ଥା, ଚାଷୀ ଉତ୍ପାଦିତ ସମସ୍ତ ଧାନକ୍ରୟ, ମଣ୍ଡିକୁ ଚାଷୀଙ୍କ ଧାନ ଆସିବା କ୍ଷଣି କିଣାଯିବା, ଧାନର ମାନ ଆରଏମ୍‌ସି କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ହେବା, ବିନିକା ଏନ୍‌ଏସି ଅଞ୍ଚଳର ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ କରଯିବା। ଦାବିପତ୍ରର ଏକକିତା ନକଲ ଯୋଗାଣ ଓ ଖାଉଟୀ, କୃଷି, ସ୍ଥାନୀୟ ବିଧାୟକ, ଏମ୍‌ପି ବଲାଙ୍ଗୀର ଓ ଜିଲାପାଳଙ୍କ ଅବଗତି ନିମନ୍ତେ ପଠାଯାଇଥିଲା। ପରେ ପାପକ୍ଷୟଠାରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା । ସରକାର ୧୧ଦଫା ଦାବି ପୂରଣ ନ କରିବା ଯାଏ ଚାଷୀମାନେ ସଂଗ୍ରାମ ଜାରି ରଖିବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା।

**ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼**
ସଂଖ୍ୟା 2321/ ତାରିଖ 26.10.21
**ବିଜ୍ଞାପନ**
ଏତଦ୍ୱାରା ଟିଟିଲାଗଡ଼ ପୌର ପରିଷଦର ସମସ୍ତ ଜନସାଧାରଣ, ଦୋକାନୀ, ବ୍ୟବସାୟୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜଲାରାମ ଲଜ୍ ନିକଟସ୍ଥ ନୂତନ ନିର୍ମିତ ଦୋକାନ ଗୃହ (ଜଲାରାମ ମାର୍କେଟ କମ୍ପ୍ଲେକ୍ସ)ଗୁଡିକର ସିଲ୍‌ଡ ଟେଣ୍ଡର ନିମନ୍ତେ ନିମ୍ନମତେ ଓ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଦୋକାନ ଗୃହ ପାଇବା ପାଇଁ ଭାଗ ନେଇପାରିବେ। ଟେଣ୍ଡର କାଗଜାତ ପତ୍ରଗୁଡିକ କାର୍ଯ୍ୟାଳୟରୁ ଟ୧୦୦୦/- ମୂଲ୍ୟ ପଇଠ କରି କିମ୍ବା ଉକ୍ତ ସମାନ ରାଶିର ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ପଇଠ କରିପାରିବେ ଏବଂ ଫର୍ମ ପାଇପାରିବେ, ଯାହା ଅଣଫେରସ୍ତ ଅଟେ। ସଂରକ୍ଷିତ ନିଲାମ ଓ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟରେ ପୃଥକ୍ ଭାବେ କୌଣସି ଜାତୀୟକରଣ ବ୍ୟାଙ୍କ ମାଧ୍ୟମରେ ଯାହା Executive Officer, Titilagarh Municipalityଙ୍କ ନାମ ଅନୁସାରେ କାର୍ଯ୍ୟାଳୟରେ ପକାଇପାରିବେ। ସମସ୍ତ କାଗଜାତ ପତ୍ରଗୁଡିକ ସ୍ପିଡ୍ ପୋଷ୍ଟ / ରେଜିଷ୍ଟ୍ରେସନ ପୋଷ୍ଟ / କୋରିଅର ସର୍ଭିସ/ ବ୍ୟକ୍ତିଗତ ଭାବେ ଆବେଦନ ଫର୍ମରେ ସମସ୍ତ ତଥ୍ୟ ଉଲ୍ଲେଖ କରି ତା୧୦।୧୧।୨୦୨୧ ସମୟ ଅପରାହ୍ନ ୦୫ ଘଣ୍ଟା ମଧ୍ୟରେ ପକାଇପାରିବେ (ଛୁଟିଦିନ ବ୍ୟତୀତ)। ଏହି ନିଲାମ ପତ୍ରଗୁଡିକ ତା୧୧।୧୧।୨୦୨୧ ସମୟ ପୂର୍ବାହ୍ନ ୧୧ ଘଣ୍ଟାରେ କାର୍ଯ୍ୟାଳୟରେ ଖୋଲାଯିବ। ଉକ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଆବଶ୍ୟକସ୍ଥଳେ ରଦ୍ଦ କରିପାରିବେ।

| | |
|---|---|
| ଟେଣ୍ଡର କାଗଜାତ ପତ୍ରର ପ୍ରାପ୍ତ ସମୟ | ତା୨୭।୧୦।୨୦୨୧ରୁ ତା୧୦।୧୧।୨୦୨୧ ପର୍ଯ୍ୟନ୍ତ |
| ଟେଣ୍ଡର କାଗଜାତ ପତ୍ରର ଦାଖଲ ସମୟ | ତା୨୮।୧୦।୨୦୨୧ରୁ ତା୧୦।୧୧।୨୦୨୧ ପର୍ଯ୍ୟନ୍ତ, ସମୟ ଅପରାହ୍ନ ୦୫ ଘଣ୍ଟା ମଧ୍ୟରେ |
| ଟେଣ୍ଡର ଖୋଲିବାର ତାରିଖ ଓ ସମୟ | ତା୧୧।୧୧।୨୦୨୧ ସମୟ ପୂର୍ବାହ୍ନ ୧୧ ଘଣ୍ଟା |

**ଜଲାରାମ ମାର୍କେଟ କମ୍ପ୍ଲେକ୍ସ**

| କ୍ର. ନଂ. | ଦୋକାନ ଗୃହର ଆକାର | ଦୋକାନ ଗୃହର ନମ୍ବର | ଦୋକାନ ଗୃହର ସଂଖ୍ୟା | ଟେଣ୍ଡର ସଂରକ୍ଷିତ ରାଶି | ଅମାନତ ରାଶି | ମାସିକ ଭଡ଼ା |
|---|---|---|---|---|---|---|
| ୧ | ୧୦'.୦" x ୧୦'.୦" | ୧୯ରୁ ୨୩ | ୦୫ | ଟ୩,୫୦,୦୦୦ (ତିନି ଲକ୍ଷ ପଚାଶ ହଜାର ମାତ୍ର) | ଟ୩୫,୦୦୦ (ପଇଁତିରିଶ ହଜାର ମାତ୍ର) | ଟ୪,୫୦୦ (ଚାରି ହଜାର ପାଞ୍ଚଶହ ମାତ୍ର) |

**ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ଟିଟିଲାଗଡ଼**

**OFFICE OF THE NOTIFIED AREA COUNCIL, BINKA**
**Dist.- Subarnapur (PIN - 767016)**
**Email ID: nacbinika@gmail.com, Phone/Fax: 06654-241113**
**E-Tender Call Notice No. 2304/22.10.2021**
**Tender Reference No. BINKA-NAC-02/2021-22**
Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | | |
|---|---|---|---|
| 1 | Type of the work | : | Civil Work |
| 2 | No. of Works | : | 16 Nos. |
| 3 | Estimated Cost | : | As per DTCN |
| 4 | Period of Completion | : | As per DTCN |
| 5 | Date & time of Bidding from | : | Dtd.27.10.2021 after 10.00 A.M. |
| 6 | Last date & time for receipt online | : | Dtd.06.11.2021 upto 05.00 P.M. |
| 7 | Documents will be received by Post/O/o. Executive Officer on or before | : | Dtd.15.11.2021 upto 05.30 P.M. |
| 8 | Bids received shall be opened on | : | Dtd.16.11.2021 at 11.00 A.M. |
| 9 | Name and address of the Officer Inviting Bid | : | Executive Officer, Binka N.A.C. |

Further details can be seen from the procurement portal i.e. **www.tendersorissa.gov.in**.
**Sd./- Executive Officer**
**Notified Area Council, Binka**